NITIDIN
ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20
8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
13 SEPTEMBER 2025
ଶନିବାର
୧୩ ସେପ୍ଟେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 120 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୧୨୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ଆଜି ମଣିପୁର ଆସୁଛନ୍ତି ମୋଦୀ

## ହିଂସା ପରେ ପ୍ରଥମଥର ପାଦ ରଖିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୨।୯/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୩ ଅର୍ଥାତ୍ ଆସନ୍ତାକାଲି ଜାତିଆଣ ହିଂସା ଅଧ୍ୟୁଷିତ ମଣିପୁର ଅଭିମୁଖେ ଗସ୍ତ କରିବେ। ଏଠାରେ ପ୍ରଧାନମନ୍ତ୍ରୀ ପ୍ରାୟ ୮୫୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ତଥା ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ମେ’ ୨୦୨୩ରୁ ମଣିପୁର

### କରିବେ ୮୫୦୦ କୋଟି ବ୍ୟୟବରାଦିତ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ




ଅଶାନ୍ତ ହୋଇପଡ଼ିବା ପରଠାରୁ ପ୍ରଧାନମନ୍ତ୍ରୀ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ବଡ଼ ମନ୍ତ୍ରୀ କିମ୍ବା ନେତା ଏଠାକୁ ଆସିନାହାନ୍ତି। ସିଧାସଳଖ କହିଲେ ମଣିପୁର ହିଂସା ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ମଣିପୁର ଗସ୍ତ ହେବାକୁ ଯାଉଛି। ମଣିପୁରରେ କୁକି ଏବଂ ମୈତେଇ ଜନଜାତି ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ତଥା ହିଂସାକାଣ୍ଡ ମଣିପୁରକୁ ଅଶାନ୍ତ କରିଦେଇଥିଲା। ସମୟକ୍ରମେ ଏଠାରେ ପ୍ରାୟ ଉଭୟ ଗୋଷ୍ଠୀ ପକ୍ଷରୁ ମୃତ ସଦସ୍ୟଙ୍କ ସଂଖ୍ୟା ୨୬୦କୁ ବୃଦ୍ଧି ପାଇଥିଲା। ତେବେ ଗତ କିଛି ମାସ ମଧ୍ୟରେ ଉଭୟ ସମ୍ପ୍ରଦାୟ ମଧ୍ୟ କୌଣସି ହିଂସାକାଣ୍ଡ ଘଟିନାହିଁ। ମଣିପୁରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ସୁତରାଂ ମଣିପୁରରେ ଏବେ କିଛି ମାତ୍ରାରେ ଶାନ୍ତି ରହିଛି।

ଦିନକ ପୂର୍ବେ ମଣିପୁର ମୁଖ୍ୟ ସଚିବ ପୁନିତ କୁମାର ଗୋୟଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଏଠାରେ ଶାନ୍ତି ଓ ବିକାଶର ପଥ ପ୍ରଶସ୍ତ କରିବ। ପ୍ରଧାନମନ୍ତ୍ରୀ ଶନିବାର ମିଜୋରାମର ରାଜଧାନୀ ଆଇଜଲ୍‌ରୁ ବାହାରି ମଧ୍ୟାହ୍ନ ୧୨:୩୦ ସୁଦ୍ଧା ମଣିପୁରର ଚୁଡ଼ାଚାନ୍ଦପୁର ଠାରେ ପହଞ୍ଚିବେ। ସର୍ବପ୍ରଥମେ ଚୁଡ଼ାଚାନ୍ଦପୁରରେ ସେ ବିସ୍ଥାପିତ ଲୋକଙ୍କ ସହିତ ଆଲୋଚନା କରିବେ ଏବଂ ୭୩୦୦ କୋଟି ଟଙ୍କା ବ୍ୟୟବରାଦିତ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିବେ। ସେହିପରି ଅପରାହ୍ନ ପ୍ରାୟ ୨:୩୦ମିନିଟ୍ ସମୟରେ ସେ ମୈତେଇ ବହୁଳ ଇମ୍ଫାଲ୍‌ର ୧୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଏକ ସାଧାରଣ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ।

ଏସବୁ ମଧ୍ୟରେ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି। ମୋଦୀଙ୍କ ମଣିପୁର ଗସ୍ତର ଦୁଇ ଦିନ ପୂର୍ବରୁ ଅର୍ଥାତ୍ ଗୁରୁବାର ଉଖ୍ରୁଲ ଜିଲ୍ଲା ଫୁଙ୍ଗ୍ୟାର ନିର୍ବାଚନମଣ୍ଡଳୀର ଅନ୍ୟୂନ ୪୩ ବିଜେପି ସଦସ୍ୟ ସମୂହ ଇସ୍ତଫା ଦେଇଛନ୍ତି। ଦଳ ଭିତରେ ଚାଲିଥିବା କାର୍ଯ୍ୟକୁ ନେଇ ସେମାନେ ଅତ୍ୟନ୍ତ ଚିନ୍ତିତ। ତୃଣମୂଳସ୍ତରର ନେତାଙ୍କ ପ୍ରତି ଦଳରେ ସମ୍ମାନ ନାହିଁ କି ସେମାନଙ୍କ ସହ ପରାମର୍ଶ କରାଯାଉନଥିବା ଅଭିଯୋଗ ପୂର୍ବକ ସେମାନେ ଇସ୍ତଫା ଦେଇଛନ୍ତି। ନାଗାବହୁଳ ଏହି ନିର୍ବାଚନମଣ୍ଡଳୀରେ ଇସ୍ତଫା ଦେଇଥିବା ବିଜେପି ସଦସ୍ୟଙ୍କ ମଧ୍ୟରେ ମଣ୍ଡଳ ସଭାପତି, ମହିଳା, ଯୁବ ଓ କିଷାନ ମୋର୍ଚ୍ଚା ମୁଖ୍ୟ ପ୍ରମୁଖ ରହିଛନ୍ତି।

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ପ୍ରଧାନମନ୍ତ୍ରୀ ମୋଦୀ ସେପ୍ଟେମ୍ବର ୧୩ରୁ ୧୫ପର୍ଯ୍ୟନ୍ତ ୨ ଦିନିଆ ଗସ୍ତରେ ବିଭିନ୍ନ ରାଜ୍ୟକୁ ଗସ୍ତ କରିବେ, ଯେଉଁଥିରେ ମିଜୋରାମ, ମଣିପୁର, ଆସାମ, ପଶ୍ଚିମବଙ୍ଗ ଏବଂ ବିହାର ଭଳି ରାଜ୍ୟଗୁଡ଼ିକ ସାମିଲ ରହିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ମିଜୋରାମରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ଆଇଜଲରେ ୯,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ। ▶▶ ୫

# ଲାଞ୍ଚନେଇ ଧରାପଡ଼ିଲେ ତହସିଲଦାର

## ୨୦୧୯ରେ ହୋଇଥିଲେ ଓଏଏସ୍ ଟପ୍ପର୍



**କଟକ,୧୨।୯/ଏନ୍‌ଏନ୍‌ଏସ୍:**

ଲାଞ୍ଚନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଜିଲ୍ଲା ବାମରା ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା। ତହସିଲଦାର ଶ୍ରୀ ପଣ୍ଡା ୨୦୧୯ରେ ଓଏଏସ୍ ଟପ୍ପର୍ ହୋଇଥିଲେ।

ସୂଚନା ମୁତାବକ ବାମରା ବ୍ଲକ ଗୋବିନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର ଏକ ଜମି ମ୍ୟୁଟେସନ୍ ଓ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ତେବେ ଏହି କାମ କରିବା ପାଇଁ ଲାଞ୍ଚ ମାଗିଥିଲେ ତହସିଲଦାର ଶ୍ରୀ ପଣ୍ଡା। ଏନେଇ ଉକ୍ତ ବ୍ୟକ୍ତି ଜଣଙ୍କ ସମ୍ବଲପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଅଭିଯୋଗକାରୀ ୧୫ ହଜାର ଟଙ୍କା ନେଇ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡାଙ୍କୁ ଦେଇଥିଲେ। ତହସିଲଦାର ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ତହସିଲଦାର ଶ୍ରୀ ପଣ୍ଡାଙ୍କ ସହିତ ତାଙ୍କ ଡ୍ରାଇଭର୍ ପ୍ରବୀଣ କୁମାରଙ୍କୁ ନେଇ ଅଧିକ ପଚରାଉଚରା କରାଯିବା ସହ ଡ୍ରାଇଭର ପ୍ରବୀଣ କୁମାରଙ୍କୁ ଗିରଫ କରିଛି ଭିଜିଲାନ୍ସ। ତାଙ୍କ ମାଧ୍ୟମରେ ଲାଞ୍ଚ ନେଇଥିଲେ ତହସିଲଦାର। ଲାଞ୍ଚ ନେଇ ଧରାପଡ଼ିବା ପରେ ଅଶ୍ୱିନୀ କୁମାର ପଣ୍ଡାଙ୍କ ଭୁବନେଶ୍ୱରର ମେ’ ଫେୟାର୍ ରୋଡ୍‌ସ୍ଥିତ ବାସଭବନରେ ଚଢ଼ଉ କରାଯାଇଥିଲା। ସେଠାରୁ ଭିଜିଲାନ୍ସ ୪.୭୩ ଲକ୍ଷ ଟଙ୍କା ଜବତ କରିଛି। ଚଢ଼ଉ ଜାରି ରହିଥିବା ଜଣାପଡ଼ିଛି।

### ଭିଜିଲାନ୍ସ ଜାଲରେ ଶ୍ରମ ଅଧିକାରୀ



**ନୟାଗଡ଼,୧୨।୯/ଏନ୍‌ଏନ୍‌ଏସ୍:**

ଶ୍ରମ କାର୍ଡ କରାଇ ଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ନୟାଗଡ଼ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ବ୍ୟକ୍ତିଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛି। ବିରୁଡ଼ା ଗାଁର ଶ୍ରମିକ ନେତା ଭୁବନ ଚାନ୍ଦ ହାତୀଙ୍କ ଠାରୁ ସେ ୬ ହଜାର ଟଙ୍କା ଲାଞ୍ଚନେବା ବେଳେ ଧରାପଡ଼ିଥିଲେ। ଶ୍ରମ ଅଧିକାରୀ ଶ୍ରୀ ରାଉତ ଗୋଟିଏ ଶ୍ରମ କାର୍ଡ ପିଛା ୩୦୦ ଟଙ୍କା ଲେଖାଏଁ ଲାଞ୍ଚ ▶▶ ୫

# ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ଆଇଏଏସ୍ ସ୍ତରରେ ଛୋଟ ଅଦଳବଦଳ ହୋଇଛି। ବିଜୟ ଅମୃତ କୁଲାଙ୍ଗେ ପଶୁପାଳନ ଓ ପଶୁ ଚିକିତ୍ସା ସେବା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଅଞ୍ଜନା ପଣ୍ଡାଙ୍କୁ ଆୟୁଷ ନିର୍ଦ୍ଦେଶିକା ଭାବେ ବଦଳି ହୋଇଛି।

### ଅଞ୍ଜନା ପଣ୍ଡାଙ୍କୁ ଆୟୁଷ ନିର୍ଦ୍ଦେଶିକା, କୁଲାଙ୍ଗେ ପଶୁପାଳନ ବିଭାଗ ନିର୍ଦ୍ଦେଶକ

ଏନେଇ ଶୁକ୍ରବାର ରାଜ୍ୟ ସାଧାରଣ ପ୍ରଶାସନ ବିଭାଗରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ ଆଇଜିଆର୍ କଟକର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ପରମଜିତ୍ ନାୟକଙ୍କୁ ଅବସ୍ଥାପିତ କରାଯାଇଛି। ତେବେ ବିଜୟ ଅମୃତ କୁଲାଙ୍ଗେ ପଶୁପାଳନ ଓ ପଶୁ ଚିକିତ୍ସା ସେବା ନିର୍ଦ୍ଦେଶକ ସହ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

### ଏକ୍ ପେଡ୍ ମା’ କେ ନାମ୍ ୨.୦

# ଅଭିଯାନରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ଏକ୍ ପେଡ୍ ମା’ କେ ନାମ୍ ୨.୦ ଅଭିଯାନ’। ପରିବେଶ, ପ୍ରକୃତି ଧରିତ୍ରୀ ମା’ର ସୁରକ୍ଷା ପାଇଁ ଏକ ଦୃଢ଼ ସଂକଳ୍ପ। ଓଡ଼ିଶାରେ ୭୫ ଲକ୍ଷ ଚାରାରୋପଣର ମହତ ଲକ୍ଷ୍ୟ ନେଇ ୧୭ ସେପ୍ଟେମ୍ବର ୨୦୨୫ରେ ଆୟୋଜିତ ▶▶ ୫

### ରାଜ୍ୟବାସୀଙ୍କୁ ମିଳିବ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା

# କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଆରମ୍ଭ ହେବ ଟ୍ରମା କେୟାର୍ ୟୁନିଟ୍

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ରାଜ୍ୟବାସୀଙ୍କୁ ମିଳିବ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଉଛି ଅନେକ ପଦକ୍ଷେପ। ତେବେ କ୍ୟାପିଟାଲ୍ ହସ୍ପିଟାଲ୍ ପିଜିଆଇଏମ୍‌ଇଆର୍ ସମେତ ରାଜ୍ୟରେ ଅନେକ ସ୍ଥାନରେ ନବନିର୍ମିତ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ଯାହାକୁ ନେଇ ଆଖପାଖ ଜିଲ୍ଲାର ଅନେକ ଲୋକମାନେ ସ୍ୱାସ୍ଥ୍ୟ ସେବାରେ ଲାଭବାନ ହୋଇପାରିବେ। ଆସନ୍ତା ୧୭ ତାରିଖରେ ସାରା ଭାରତରେ ନୂତନ ଟ୍ରମା କେୟାର୍ ସେଣ୍ଟର୍ ଶୁଭାରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଟ୍ରମା କେୟାର୍ ସେଣ୍ଟର୍ ପ୍ରସ୍ତୁତ ହୋଇରହିଛି। ଭର୍ଚୁଆଲ୍ ମୋଡ୍‌ରେ ଟ୍ରମା କେୟାର୍ ୟୁନିଟ୍ ଓ ଅନ୍ୟାନ୍ୟ ବିଭାଗକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ସୂଚନା




ମିଳିଛି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ। ଏହି ଅବସରରେ ରାଜ୍ୟବାସୀଙ୍କୁ ଗୁଣାତ୍ମକ ଓ ଅତ୍ୟାଧୁନିକ ଚିକିତ୍ସା ଭେଟିଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ହସ୍ପିଟାଲ୍ ପରିସର ଏନେଇ ଜୋରଦାର୍ ଚାଲିଛି ପ୍ରସ୍ତୁତି। ୨୦୨୨ ମସିହାରେ କ୍ୟାପିଟାଲ୍ ହସ୍ପିଟାଲ୍ ପରିସରରେ ୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ୫ ମହଲା ବିଶିଷ୍ଟ ଟ୍ରମା କେୟାର୍ ୟୁନିଟ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଏହି ସେଣ୍ଟର୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେଠାରେ ମୋଟ ୨୦୦ ଶଯ୍ୟା ରହିଛି। ଏହି ୟୁନିଟ୍‌ରେ ଅସ୍ଥିଶଲ୍ୟ, ସର୍ଜରୀ, ମଡ୍ୟୁଲାର୍ ଓଟି, ପ୍ଲାଷ୍ଟିକ୍ ସର୍ଜରୀ, ନିଶ୍ଚେତକ ବିଭାଗ ଓ ବିଭିନ୍ନ ରୋଗୀ ୱାର୍ଡ ରହିଛି। ୪ଟି ଜରୁରୀକାଳୀନ ଓଟିର ବ୍ୟବସ୍ଥା ରହିବ। ୮ ଶଯ୍ୟା ବିଶିଷ୍ଟ ଟ୍ରମା ଆଇସିୟୁରେ ରେଡିଓ ଡାଇଗ୍ନୋଷ୍ଟିକ୍ ଚିକିତ୍ସା ସେବା ମିଳିବ। ଟ୍ରମା କେୟାର୍ ସେଣ୍ଟର୍‌ରେ ୪ଟି ଫ୍ଲୋର୍ ରହିଛି। ଯେଉଁଥିରେ ଆଇସିୟୁ ମଧ୍ୟରେ ୧୨୦ ଜଣ ରୋଗୀଙ୍କ ପାଇଁ ଦୈନିକ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବିଭାଗରେ ▶▶ ୫

# ପୁଣି ଲଘୁଚାପ, ୧୫ ଯାଏ ବର୍ଷା

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ସୃଷ୍ଟିହେଲା ଲଘୁଚାପ। ପଶ୍ଚିମ କେନ୍ଦ୍ରୀୟ ଓ ପାଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଶୁକ୍ରବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ଲଘୁଚାପ ସକ୍ରିୟ ରହିଛି। ଦକ୍ଷିଣ ଓଡ଼ିଶା ଓ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳେ ଲଘୁଚାପ ସୃଷ୍ଟି ହୋଇଛି। ତେବେ ଲଘୁଚାପ ପ୍ରଭାବରେ ୧୫ ତାରିଖ ଯାଏ ବର୍ଷା ଥିବା ବେଳେ ଆଗାମୀ ୪୮ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜଣାପଡ଼ିଛି। ବିଶେଷ କରି ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସାରା ରାଜ୍ୟରେ ଝଟକା ପବନ ୩୦-୪୦ କିମି ବେଗରେ ବହିବ। ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ଓ ଝଡ଼ି ପବନ ପାଇଁ ୨ ଜିଲ୍ଲା ମାଲକାନଗିରି ଓ କୋରାପୁଟକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହାସହ ଅନ୍ୟସବୁ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା, ବିଜୁଳି ଘଡ଼ଘଡ଼ି ସହ ଝଟକା ପବନ ୩୦-୪୦ କିମି ବେଗରେ ବହିବାର ସମ୍ଭାବନା ରହିଛି। ଆସନ୍ତାକାଲି (୧୩ ତାରିଖ)ରେ କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ▶▶ ୫

### ନେପାଳକୁ ମିଳିଲା ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

# ଶପଥ ନେଲେ ସୁଶୀଳା କାର୍କି

**କାଠମାଣ୍ଡୁ, ୧୨।୯/ଏଜେନ୍ସି:**

ଶେଷରେ ନେପାଳକୁ ମିଳିଛି ନୂଆ ପ୍ରଧାନମନ୍ତ୍ରୀ। ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ସୁଶୀଳା କାର୍କି ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ଏଥିସହ ସୁଶୀଳା କାର୍କି ନେପାଳର ପ୍ରଥମ ମହିଳା ଅନ୍ତରୀଣ ପ୍ରଧାନମନ୍ତ୍ରୀ ହେବାର ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହାପୂର୍ବରୁ ସେ ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତି ହେବାର ମଧ୍ୟ ଗୌରବ ହାସଲ କରିଥିଲେ। ତେବେ ଶୁକ୍ରବାର ରାତିରେ ରାଷ୍ଟ୍ରପତି ଭବନ ଶୀତଳ ନିବାସରେ ରାଷ୍ଟ୍ରପତି ▶▶ ୫



# ବଜ୍ରପାତରେ ୩ ମୃତ, ଜଣେ ଆହତ

**ରାୟଗଡ଼ା,୧୨।୯/ଏନ୍‌ଏନ୍‌ଏସ୍:**

ରାୟଗଡ଼ା ବ୍ଲକ ବିଷ୍ଣୁଗୁଡ଼ା ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଏବଂ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। କପା ବାଡ଼ିରେ କାମ କରୁଥିବା ସମୟରେ ବଜ୍ରପାତ ହୋଇଥିଲା। ମୃତକଙ୍କ ମଧ୍ୟରେ ବିଷ୍ଣୁଗୁଡ଼ା ଗ୍ରାମର ମହିଳା କପା ଚାଷୀ ସମ୍ବାରୀ ପିଡ଼ିକା ଜଣା ପଡ଼ିଥିଲା ବେଳେ ଅନ୍ୟ ୨ଜଣ ଶ୍ରମିକଙ୍କ ପରିଚୟ ମିଳିପାରିନାହିଁ। ଆହତ ମହିଳାଙ୍କୁ ତୁରନ୍ତ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଛି।

### ମନି ଲଣ୍ଡରିଂ ମାମଲା

# ଅର୍ଚ୍ଚନା ନାଗଙ୍କ ଘର ସିଲ୍

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ଅର୍ଥ କାରବାରକୁ ନେଇ ଦୁଇ ବର୍ଷ ପୂର୍ବରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଅର୍ଚ୍ଚନା ନାଗଙ୍କ ଘରେ ପୁଣି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେଡ୍ କରିଛି। ଇଡିର ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ର ଯାଞ୍ଚ ସହ ଶୁକ୍ରବାର ଏହାକୁ ସିଲ୍ କରାଯାଇଛି। ଇଡି ଅର୍ଚ୍ଚନାଙ୍କୁ ପୂର୍ବରୁ ନୋଟିସ୍ ଜାରି କରି ଘର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଶୁକ୍ରବାର ସତ୍ୟବିହାରସ୍ଥିତ ଜି +୨ ବିଲ୍ଡିଂକୁ ମନି ଲଣ୍ଡରିଂ ଆଇନ -୨୦୦୨ ଆଧାରରେ ଆଟାଚ୍ କରିଛି। ଅର୍ଚ୍ଚନା ନାଗ ଏହି ଘଟଣାରେ ଉପସ୍ଥିତ ନଥିଲେ, କିନ୍ତୁ ତାଙ୍କ ପିତା ଏବଂ ଅନ୍ୟାନ୍ୟ ପରିବାର ସଦସ୍ୟମାନେ ଘରରେ ଉପସ୍ଥିତ ଥିଲେ। ଅର୍ଚ୍ଚନା ନାଗଙ୍କ ବିରୋଧରେ ଏହି ମାମଲା ୨୦୨୨ରୁ ଚାଲିଆସୁଛି। ତାଙ୍କ ଉପରେ ହନିଟ୍ରାପ୍ ଏବଂ ବ୍ୟବସାୟିକ ଅପହରଣର ଅଭିଯୋଗ ଲଗାଯାଇଛି। ଏହି ଘଟଣାରେ ଇଡି ପୂର୍ବରୁ ବି ଆକ୍ସନ ନେଇଥିଲା ଏବଂ ଏବେ ଘରକୁ ସିଲ୍ କରିବା ଦ୍ୱାରା ମାମଲାରେ ନୂଆ ଟ୍ୱିଷ୍ଟ ଆସିଛି।

ସୂଚନାଯୋଗ୍ୟ, ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ଆଇପିସିର



### ସତ୍ୟନଗରସ୍ଥିତ ଜି +୨ ବିଲ୍ଡିଂ ଆଟାଚ୍


ବିଭିନ୍ନ ଦଫା ସହ ଆଇଟି ଆକ୍ଟରେ ପୁଲିସ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଥିସହ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଏତଲା ଆଧାରରେ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨୦୨୨, ଅକ୍ଟୋବର ୬ରେ ଅର୍ଚ୍ଚନା ଗିରଫ ହୋଇ ଜେଲ୍ ଯାଇଥିଲେ। ଅର୍ଚ୍ଚନାଙ୍କ ବେଆଇନ ▶▶ ୫

### ରୌପ୍ୟନଗରୀ କଟକ ସହରରେ ଚହଟିଲାଣି ପାର୍ବଣର ବାସ୍ନା

# ଏଥର ଚମକିବ ୩୬ ଚାନ୍ଦି ମେଢ଼

**କଟକ,୧୨।୯/ଏନ୍‌ଏନ୍‌ଏସ୍:**

ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାଠାରୁ ଆରମ୍ଭ ହୁଏ ପାର୍ବଣ ଋତୁ। କଟକ ସହରରେ ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶେଷ ହୋଇଥିଲା ବେଳେ ଆସନ୍ତା ରବିବାର ତୃତୀୟ ତଥା ଶେଷ ପର୍ଯ୍ୟାୟ ଭସାଣି ଅନୁଷ୍ଠିତ ହେବ। ତେବେ ଦୁଇ ପର୍ଯ୍ୟାୟ ଗଣେଶ ପୂଜା ଭସାଣି ଯେଉଁଳି ଯାକଜମକରେ ଏଥର ପାଳିତ ହୋଇଛି ତାକୁ ପରଖିଲେ ଶାରଦୀୟ ଦୁର୍ଗାପୂଜା ବେଶ୍ ଜମିବ ବୋଲି ଅନୁମାନ କରାଯାଇପାରେ। ଗଣେଶ ପୂଜା ପରେ କଟକ ସହରର ସମସ୍ତ ପୂଜା କମିଟି ତତ୍ପର ହୋଇ ଉଠି ଶାରଦୀୟ ଦୁର୍ଗାପୂଜା ପାଇଁ। ଏଥର ବି ସେପରି ହୋଇଛି। କଟକ ନଗର ପୂଜା କମିଟି, ଶାନ୍ତି କମିଟି, ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହଜାର ବର୍ଷର ସହର କଟକରେ ଶାରଦୀୟ ପୂଜାକୁ ସ୍ମରଣୀୟ କରିବା ପାଇଁ ପୂଜା କମିଟିଗୁଡ଼ିକ ଅଣ୍ଟାଭିଡ଼ି କାମରେ ଲାଗିଯାଇଛନ୍ତି। ପୁଣ୍ୟତୋୟା ମହାନଦୀ ଓ କାଠଯୋଡ଼ି କୂଳରୁ ମାଟି ଉଠିଥିଲା ବେଳେ ମୃଣ୍ମୟ ମୂର୍ତ୍ତି ଗଢ଼ିବାରେ ଲାଗି ପଡ଼ିଛନ୍ତି କାରିଗର। କେତେକ ସ୍ଥାନରେ ମୂର୍ତ୍ତିଗୁଡିକ ଏକମାଟିଆ ହୋଇ ସାରିଥିବା ବେଳେ ଆଉ



### ୧୭୬ ମଣ୍ଡପରେ ପୂଜା ପାଇବେ ମା’ ଦୁର୍ଗା ଓ ଶିବପାର୍ବତୀ

### ଗୋପାଳଜିଉ ଲେନ୍ ମଠସାହି ଓ ଯୋବ୍ରାରେ ନୂଆକରି ଚାନ୍ଦି, ତେଲେଙ୍ଗାବଜାର ଓ ବୟାଳିଶମୌଜାରେ ପିତ୍ତଳ ଓ ରାଉସପାଟଣାରେ କାଚ ମେଢ଼

କେତେକ ସ୍ଥାନରେ ସରିଲାଣି ଦୋମାଟିଆ କାର୍ଯ୍ୟ। ସେହପରି ପ୍ରମୁଖ ପୂଜା କମିଟିଗୁଡ଼ିକ ତୋରଣ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ଏବେ ଚାଲିଛି ବାଉଁଶ କଟା କାର୍ଯ୍ୟକ୍ରମ। ଆସନ୍ତା ୨୨ତାରିଖ ଠାରୁ ମା’ଙ୍କ ପୀଠରେ ଶାରଦୀୟ ନବରାତ୍ରୀ ଆରମ୍ଭ ହେଉଛି। ଚଳିତବର୍ଷ ୧୭୬ ମଣ୍ଡପରେ ପୂଜା ପାଇବେ ମା’ ଦୁର୍ଗା ଓ ଶିବପାର୍ବତୀ। କଟକ ମହାନଗର ଅଞ୍ଚଳରେ ଚଳିତବର୍ଷ ୧୭୬ଟି ମେଢ଼ରେ ପୂଜା ହେବ। ହଜାର ବର୍ଷର ଐତିହ୍ୟ ସମ୍ପନ୍ନ ସହର ବାଉନ ବଜାର, ତେପନ ଗଳିର ସହର କଟକର ଗର୍ବ ଓ ଗୌରବ ହେଉଛି ବିଶ୍ୱ ପ୍ରସିଦ୍ଧ ତାରକସୀ କାର୍ଯ୍ୟ ଓ ଶାରଦୀୟ ପୂଜା। ପୂର୍ବରୁ କଟକ ସହର କେବଳ ମାତ୍ର କେତୋଟି ଚାନ୍ଦି ମେଢ଼କୁ ନେଇ ଦୀର୍ଘ ବର୍ଷ ଗର୍ବ କରି ଆସୁଥିଲା। ଏବେ କିନ୍ତୁ ସେ ଅବସ୍ଥା ନାହିଁ। ନିୟମିତ ବ୍ୟବଧାନରେ ବର୍ଷକୁ ବର୍ଷ ବଢୁଛି ଚାନ୍ଦିମେଢ଼ ସଂଖ୍ୟା। ଗତବର୍ଷ କଟକରେ ୩୪ ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା। ଏଥର ଏହି ତାଲିକାରେ ଗୋପାଳଜିଉ ଲେନ୍ ମଠସାହି ଓ ଯୋବ୍ରା ଯୋଡ଼ି ହୋଇଯାଇଛି। ଅର୍ଥାତ୍ ଚଳିତବର୍ଷ କଟକର ଦୁର୍ଗାପୂଜାରେ ୩୬ଟି ଚାନ୍ଦି ମେଢ଼ ଶୋଭାବର୍ଦ୍ଧନ କରିବ। ଏତଦ୍ ବ୍ୟତୀତ ତେଲେଙ୍ଗାବଜାର ଓ ବୟାଳିଶମୌଜାରେ ପିତ୍ତଳ ଏବଂ ରାଉସପାଟଣାରେ କାଚ ମେଢ଼ ନିର୍ମାଣ କରାଯାଇଛି। ଅପରପକ୍ଷେ ଅନେକ ମେଢ଼ରେ ସୁନା ବ୍ୟବହାର ମଧ୍ୟ ହୋଇଛି। ମଙ୍ଗଳବାଗ ଓ ଚୌଧୁରୀ ବଜାର ସୁନା ମେଢ଼ ଆଡ଼କୁ ଗତି କରୁଛି। ସେହିପରି ଜରିମେଢ଼ କାରୀଗରମାନେ ମଧ୍ୟ ମେଢ ତିଆରିରେ ଲାଗି ପଡ଼ିଛନ୍ତି। ଶହେରୁ ଅଧିକ ପୂଜାମଣ୍ଡପରେ ଶୋଭାପାଇବ ଜରି ଓ ଜମ୍ବୁରାରେ ସୂକ୍ଷ୍ମ କାରୁକାର୍ଯ୍ୟ ଭରା ସୁନେଲି, ରୁପେଲି ମେଢ଼। ଶରତରେ କାଶତଣ୍ଡୀର ସମ୍ଭାର ପାଇଁ ଏବେ ଧରଣୀ ହସୁଛି। କାଠଯୋଡ଼ି ଓ ମହାନଦୀର ପଠାରେ କାଶତଣ୍ଡୀ ଫୁଲ ସୁଲୁସୁଲୁ ପବନରେ ଦୋଳିଖେଳୁ ଥିଲା ବେଳେ ମା’ଦୁର୍ଗାଙ୍କ ଆବାହନ ପାଇଁ ପୂଜା ମଣ୍ଡପଗୁଡ଼ିକରେ ପ୍ରସ୍ତୁତି ଜୋର୍ ଧରିଛି। ଶାରଦୀୟ ପୂଜା ପାଇଁ ହଜାର ବର୍ଷର କଟକ ସହର ଚଳଚଞ୍ଚଳ ହୋଇଉଠିଛି। ରୌପ୍ୟନଗରୀ କଟକ ସହରରେ ଏବେ ପାର୍ବଣର ବାସ୍ନା ଚହଟିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

# ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରେ ରାଜଭାଷା ସପ୍ତାହ

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରେ ରାଜଭାଷା ସପ୍ତାହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସରଳ ଭାବଗତ ସଂଯୋଗ ସୁନିଶ୍ଚିତ କରିବା ଓ ଭାଷାଗତ ତାରତମ୍ୟକୁ ଦୂର କରିବା ପାଇଁ ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଚାର-ପ୍ରସାରର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ଶ୍ରୀ ତ୍ରିପାଠୀ ମଧ କହିଛନ୍ତି ଯେ ସରଳ ସଂଯୋଗ ପ୍ରଣାଳୀ ଓ ଭାରତରେ ଯୋଗାଯୋଗରେ ଥିବା ଭାଷାଗତ ତାରତମ୍ୟକୁ ହିନ୍ଦୀର ପ୍ରଚାର-ପ୍ରସାର ମାଧ୍ୟମରେ ସେତୁ ବନାଇପାରିବ। ସେ ଗୋଟିଏ ଭାଷାରେ ଯୋଗାଯୋଗର ଆବଶ୍ୟକତା ବିଷୟରେ ଉଲ୍ଲେଖ କରି ଭାରତୀୟ ସମିଧାନର ପ୍ରତି ଆମର ଦାୟିତ୍ୱ ପୁରଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ଓ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ରାଜଭାଷା ଅଧିକାରୀ ଉଷା ରାଣୀ ପରିଚାଳନା କରିବା ସହ ରାଜଭାଷା ବିଭାଗ ଦ୍ୱାରା ହିନ୍ଦୀର ବ୍ୟବହାର ବୃଦ୍ଧି ପାଇଁ ହୋଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ।




## ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍-୨୦୨୫

# ପୂର୍ବତଟ ରେଳପଥ ହକି ଟିମ୍ ଟାଇଟଲ୍ ବିଜେତା




**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ହକି ଟିମ ଓଡ଼ିଶା ହକି ସଂଘ ଦ୍ୱାରା ଆୟୋଜିତ ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍ ୨୦୨୫ର ଟାଇଟଲ ବିଜେତା ହୋଇଛି। ୬ ରୁ ୧୧ ସେପ୍ଟେମ୍ବରପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୩୬ଟି ଦଳ ଅଂଶଗ୍ରହଣ କରିଥିଲେ, ଯାହା ଓଡ଼ିଶାର ହକି ପ୍ରତିଭାର ଗଭୀରତା ଓ ପ୍ରସାରକୁ ପ୍ରଦର୍ଶନ କରିଥିଲା। ସୁନ୍ଦରଗଡ଼ ଦଳ ବିପକ୍ଷରେ ହୋଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ ପୂର୍ବତଟ ରେଳପଥ ହକି ଦଳ ଅଧିନାୟକଅମିତ ରୋହିଦାସଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଶ୍ରୀ ରୋହିଦାସଙ୍କ ଉଲ୍ଲେଖନୀୟ ହ୍ୟାଟ୍-ଟ୍ରିକ୍ ଗୋଲ୍ ଦଳକୁ ଏକ ସ୍ମରଣୀୟ ବିଜୟ ପ୍ରଦାନ କରିଥିଲା। ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବାର ଏକ ସମୃଦ୍ଧ ପରମ୍ପରା ରହିଛି। ବର୍ଷ ବର୍ଷ ଧରି ଏହି ଜୋନର କ୍ରୀଡ଼ାବିତ୍‌ମାନେ କେବଳ ଭାରତୀୟ ରେଳବାଇ ପାଇଁ ନୁହେଁ ବରଂ ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଏବଂ ଭାରତ ପାଇଁ ମଧ କ୍ରମାଗତ ଭାବରେ ଗୌରବ ଆଣିଛନ୍ତି। ଏହି ବିଜୟ ପୂର୍ବତଟ ରେଳପଥର କ୍ରୀଡ଼ା ଐତିହ୍ୟରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି ଏବଂ କ୍ରୀଡ଼ା ମାଧ୍ୟମରେ କ୍ରୀଡ଼ା ଉତ୍କର୍ଷତା, କ୍ରୀଡ଼ାବିତମାନଙ୍କର ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଏହାର ଅଟଳ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

# ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା ଉଦ୍‌ଘାଟିତ

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଭାରତର ୨୩ତମ ଭାରତୀୟ ବିଧି ଆୟୋଗ ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦିନେଶ ମାହେଶ୍ୱରୀଙ୍କ ଦ୍ୱାରା କିଟ୍ ଲ' ସ୍କୁଲରେ ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ଧରି ଚାଲିବାକୁ ଥିବା ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ମାହେଶ୍ୱରୀ କହିଥିଲେ ଯେ ଆଇନ୍ ଛାତ୍ରଛାତ୍ରୀ ସର୍ବଦା ସେମାନଙ୍କ ବୃତ୍ତିରେ ଉତ୍କର୍ଷତା ବଜାୟ ରଖିବା ଉଚିତ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ ଆଇନ୍ ଶିକ୍ଷାଲାଭ ସମୟରେ ଛାତ୍ରଛାତ୍ରୀଙ୍କୁ ମୁଟ୍ କୋର୍ଟ ପ୍ରତିଯୋଗିତାର ଯଥେଷ୍ଟ ଆବଶ୍ୟକତା ରହିଛି। ଆରବିଟ୍ରେସନ୍ ଆଜି କେବଳ ଏକ ବିକଳ୍ପ ବିବାଦ ସମାଧାନର ବ୍ୟବସ୍ଥା ହୋଇନାହିଁ, ଏହା ଆଇନଗତ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି ବୋଲି ସେ କହିଥିଲେ। ସର୍ବଦା ସ୍ପଷ୍ଟବାଦୀ, ସଠିକତା ଏବଂ ସମାଲୋଚନାମୂଳକ ଚିନ୍ତାଧାରା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀ ସ୍ପଷ୍ଟ ହେବାକୁ ଶିଖନ୍ତୁ, ପ୍ରଶ୍ନ ପଚାରି ଚାଲନ୍ତୁ, ସେମାନଙ୍କ ପାଇଁ ସଫଳତା ନିଶ୍ଚିତ ଆସିବ ବୋଲି ସେ କହିଥିଲେ। ଏହି ଅବସରରେ ସେ କୋର୍ଟ କାର୍ଯ୍ୟକଳାପରେ ନିଜକୁ ସଂପୂର୍ଣ୍ଣ ଭାବରେ ପ୍ରତିବଦ୍ଧ କରିବା ସହ ବିଶ୍ୱାସ ସୃଷ୍ଟି କରିବା ଏବଂ ଜଟିଳ ସୂଚନାରୁ ଅର୍ଥ ବାହାର କରିବାର କ୍ଷମତା ବିକଶିତ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଭଳି କାର୍ଯ୍ୟ ପାଇଁ ମୁଟ୍ କୋର୍ଟ ନିଶ୍ଚିତ ଭାବେ ସହାୟକ ହୋଇଥାଏ ବୋଲି ସେ କହିଥିଲେ।

ଜଷ୍ଟିସ୍ ମାହେଶ୍ୱରୀଙ୍କ ଦୁଇ ଦିନିଆ କିଟ୍ ଓ କିସ୍ ଗସ୍ତ ଅବସରରେ ଆଜି କିଟ୍‌ର ସମସ୍ତ କ୍ୟାମ୍ପସ ଓ କିସ୍‌ର ସମସ୍ତ ୟୁନିଟ୍ ପରିଦର୍ଶନ କରି କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଜଷ୍ଟିସ୍ ମାହେଶ୍ୱରୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିବା ସହ ତାଙ୍କର ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟି ଦର୍ଶନର ଉଦାହରଣ ଦେଇ କହିଲେ, ସଫଳତା ପାଇବାକୁ ହେଲେ ନକାରାତ୍ମକତା ବିରୋଧରେ ଏକାଠି ହେବାକୁ ପଡ଼ିବ।

କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାର ସହିତ ଆଇନ ପାଠ ପଢିବାକୁ ଉତ୍ସାହିତ କରି କହିଥିଲେ ଯେ ଆଇନ ଏକ କଷ୍ଟକର ବୃତ୍ତି। ଏହି ବୃତ୍ତିରେ ସଫଳତା ପାଇବାକୁ ହେଲେ ଆଇନ୍ ଛାତ୍ରଛାତ୍ରୀ ଦିନକୁ ୨୦ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିବ। ପ୍ରଫେସର ଏମେରିଟସ୍ ଏନ. ଏଲ୍. ମିତ୍ର ମୁଟ୍ କୋର୍ଟର ଇତିହାସ ଉପରେ ଆଲୋଚନା କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି. ଏବଂ କିଟ୍ ଲ' ସ୍କୁଲ ନିର୍ଦ୍ଦେଶକ ପ୍ରଫେସର ରୋଜ୍ ଭାର୍ଗୀଜ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କିଟ୍ ଲ ସ୍କୁଲ୍ ଦେଶର ପ୍ରତିଷ୍ଠିତ ଆଇନ ବିଦ୍ୟାଳୟ ମଧ୍ୟରୁ ଅନ୍ୟତମ। କିଟ୍ ଲ' ସ୍କୁଲ୍ ଛାତ୍ରଛାତ୍ରୀ ତିନିତିନି ଥର ବିସିଆଇ ଜାତୀୟ ମୁଟ୍ କୋର୍ଟ ପ୍ରତିଯୋଗିତା ଜିତି ସମଗ୍ର ଦେଶରେ ଇତିହାସ ସୃଷ୍ଟି କରିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ ମୁଟ୍ କୋର୍ଟ ପ୍ରତିଯୋଗିତାରେ ମଧ ଉଲ୍ଲେଖନୀୟ ସଫଳତା ହାସଲ କରି କିଟ୍ ଦେଶର ଅଗ୍ରଣୀ ଲ' ସ୍କୁଲ୍ ହେବାର ଗୌରବ ଅର୍ଜନ କରିଛି। କିଟ୍ ଲ' ସ୍କୁଲ୍ ଦ୍ୱାରା ଆୟୋଜିତ ଏହି ପ୍ରଥମ ଇଣ୍ଟରନ୍ୟାସନାଲ ମୁଟ୍ କୋର୍ଟ ସଂସ୍କରଣରେ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ସମେତ ୫୪ରୁ ଅଧିକ ଦଳ ଅଂଶଗ୍ରହଣ କରିଛନ୍ତି।




# ବେଆଇନ୍ ପଥର ଖନନ ଲିଜ୍ ବିରୋଧରେ ଗଣଧାରଣା ଜାରି




**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ପୋଲସରା ନିର୍ବାଚନ ମଣ୍ଡଳୀର ଢୁଙ୍କାପଡ଼ା ଗ୍ରାମପଞ୍ଚାୟତର ପ୍ରାକୃତିକ ପର୍ଯ୍ୟଟନ ତଥା ସାଂସ୍କୃତିକ ଐତିହ୍ୟ ସ୍ଥଳକୁ ଯେପରି ଭାବରେ ଧ୍ୱଂସ କରିବା ପାଇଁ ଲିଜ ଦିଆଯାଇଛି ତାହା ପ୍ରତ୍ୟାହାର କରିନେବାକୁ ସ୍ଥାନୀୟ ଜନତା ବାରମ୍ବାର ପ୍ରତିବାଦ କରିଆସିଛନ୍ତି। ସେଠାରେ ପଥର ଖନନ ଓ ପରିବହନ ଦ୍ୱାରା ପାହାଡ଼ର କ୍ଷୟ ସହ ବୃକ୍ଷ ଓ ଜଳଧାର ନଷ୍ଟ ହେବା ପରେ ଲୋକେ ପ୍ରତିରୋଧ କରି ପଥର ଖନନକୁ ବନ୍ଦ କରିଦେବାକୁ ବାଧ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଗତ ୬ ମାସ ଧରି ପ୍ରଶାସନ ଲିଜ ପ୍ରତ୍ୟାହାର କରି ନାହିଁ କିମ୍ବା ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ପରିବେଶ ସୁରକ୍ଷା ଦୃଷ୍ଟିରୁ ପରିବେଶ ମଞ୍ଜୁରୀକୁ ପ୍ରତ୍ୟାହାର କରିନାହିଁ। ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ପୂର୍ବତନ ସରପଞ୍ଚ ତଥା ପ୍ରମୁଖ ସାମାଜିକ ନାରୀନେତ୍ରୀ ଆରତୀ ଦେବୀ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଓ ସାଂସଦଙ୍କ ଠାରୁ କୌଣସି ସହଯୋଗ ନପାଇବାରୁ ବାଧ ହୋଇ ଗତ ଅଗଷ୍ଟ ୧୦ ତାରିଖରୁ ରାଜଧାନୀର ରାଜଭବନ ସମ୍ମୁଖରେ ଗଣଧାରଣା ଓ ଅନଶନରେ ବସିଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ନିରବ କାହିଁକି ବୋଲି ଲୋକଶକ୍ତି ଅଭିଯାନର ସଭାପତି ତଥା ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ଗଣତନ୍ତ୍ରିକ ଆନ୍ଦୋଳନ କରୁଥିବା ଆରତୀ ଦେବୀଙ୍କ ଦାବିକୁ ସରକାର ଓ ପ୍ରଶାସନ ତୁରନ୍ତ ଗ୍ରହଣ କରି ପଥର କଟା ଲିଜ ଓ ପରିବେଶ ମଞ୍ଜୁରୀ ତୁରନ୍ତ ପ୍ରତ୍ୟାହାର କରି କ୍ଷୟ ହୋଇଥିବା ସବୁଜ ପାହାଡ଼ ଓ ଜଳପ୍ରବାହ ହେଉଥିବା ନାଳର ପୁନର୍ବାର କରାଯାଉ ବୋଲି ଧାରଣାସ୍ଥଳରେ ଉପସ୍ଥିତ ରହି ଶ୍ରୀ ସାମନ୍ତରା ଆହ୍ୱାନ କରିଛନ୍ତି। ଧାରଣାସ୍ଥଳରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ ଶ୍ରୀ ସାମନ୍ତରାଙ୍କ ସହ ଯୋଗଦେଇଥିଲେ।

# ଏଫ୍‌ଏଲ୍‌ଓ ବଜାର-୨୦୨୫ ଉଦ୍‌ଘାଟିତ

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଫିକିର ମହିଳା ଶାଖା ତଥା ଭାରତରେ ମହିଳାମାନଙ୍କର ସର୍ବବୃହତ ଚାମ୍ବର ଅଫ କମର୍ସର ଓଡ଼ିଶା ଚାପ୍ଟର, ଫିକି ଏଫ୍‌ଏଲ୍‌ଓ ଭୁବନେଶ୍ୱରରେ ଆଜି ଏହାର ଦୁଇ ଦିନିଆ ଏଫ୍‌ଏଲ୍‌ଓ ବଜାର ୨୦୨୫ ଉଦ୍‌ଘାଟନ କରିଛି। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଅଗ୍ରଣୀ ଉଦ୍ୟୋଗୀ, ଏଫ୍‌ଏଲ୍‌ଓ ସଦସ୍ୟା ମାନଙ୍କ ଉପସ୍ଥିତିରେ ଏହି ବଜାର ଉଦଘାଟନ କରିଥିଲେ। ଚଳିତ ବର୍ଷ ସଂସ୍କରଣରେ ମହିଳା ଉଦ୍ୟୋଗୀ ଏବଂ ଗ୍ରାମାଞ୍ଚଳ ହସ୍ତତନ୍ତ ବୁଣାକାରଙ୍କ ଦ୍ୱାରା ୩୫ଟି ଷ୍ଟଲ ସ୍ଥାନ ପାଇଛି, ଯେଉଁଥିରେ ହସ୍ତତନ୍ତ, ହସ୍ତଶିଳ୍ପ, ୱେଲନେସ ଉତ୍ପାଦ ଏବଂ ସୋନ୍ଦର୍ଯ୍ୟ ସାମଗ୍ରୀଗୁଡ଼ିକର ଆକର୍ଷଣୀୟ ସମ୍ଭାର ପ୍ରଦର୍ଶିତ ହେଉଛି। ଏହି ଅବସରରେ ପ୍ରକାଶ କରି ଶ୍ରୀ ମଲ୍ଲିକ ଏଫ୍‌ଏଲ୍‌ଓ ଭୁବନେଶ୍ୱରର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବାକୁ ଏକ ପ୍ରଭାବଶାଳୀ ମଞ୍ଚ ସୃଷ୍ଟି କରିବା ପାଇଁ ଚେୟାରପର୍ସନ ଡ଼ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାର ଅଭିବୃଦ୍ଧିକୁ ଆଗେଇନେବ କ୍ଷେତ୍ରରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ ଜୋର୍ ଦେବା ସହିତ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଯୋଜନା ଗୁଡିକ ଏବଂ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ସିଙ୍ଗଲ-ୱିଣ୍ଡୋ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଏଫ୍‌ଏଲ୍‌ଓର ପ୍ରତିଷ୍ଠାତା ଚେୟାରପର୍ସନ ଧରିତ୍ରୀ ପଟ୍ଟନାୟକ ମହିଳା ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜ ସମ୍ପର୍କରେ ଏବଂ ଆଗକୁ ରହିଥିବା ପଥ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ସମଗ୍ର ଗ୍ରାମାଞ୍ଚଳ, ସହରାଞ୍ଚଳ, ଆଦିବାସୀ ଏବଂ ଉପକୂଳ ଅଞ୍ଚଳରେ ମହିଳା ମାନଙ୍କୁ ସଶକ୍ତ କରିବାକୁ ଏଫ୍‌ଏଲ୍‌ଓର ନିରନ୍ତର ପ୍ରୟାସ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଚେୟାରପର୍ସନ ଡ଼ ପ୍ରଜ୍ଞା ପାରମିତା ମିଶ୍ର ନୂତନ ଶିଖରରେ ପହଞ୍ଚିବା ନିମନ୍ତେ ମହିଳାମାନଙ୍କୁ ସମର୍ଥନ କରିବା ନେଇ ଏଫ୍‌ଏଲ୍‌ଓ ଭୁବନେଶ୍ୱରର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ ଏଫ୍‌ଏଲ୍‌ଓ ଏକ ମଜଭୁତ ପରିବ୍ୟବସ୍ଥା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯେଉଁଠାରେ ଅଧିକ ମହିଳା ଉଦ୍ୟୋଗୀ ଯୋଗ ଦେଇ ସେମାନଙ୍କର ଦକ୍ଷତାରେ ବୃଦ୍ଧି ଘଟାଇ ପାରିବେ ଏବଂ ଦୀର୍ଘସ୍ଥାୟୀ ବ୍ୟବସାୟ ନିର୍ମାଣ କରିବେ।

# 'ସ୍ୱଚ୍ଛୋତ୍ସବ' ପାଳନ ପାଇଁ ୟୁଏଲ୍‌ବିକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍ ବି) ମାନଙ୍କୁ 'ସ୍ୱଚ୍ଛୋତ୍ସବ' ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ପନ୍ଦର ଦିନ ଧରି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛି। ୨୦୧୭ ରେ ଏହାର ଆରମ୍ଭ ପରଠାରୁ, ସ୍ୱଚ୍ଛତା ହିଁ ସେବା ଏକ ଜନ ଆନ୍ଦୋଳନରେ ବିକଶିତ ହୋଇଛି, ଯାହା ଏକ ସ୍ୱଚ୍ଛ ଏବଂ ସ୍ଥାୟୀ ଭାରତର ଦୃଷ୍ଟିକୋଣ ଦିଗରେ ସ୍ୱେଚ୍ଛାକୃତତା ଏବଂ ସାମୂହିକ ନାଗରିକ କାର୍ଯ୍ୟକୁ ମଜବୁତ କରିଛି। ବର୍ଷ ବର୍ଷ ଧରି, ଏହି ଅଭିଯାନ ମାତ୍ରା ଏବଂ ପ୍ରଭାବରେ ବୃଦ୍ଧି ପାଇଛି, ଲକ୍ଷ ଲକ୍ଷ ନାଗରିକଙ୍କୁ ସେମାନଙ୍କ ଆଖପାଖରେ ସ୍ୱଚ୍ଛତା ପାଇଁ ସେମାନଙ୍କର ସମୟ ଏବଂ ପ୍ରୟାସ ଯୋଗଦାନ କରିବାକୁ ପ୍ରେରଣା ଦେଇଛି। ଚଳିତ ବର୍ଷ ଏହି ଅଭିଯାନ ସେପ୍ଟେମ୍ବର ୧୭ରେ ଦେଶବ୍ୟାପୀ ଆରମ୍ଭ ହେବ, ନାଗରିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଅନେକ କାର୍ଯ୍ୟକଳାପ ସହିତ। ଏହି ଅଭିଯାନର ମୁଖ୍ୟ ଆକର୍ଷଣ ହେବ ୨୫ ସେପ୍ଟେମ୍ବର ସକାଳ ୮ ଟାରେ 'ଏକ ଦିନ, ଏକ ଘଣ୍ଟା, ଏକ ସାଥ' କାର୍ଯ୍ୟକ୍ରମ, ଯେଉଁଥିରେ ସାରା ଦେଶର ନାଗରିକମାନେ ଏକ ଘଣ୍ଟାର ଶ୍ରମଦାନ ଉତ୍ସର୍ଗ କରିବେ, ଏହି ବାର୍ତ୍ତାକୁ ଦୋହରାଇବେ ଯେ ସ୍ୱଚ୍ଛତା ହେଉଛି ସମସ୍ତଙ୍କ ଦାୟିତ୍ୱ। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଦିବସ ଭାବେ ପାଳନ କରାଯାଉଥିବା ଏହି ଅଭିଯାନ ଅକ୍ଟୋବର ୨ ତାରିଖରେ ଶେଷ ହେବ। ଏସ୍. ଏଚ୍. ଏସ୍.-୨୦୨୫ର ପ୍ରମୁଖ ଫୋକସ୍ କ୍ଷେତ୍ରଗୁଡ଼ିକ ହେଲା ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍ (ସି. ଟି. ୟୁ.) ଗୁଡ଼ିକର ରୂପାନ୍ତରଣ, ୟୁ. ଏଲ୍. ବି. ଗୁଡ଼ିକରେ କଠିନ ଏବଂ ଅପରିଷ୍କାର ସ୍ଥାନଗୁଡ଼ିକର ଚିହ୍ନଟ, ମ୍ୟାପିଂ ଏବଂ ସମୟବଦ୍ଧ ସଫେଇ। ସ୍ୱଚ୍ଛ ସାର୍ବଜନୀନ ସ୍ଥାନଃ ଅନୁଷ୍ଠାନ, ପ୍ରତିଷ୍ଠାନ, ବଜାର ଏବଂ ଅଧିକ ଭିଡ଼ ଥିବା ଅଞ୍ଚଳରେ ସ୍ୱଚ୍ଛତାର ଉଚ୍ଚ ମାନ ସୁନିଶ୍ଚିତ କରିବା। ସଫାଇମିତ୍ର ସୁରକ୍ଷା ଶିବିର, ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରିବା ଏବଂ ସେମାନଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ସୁନିଶ୍ଚିତ କରିବା ପାଇଁ ସେମାନଙ୍କୁ କଲ୍ୟାଣକାରୀ ଯୋଜନା ସହିତ ଯୋଡ଼ିବା। ସ୍ୱଚ୍ଛ ସବୁଜ ଉତ୍ସବ ପରିବେଶ ଅନୁକୂଳ ଅଭ୍ୟାସ, ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ପର୍ବପର୍ବାଣୀ ଏବଂ ସର୍ବସାଧାରଣ ସମାବେଶରେ ଶୂନ୍ୟ-ବର୍ଜ୍ୟ ଉତ୍ସବକୁ ପ୍ରୋତ୍ସାହିତ କରିବା। ନାଗରିକ ଯୋଗଦାନ ବର୍ଜ୍ୟରୁ କଳା ପଦକ୍ଷେପ ଉପରେ ଅଭିଯାନ, ସ୍ୱଚ୍ଛ ପଥ ଖାଦ୍ୟ ଅଭିଯାନ, ଏବଂ ବୃତ୍ତାକାର ଅର୍ଥବ୍ୟବସ୍ଥା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଆରଆରଆର (ହ୍ରାସ, ପୁନଃବ୍ୟବହାର, ପୁନଃଚକ୍ରଣ) କେନ୍ଦ୍ରଗୁଡ଼ିକର ପ୍ରୋତ୍ସାହନ। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ସମସ୍ତ ୟୁଏଲବିକୁ ଆବାସିକ କଲ୍ୟାଣ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି), ଗୋଷ୍ଠୀ ଭିତ୍ତିକ ସଙ୍ଗଠନ, ବଜାର ସଙ୍ଗଠନ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଛି। ଏହି ଅବସରରେ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି 'ସ୍ୱଚ୍ଛତା ହିଁ ସେବା କେବଳ ଏକ ଅଭିଯାନ ନୁହେଁ, ବରଂ ଏହା ଜନସାଧାରଣଙ୍କ ଦାୟିତ୍ୱର ପର୍ବ 'ସ୍ୱଚ୍ଛୋତ୍ସବ' ଓ ଗୋଷ୍ଠୀଗତ ଅଂଶଗ୍ରହଣ, ଶ୍ରମର ମର୍ଯ୍ୟାଦା ଏବଂ ପରିବେଶ ସଚେତନତାର ଭାବନାକୁ ପ୍ରତିଫଳିତ କରିଥାଏ।

# ନୂତନ ଅଧ୍ୟକ୍ଷ ଡ. ଅନୀତା ସକ୍ସେନାଙ୍କ ପ୍ରଥମ ଏମ୍‌ସ ଭୁବନେଶ୍ୱର ଗସ୍ତ

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ପୂର୍ବ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ପ୍ରମୁଖ ବ୍ରାଣ୍ଡ୍ ପାଲଟିଛି ଏମ୍‌ସ ଭୁବନେଶ୍ୱର। ଚିକିତ୍ସା ବିଜ୍ଞାନ, ରୋଗୀସେବା ଏବଂ ଗବେଷଣା କ୍ଷେତ୍ରରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବିଶ୍ୱାସ ଜିଣିବାରେ ସଫଳ ହୋଇଛି। ତେବେ ରାଷ୍ଟ୍ରୀୟସ୍ତରରେ ଦକ୍ଷତା ବିକାଶ କ୍ଷେତ୍ରରେ ଏମ୍‌ସ ଭୁବନେଶ୍ୱର ଉତ୍ପ୍ରେରକ ଭାବେ କାର୍ଯ୍ୟକରିବ। ନୂତନ ଭାବେ ଏହି ମର୍ଯ୍ୟାଦାଜନକ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଧ୍ୟକ୍ଷ ଭାବେ ମନୋନୀତ ହେବା ପରେ ଏମ୍‌ସକୁ ପ୍ରଥମ ଗସ୍ତରେ ଆସି ଏପରି ମତବ୍ୟକ୍ତ କରିଛନ୍ତି ଡ. ଅନୀତା ସକ୍ସେନା। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ବିହାର ଓ ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନକ୍ଷେତ୍ରରେ ଏମ୍‌ସ ଭୁବନେଶ୍ୱରର ବ୍ୟାପକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ ଏମ୍‌ସ ଭୁବନେଶ୍ୱରର ନୂତନ ଅଧ୍ୟକ୍ଷ ଡ. ଅନୀତା ସକ୍ସେନା। ଚାରି ଦଶନ୍ଧିର ବୃତ୍ତିଗତ ଉତ୍କର୍ଷତା ସହିତ ସମଗ୍ର ଦେଶରେ ସୁପରିଚିତ ସଫଳ ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡ. ଅନୀତା ସକ୍ସେନାଙ୍କୁ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସ୍ୱାଗତ କରିଥିଲେ।



ଗସ୍ତ ପ୍ରାରମ୍ଭରେ ଡ. ସକ୍ସେନା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଏମ୍‌ସ ଭୁବନେଶ୍ୱର ପ୍ରତିଷ୍ଠାତା ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଭିନ୍ନ ବିଭାଗର ଓପିଡି ପରିଦର୍ଶନ କରିବା ସହିତ, ଏକାଧିକ ଭିତ୍ତିଭୂମି ଏବଂ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଯାଞ୍ଚ କରିଥିଲେ ଏବଂ ରୋଗୀ, ବିଭାଗୀୟ ମୁଖ୍ୟ, ଅଧ୍ୟାପକ/ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରି, ଅନ୍ତର୍ଭୁକ୍ତୀକରଣ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲେ।କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇଥିଲେ।

ଏହି ପରିଦର୍ଶନ ସମୟରେ ଏମ୍‌ସ ଡିନ୍ ଡ. ପି ଆର ମହାପାତ୍ର, ଡ. ସୌଭାଗ୍ୟ କୁମାର ଜେନା, ଡ. ସତ୍ୟଜିତ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂ, ଅଧୀକ୍ଷଣ ଯନ୍ତ୍ରୀ ଆର ପି ଟପ୍ପୋଙ୍କ ସମେତ ବରିଷ୍ଠ ଅଧ୍ୟାପକ/ଅଧ୍ୟାପିକା ତଥା ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହି ଗସ୍ତ ଅବସରରେ, ନୂତନ ଅଧ୍ୟକ୍ଷ ଡ. ସକ୍ସେନା ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଭାରତ ସରକାରଙ୍କ 'ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଥିଲେ। ଡ. ସକ୍ସେନା ଏମ୍‌ସ ଭୁବନେଶ୍ୱରରେ ଏହାର ସଫଳତା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ କାର୍ଯ୍ୟାନ୍ୱୟନ ଏବଂ ସାମୂହିକ ପ୍ରଚେଷ୍ଟା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଓଡିଏମ୍ ଏଜୁକେସ୍‌ନାଲ୍ ଗ୍ରୁପ୍ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ କ୍ୟାରିୟର୍ ମେଳା

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଭାରତ, ଫ୍ରାନ୍ସ, ଆମେରିକା, କାନାଡ଼ା, ଇଟାଲୀ, ଅଷ୍ଟ୍ରେଲିଆ ଏବଂ ସ୍ୱିଜରଲ୍ୟାଣ୍ଡର ୬୮ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଛାତ୍ର, ଶିକ୍ଷାବିତ୍ ଏବଂ ପ୍ରତିନିଧିଙ୍କୁ ଏକତ୍ର କରି ଓଡିଏମ୍ ଏଜୁକେସନାଲ୍ ଗ୍ରୁପ୍ ପକ୍ଷରୁ ପୂର୍ବ ଭାରତର ସର୍ବବୃହତ୍ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା ଶୁକ୍ରବାର ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ର-ଛାତ୍ରୀମାନଙ୍କ ପାଇଁ ବିଭିନ୍ନ ଉଚ୍ଚଶିକ୍ଷା ବିକଳ୍ପଗୁଡିକ ଅନୁସନ୍ଧାନ କରିବା ଏବଂ ସେମାନଙ୍କର ଶୈକ୍ଷିକ ଭବିଷ୍ୟତ ବିଷୟରେ ସୂଚନାପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଛି। ଏଥିରେ ଅହମ୍ମଦାବାଦ ବିଶ୍ୱବିଦ୍ୟାଳୟ, କୋଲକାତାର ଆମିଟି ବିଶ୍ୱବିଦ୍ୟାଳୟ, ଏଫ୍‌ଏଲ୍‌ଏମ୍‌ଇ ୟୁନିଭରସିଟି, ଜିଡି ଗୋଏଙ୍କା ବିଶ୍ୱବିଦ୍ୟାଳୟ ଏବଂ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭରସିଟି ଭଳି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଯୋଗ ଦେଇଥିଲେ। ସେମାନଙ୍କ ସହିତ ଯୁକ୍ତରାଷ୍ଟ୍ରର ସେଣ୍ଟ୍ ଥମାସ୍ ବିଶ୍ୱବିଦ୍ୟାଳୟ, ନର୍ଦ୍ଦନ ଆରିଜୋନା ବିଶ୍ୱବିଦ୍ୟାଳୟ, ନର୍ଥଉଡ୍ ବିଶ୍ୱବିଦ୍ୟାଳୟ ଏବଂ ଇ.ଏଚ୍.ଏଲ୍. ହସ୍‌ପିଟାଲିଟି ବିଶ୍ୱବିଦ୍ୟାଳୟ (ସ୍ୱିଜରଲ୍ୟାଣ୍ଡ) ପରି ବିଶିଷ୍ଟ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଗୁଡିକ ମଧ ଏହି କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିଥିଲେ।



ଏଠାରେ ସୂଚନାଯୋଗ୍ୟ ଯେ, ଦୀର୍ଘ ଦୁଇବର୍ଷ ଧରି କ୍ୟାରିଅର ମାର୍ଗଦର୍ଶନକୁ ସୁଦୃଢ଼ କରିବା ପାଇଁ ଓଡିଏମ୍ ଶିକ୍ଷାସମୂହ ପ୍ରତ୍ୟେକ କ୍ୟାମ୍ପସ୍‌ରେ ଏକ କ୍ୟାରିଅର ପରାମର୍ଶ କେନ୍ଦ୍ର ପ୍ରତିଷ୍ଠା କରିଛି। ଯାହାଦ୍ୱାରା ବିଦେଶରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀ ସଠିକ୍ ଶିକ୍ଷାନୁଷ୍ଠାନ ଚୟନ କରିବାଠାରୁ ଆରମ୍ଭ କରି ଆବେଦନ ଦାଖଲ କରିବା ପର୍ଯ୍ୟନ୍ତ ସମସ୍ତ ସହାୟତା ପାଇପାରିବେ। ଏହା ସହିତ ଅନୁଗୁଳ, ଦୁର୍ଗାପୁର, ରାଞ୍ଚି, ଦିଲ୍ଲୀ ଏବଂ ଭୁବନେଶ୍ୱରର ସମସ୍ତ ଓଡିଏମ୍ କ୍ୟାମ୍ପସ୍‌ରେ ତାଲିମ୍‌ପ୍ରାପ୍ତ ଗ୍ଲୋବାଲ୍ କ୍ୟାରିଅର ପରାମର୍ଶଦାତାମାନଙ୍କୁ ପୂର୍ବରୁ ନିଯୁକ୍ତ କରାଯାଇଛି, ଯେଉଁମାନେ ଛାତ୍ର-ଛାତ୍ରୀମାନଙ୍କୁ ସେମାନଙ୍କ କ୍ୟାରିଅର ଲକ୍ଷ୍ୟ ଏବଂ ଆକାଂକ୍ଷା ସହିତ ବିଶ୍ୱବିଦ୍ୟାଳୟ ପସନ୍ଦଗୁଡିକୁ ସମନ୍ୱିତ କରିବାରେ ସାହାଯ୍ୟ କରିବା ପାଇଁ ବ୍ୟକ୍ତିଗତ ପରାମର୍ଶ ପ୍ରଦାନ କରୁଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାରିଅର ମେଳା ଛାତ୍ରଙ୍କ ସଫଳତା ଏବଂ ବିଶ୍ୱସ୍ତରୀୟ ସମ୍ପର୍କ ପ୍ରତି ଏକ ପ୍ରତିବଦ୍ଧତାର ଉଦାହରଣ ଦିଏ। ଏହି ଅବସରରେ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ ବୃତ୍ତିଗତ ଭବିଷ୍ୟତକୁ ଆକାର ଦେବା ପାଇଁ ସୂଚନାପ୍ରଦ ପସନ୍ଦ କରିବା ପାଇଁ ଆବଶ୍ୟକ ଜ୍ଞାନ, ଦକ୍ଷତା ଏବଂ ସମ୍ବଳ ସହିତ ସଜ୍ଜିତ କରିବା। 'ବିଶ୍ୱବିଦ୍ୟାଳୟ କ୍ୟାରିଅର ମେଳା-୨୦୨୫' ଶିକ୍ଷାର୍ଥୀମାନଙ୍କୁ କଲେଜ୍ ସହିତ ସଂଯୋଗ କରିବାର ଏକ ଅଭିନବ ପ୍ରୟାସ। ସେମାନଙ୍କ ସ୍ୱପ୍ନର ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ଥାନ ସୁରକ୍ଷିତ କରିବା ପାଇଁ ଏକ ବିକଳ୍ପ ରୂପରେଖ। ଓଡିଏମ୍ ପବ୍ଲିକ୍ ସ୍କୁଲ୍ କ୍ୟାମ୍ପସ୍‌ରେ ଏହି ଅନ୍ତରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟ ମେଳାରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍ ଏବଂ ଓଡିଏମ୍ ବିଜ୍‌ନେସ୍ ସ୍କୁଲ୍‌ର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଛାତ୍ର-ଛାତ୍ରୀ ଉତ୍ସାହର ସହିତ ଭାଗ ନେଇଥିଲେ। ଏହି ଭବ୍ୟ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସମାରୋହରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା-ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢୀ ତଥା ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌ର ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟେ-ଚେକ୍‌ଡ ହେଲ୍‌ଥ କେୟାର୍ ଆପ୍ ଉନ୍ମୋଚିତ

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଓଡ଼ିଶାରୁ ଜନ୍ମ ନେଇ ସାରା ଭାରତର ସ୍ୱାସ୍ଥ୍ୟସେବାରେ ବିପ୍ଳବ ଆଣିବାର ଲକ୍ଷ୍ୟ ରଖୁଥିବା, ଭୁବନେଶ୍ୱରର ଏକ ପ୍ରଯୁକ୍ତିବିଦ୍ୟା କମ୍ପାନୀ, ଟ୍ରୋନିକ୍ସୱେର, ଏହାର ଅତ୍ୟାଧୁନିକ ଆପ୍ଲିକେସନ୍ ଫ୍ରେମୱାର୍କ, 'ଷ୍ଟେ-ଚେକଡ୍ ଆପ୍'ର ଆନୁଷ୍ଠାନିକ ଶୁଭାରମ୍ଭ କରିଛି। ଏହି ଆପ୍ ହେଉଛି କମ୍ପାନୀର ୩ ବର୍ଷର ଗବେଷଣା ଏବଂ ବିକାଶ ପ୍ରୟାସର ଫଳାଫଳ, ଯାହାକୁ ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗ କରାଯାଉଛି। ଏହି ପ୍ଲାଟଫର୍ମ ଏକ ଏକୀକୃତ ଡିଜିଟାଲ୍ ଇକୋସିଷ୍ଟମ୍ ମଧ୍ୟରେ ସ୍ୱାସ୍ଥ୍ୟସେବାର ଏକ ବ୍ୟାପକ ସୁଟ୍ ପ୍ରଦାନ କରି ମାନବଜାତିକୁ ଉନ୍ନତ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛି। ନିଜର ଅନନ୍ୟ ଇଣ୍ଟେଲିଜେଣ୍ଟ ଆସିଷ୍ଟାଣ୍ଟ ମଡେଲ୍ ଦ୍ୱାରା ସଶକ୍ତ ଏହି କମ୍ପାନୀ ସ୍ୱାସ୍ଥ୍ୟସେବା ଯାତ୍ରାରେ ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ସୁଗମ ଅଭିଜ୍ଞତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଷ୍ଟେ-ଚେକ୍ଡ ଆପ୍ ପ୍ରଚଳନ କରିଛି ଏବଂ ନିକଟ ଭବିଷ୍ୟତରେ ସ୍ୱାସ୍ଥ୍ୟସେବାର ଅନ୍ୟାନ୍ୟ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ହାସଲ କରିବାର ପ୍ରତିଶ୍ରୁତି ଦେଇଛି। ବର୍ତ୍ତମାନ ଗୁଗୁଲ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋର ଉଭୟରେ ଡାଉନଲୋଡ୍ ପାଇଁ ଉପଲବ୍ଧ ଷ୍ଟେ-ଚେକଡ୍ ଡାକ୍ତରମାନଙ୍କୁ ଡିଜିଟାଲ୍ ଉପକରଣ ମାଧ୍ୟମରେ ସଶକ୍ତ କରେ। ଡାକ୍ତରମାନଙ୍କ ପାଇଁ ଡିଜିଟାଲ୍ ସପୋର୍ଟ ଟୁଲ୍, ଯେଉଁଥିରେ ସ୍ଲଟ୍ ଏବଂ ସମୟ ପରିଚାଳନା, ନିଯୁକ୍ତି ସମୟ ନିର୍ଦ୍ଧାରଣ, ପୂର୍ବ ମେଡିକାଲ୍ ରେକର୍ଡର ପ୍ରାପ୍ତି, ଏବଂ ଡିଜିଟାଲ୍ ପ୍ରେସକ୍ରିପସନ୍ ଜେନେରେସନ୍ ଏବଂ ଗଭୀର କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟି ଅନ୍ତର୍ଭୁକ୍ତ। ଏହି ଅବସରରେ ଅସିତ୍ କେ. ଧଳ କହିଛନ୍ତି, 'ଷ୍ଟେ-ଚେକଡ୍ କେବଳ ଏକ ଆପ୍ ନୁହେଁ, ଏହା ସ୍ମାର୍ଟ, ସଂଯୁକ୍ତ ଏବଂ ସଂପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଦିଗରେ ଏକ ଆନ୍ଦୋଳନ। ଆମେ ଏକ ଭବିଷ୍ୟତ କଳ୍ପନା କରୁଛୁ ଯେଉଁଠାରେ ପ୍ରତ୍ୟେକ ଡାକ୍ତରଙ୍କ ପାଖରେ କାଗଜପତ୍ର କାମ ଅପେକ୍ଷା ଚିକିତ୍ସା ଉପରେ ଅଧିକ ଧ୍ୟାନ ଦେବା ପାଇଁ ଡିଜିଟାଲ୍ ଉପକରଣ ଥିବ, ପ୍ରତ୍ୟେକ କ୍ଲିନିକ୍ ସଠିକତା ଏବଂ ଦକ୍ଷତା ସହିତ ଚାଲିବ ଏବଂ ପ୍ରତ୍ୟେକ ରୋଗୀ ସୁଗମ, ଅସୁବିଧାମୁକ୍ତ ଚିକିତ୍ସା ସୁବିଧା ପାଇବେ।

# ନୂଆଦିଲ୍ଲୀରେ ଜେପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଆଜି ନୂଆଦିଲ୍ଲୀଠାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପରିଯୋଜନା ଓ ଭବିଷ୍ୟତ ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।

## କର୍ଣ୍ଣାଟକ ସମ୍ମିଳନୀରେ ବାଚସ୍ପତି ସୁରମା ପାଢ଼ୀ

# ୬୨ ବୈଠକ ଦିବସ ପରିଚାଳନା କରିବାରେ ଓଡ଼ିଶା ବିଧାନସଭାର ରେକର୍ଡ

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଓଡ଼ିଶା ଚଳିତ ବିଧାନସଭାରେ ୬୨ଟି ବୈଠକ ଦିବସ ପରିଚାଳନା କରିବାର ରେକର୍ଡ଼ ସ୍ଥାପନ କରିଛି। ଏହା ଜାତୀୟ ହାରଠାରୁ ବହୁତ ଅଧିକ। କର୍ଣ୍ଣାଟକର ବେଙ୍ଗାଲୁରୁ ଠାରେ ଆୟୋଜିତ ଏକାଦଶ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ 'ବିଧାନସଭା ଗୃହରେ ବିତର୍କ ଓ ଆଲୋଚନା : ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସଭାଜନରେ ସହାୟକ' ଶୀର୍ଷକ ଆଲୋଚନାଚକ୍ରରେ ଏଭଳି ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ତିନିଦିନିଆ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ବାଚସ୍ପତି ୟୁ. ଟି, ଖାଦେର ଫରିଦ୍, ବିଭିନ୍ନ ରାଜ୍ୟର ବାଚସ୍ପତି ଓ ଉପବାଚସ୍ପତି ଯୋଗଦେଇଛନ୍ତି। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ବିଧାନସଭା




ହେଉଛି ଗଣତନ୍ତ୍ରର କେନ୍ଦ୍ର, ପବିତ୍ର ସ୍ଥାନ, ଯେଉଁଠାରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ସମସ୍ୟାର ସମାଧାନ ଓ ଏହାର ନିରାକରଣ ସମ୍ଭବ ହୋଇଥାଏ। ବିତର୍କ ମାଧ୍ୟମରେ ସହମତି ପ୍ରକାଶ ପାଏ, ସଂଶୋଧନ ହୁଏ ଓ ଏଠାରେ ସାଧାରଣ ଲୋକଙ୍କର ସ୍ୱର ପ୍ରତିଫଳିତ ହୁଏ। ସଂସଦୀୟ ପରମ୍ପରାରେ ବିତର୍କ ଓ ଆଲୋଚନା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଗଣତନ୍ତ୍ରର ଜୀବନରେଖା। ଜନପ୍ରତିନିଧିମାନଙ୍କର ଉତ୍ତରଦାୟିତ୍ୱବୋଧ ଏଥିରେ ପ୍ରତିଫଳିତ ହୋଇଥାଏ।

ଶ୍ରୀମତୀ ପାଢ଼ୀ ଆହୁରି କହିଛନ୍ତି ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ବିଧାନସଭାରେ ବିଭିନ୍ନ ବିଷୟରେ ଦୀର୍ଘ ସମୟ ଧରି ବିତର୍କ

### 'ବିତର୍କ ଓ ଆଲୋଚନା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ମନ୍ତ୍ର'

ହୋଇଛି। ୨୦୦୩ରେ ଓଡ଼ିଶା ସହରାଞ୍ଚଳ ପୁଲିସ ବିଲ୍ ଉପରେ ୬ ଘଣ୍ଟା ଧରି ଆଲୋଚନା ହୋଇଥିବାବେଳେ ଏହି ନିକଟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪ ଉପରେ ରାତିସାରା ବିତର୍କ ଜାରି ରହିଛି। ଏହି ବିତର୍କଗୁଡ଼ିକ ଆମର ଭାବପ୍ରବଣତା ସହିତ ବିଷୟର ଗମ୍ଭିରତା ଏବଂ ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ଧୈର୍ଯ୍ୟର ସହ ଚିନ୍ତନର ପ୍ରତିଶ୍ରୁତିବଦ୍ଧତାକୁ ପ୍ରମାଣିତ ଦେଉଛି। ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ସମ୍ମିଳନୀ ଅବସରରେ ଅନୁଷ୍ଠିତ ବିଭିନ୍ନ ଅଧିବେଶନରେ ଅଧ୍ୟକ୍ଷତା କରିବା ପାଇଁ ୫ଟି ରାଜ୍ୟର ବାଚସ୍ପତିଙ୍କୁ ମନୋନୀତ କରିଥିବାବେଳେ ସେଥିମଧ୍ୟରେ ଓଡ଼ିଶାର ବାଚସ୍ପତି ଶ୍ରୀମତୀ ପାଢ଼ୀ ସ୍ଥାନିତ ହେବା ଓଡ଼ିଶା ପାଇଁ ଗୌରବର ବିଷୟ।

ସମ୍ମିଳନୀରେ ଅଂଶଗ୍ରହଣ କରି ଉପବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇ କହିଛନ୍ତି ଯେ ବିଧାନସଭା ଭିତରେ ଅର୍ଥପୂର୍ଣ୍ଣ ବିତର୍କ ଏବଂ ଆଲୋଚନା ମାଧ୍ୟମରେ ଗଣତନ୍ତ୍ର ଶକ୍ତିଶାଳୀ ହୁଏ । ଆମର ଗୃହ ହେଉଛି ଗଣତନ୍ତ୍ରର ମନ୍ଦିର । ବିଧାନସଭାର ପ୍ରକୃତ ଶକ୍ତି ବିଚାରବିମର୍ଶର ଗୁଣବତ୍ତା ଏବଂ ମର୍ଯ୍ୟାଦା ଉପରେ ପର୍ଯ୍ୟବେଶିତ । ଆମେ ସବୁବେଳେ ଏହା ଉପରେ ଗୁରୁତ୍ୱ ଦେବା ଉଚିତ ଯେ ଆମର ଅଧିକାର ଲୋକଙ୍କଠାରୁ ଆସିଥାଏ, ସେମାନଙ୍କର ବିଶ୍ୱାସ ସର୍ବଦା ଆମର ବିତର୍କକୁ ମାର୍ଗଦର୍ଶନ କରିବା ଉଚିତ। ଉକ୍ତ ସମ୍ମିଳନୀରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ମଧ୍ୟ ଯୋଗଦେଇଛନ୍ତି।

## ମହିଳା କଂଗ୍ରେସର ସଦସ୍ୟତା ଅଭିଯାନ ସଭା

# 'ଜନନୀ ଆଗରେ ଦୁନିଆ ନତମସ୍ତକ'



**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଜାତୀୟ ମହିଳା କଂଗ୍ରେସ ଆନୁକୂଲ୍ୟରେ ଆରମ୍ଭ ହୋଇଛି ମହିଳା ସଦସ୍ୟତା ଗ୍ରହଣ ଅଭିଯାନ। ସଦସ୍ୟତା ଅଭିଯାନ ବର୍ତ୍ତମାନ ସାରା ଦେଶର ସମସ୍ତ ରାଜ୍ୟରେ ବେଶ ଜୋରସୋରରେ ଚାଲିଛି । ସେଇ ପରିପେକ୍ଷୀରେ ପ୍ରଦେଶ ମହିଳା କଂଗ୍ରେସ ତରଫରୁ କଂଗ୍ରେସ ଭବନଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉଦବୋଧନ ଦେଇ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ ଜନନୀ ଆଗରେ ସମସ୍ତ ବ୍ରହ୍ମାଣ୍ଡ ନତମସ୍ତକ, ଜନନୀ ହେଉଛି ସୃଷ୍ଟିକର୍ତ୍ତା। ତେଣୁ ଦଳର ନାରୀଶକ୍ତି ଯଦି ନିଜକୁ ଉପଯୋଗ କରେ, ଆମେ କଂଗ୍ରେସକୁ ସବୁଠୁ ଶକ୍ତିଶାଳୀ ଦଳ କରିବା ସହିତ ଦେଶକୁ ମଧ୍ୟ ବିକଶିତ କରିବା ସମ୍ଭବ। ଆମକୁ ସଦସ୍ୟତା ଗ୍ରହଣ ତୃଣମୂଳ ସ୍ତରରୁ କରିବାକୁ ପଡ଼ିବ। ତେବେ ଯାଇ ଆମ ଦଳର ମୂଳଦୁଆ ଶକ୍ତିଶାଳୀ ହେବ। ମହିଳା କଂଗ୍ରେସକୁ କିଭଳି ସୁଦୃଢ଼ କରାଯିବ ଏବଂ ଆହୁରି ଅଧିକ ଶକ୍ତିଶାଳୀ କରାଯିବା ସହ ଅଧିକରୁ ଅଧିକ ମହିଳାମାନଙ୍କୁ କଂଗ୍ରେସ ସଂଗଠନ ସହ ଯୋଡ଼ା ଯାଇ ପାରିବ ସେ ବିଷୟରେ ପିସିସି ସଭାପତି ଭକ୍ତ ଚରଣ ଦାସ ଆଲୋକପାତ କରିଥିଲେ। ସେ ମଧ୍ୟ ଭୋଟ ଚୋରି ପ୍ରସଙ୍ଗ ଓ ସମ୍ବିଧାନ ବଞ୍ଚାଅ ବିଷୟରେ ପ୍ରତି ଘରେ ବାର୍ତ୍ତା କିପରି ପହଞ୍ଚିବ ସେ ବିଷୟରେ ଅବଗତ କରିଥିଲେ।

ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଥିଲେ ଯେ ମହିଳା କଂଗ୍ରେସ ସଦସ୍ୟତା ଗ୍ରହଣ ଅଭିଯାନ ପୂରା ଦମ୍‌ରେ ଚାଲିଛି। ପ୍ରତ୍ୟେକ ସଦସ୍ୟ ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି ଏବଂ ଆମେ ଅତିଶୀଘ୍ର ଲକ୍ଷ୍ୟ ହାସଲ କରିବୁ ବୋଲି ପ୍ରକାଶ କରିଥିଲେ। ଏଆଇସିସି ପକ୍ଷରୁ ମିଡ଼ିଆ ଲିଙ୍କରେ କେମିତି ସଦସ୍ୟତା ଗ୍ରହଣ କରାଯାଏ ତାହା ପ୍ରଦର୍ଶିତ କରିବା ସହ ସଭାନେତ୍ରୀ ସଦସ୍ୟତା ଅଭିଯାନରେ କ'ଣ ସବୁ ଅସୁବିଧାର ସାମ୍ନା କରିବାକୁ ପଡୁଛି ସଦସ୍ୟାମାନଙ୍କୁ ଜଣାଇବାକୁ ଅନୁରୋଧ କରିଥିଲେ।

# ରାୟଗଡ଼ା ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ରାୟଗଡ଼ା,୧୨।୯/ଏନ୍ଏନ୍ଏସ୍:** ୨୪ ଜଣ କାଉନସିଲର ଦ୍ୱାରା ଗଠିତ ରାୟଗଡ଼ା ପୌରସଂସ୍ଥାର ପୌରାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ୧୯ କାଉନସିଲର୍ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଶ୍ରୀମତୀ ପଣ୍ଡା ପ୍ରାୟ ୩ ବର୍ଷ ହେଲା କାଉନସିଲର୍‌ଙ୍କ ମତକୁ ଅଣଦେଖା କରିବା ଓ ନିଜ ସ୍ୱାର୍ଥ ପାଇଁ ପଦବୀରେ ଅପବ୍ୟବହାର କରିବା ଆଦି ଅଭିଯୋଗ ହୋଇଛି। ଏନେଇ ଆଜି ୧୯ ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବତନ ରାଜ୍ୟସଭା ସାଂସଦ ଏନ ଭାସ୍କର ରାଓ କିଛି ଦିନ ତଳେ ବି ଜେଡିରୁ ଇସ୍ତଫା ଦେଇଥିଲେ। ଇସ୍ତଫା ଦେବା ପରେ ଶ୍ରୀ ରାଓଙ୍କ ସମର୍ଥିତ ନିର୍ବାଚିତ ପ୍ରତିନିଧିମାନେ ଏହି ପଦକ୍ଷେପ ନେଇଛନ୍ତି। ରାୟଗଡ଼ା ପୌରସଂସ୍ଥାର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକା ଓ ସୁଧୀର ଦାସଙ୍କ ସମର୍ଥକ ଭାବେ ଜଣାଶୁଣା। ଶୁଭ୍ରା ପଣ୍ଡା ପରାପରିଷଦର ୩ ନମ୍ବର ୱାର୍ଡ ର କାଉନସିଲର। ସେ ଦାୟିତ୍ୱ ନେବା ପର ଠାରୁ ଜଗନ୍ନାଥ-ସୁଧୀର ଗୋଷ୍ଠୀ ପ୍ରରୋଚନାରେ କାଉନସିଲର ମାନଙ୍କ ବିରୋଧରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇ ଆସୁଥିଲା।

# ସର୍ବଭାରତୀୟ ବୈଠକରେ ଯୋଗଦେଲେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଦେଶର ଶ୍ରମିକ ଭାଇଭଉଣୀମାନଙ୍କ ସମୁଚିତ ଉନ୍ନତି, ସୁରକ୍ଷା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଶ୍ରମ ନୀତିନିୟମରେ ବ୍ୟାପକ ସୁଧାର ଅଣାଯିବାର ଆବଶ୍ୟକତା ସମ୍ପର୍କିତ ଏକ ସର୍ବଭାରତୀୟସ୍ତରୀୟ ବୈଠକ ଆଜି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ଼ଃ ମନସୁଖ ମାଣ୍ଡଭ୍ୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀଙ୍କ ସହିତ ଓଡ଼ିଶାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଏବଂ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ସ୍ୱପ୍ନକୁ ସାକାର କରିବାକୁ ହେଲେ ଶ୍ରମିକ ଭାଇଭଉଣୀମାନଙ୍କ ସାମଗ୍ରିକ ଓ ସମୟୋଚିତ ବିକାଶକୁ ସୁନିଶ୍ଚିତ କରିବା ନିତାନ୍ତ ଆବଶ୍ୟକ। ସମୟର ଆହ୍ୱାନକୁ ସ୍ୱୀକାର କରି ଏକ ସମାବେଶୀ ଓ ସମନ୍ୱିତ ଶାସନ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ସହ ସମୁଚିତ ସମନ୍ୱୟ ରକ୍ଷା କରି ଶ୍ରମ ନୀତିନିୟମରେ ବ୍ୟାପକ ସୁଧାର ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଦେଶର ଶ୍ରମିକ ଭାଇଭଉଣୀଙ୍କ ଜୀବନରେ ଆଶାତୀତ ଉନ୍ନତି ଆଣିବାରେ ସାହାଯ୍ୟ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ଆଶା ବ୍ୟକ୍ତ କରିଛନ୍ତି। ଶ୍ରମିକ ସଂସ୍ଥାନଗୁଡିକ ପାଇଁ ଏକକ ପଞ୍ଜୀକରଣ ବ୍ୟବସ୍ଥା ପ୍ରଚଳନ, ଲାଇସେନ୍ସର ମାନ୍ୟତା ସମୟ ବୃଦ୍ଧି ଏବଂ ସ୍ୱୟଂଚାଳିତ ପୁନଃନବୀକରଣ ବ୍ୟବସ୍ଥା ପ୍ରଚଳନ, ଶ୍ରମ ବଜାରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ସମାବେଶୀ ନୀତି ଓ ସୁରକ୍ଷିତ କାର୍ଯ୍ୟ ପରିବେଶର ନିର୍ମାଣର ଆବଶ୍ୟକତା ଉପରେ ବିଷଦ ଆଲୋଚନା ହୋଇଥିଲା। ତା ସହିତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ବାଧ୍ୟତାମୂଳକ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ଅଧିକ ଆଗ୍ରହ ସୃଷ୍ଟି ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

ଡିଜିଟାଲ ରୂପାନ୍ତୀକରଣ ସମ୍ପର୍କରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ନ୍ୟାସନାଲ କ୍ୟାରିଅର ସର୍ଭିସ ଏବଂ ଇ-ଶ୍ରମ ପ୍ଲାଟଫର୍ମଗୁଡିକର ଅଧିକରୁ ଅଧିକତର ଡିଜିଟାଇଜେସନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଚାରୀଙ୍କ ପାଇଁ 'ଏକଥର ସୁରକ୍ଷିତ, ସଦା ସୁରକ୍ଷିତ' ନୀତି ପ୍ରଣୟନ କରିବାକୁ ପ୍ରସ୍ତାବ ରଖିଥିଲେ, ଯାହା ଶ୍ରମିକମାନଙ୍କୁ ଜୀବନ ଜୀବିକାକୁ ଅଧିକ ସୁରକ୍ଷିତ କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ବୈଠକରେ ଶ୍ରମିକ ଭାଇଭଉଣୀମାନଙ୍କ ପାଇଁ ପ୍ରଚଳିତ ଆଇନ କାନୁନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ସିଂହଖୁଣ୍ଟିଆ କେନ୍ଦ୍ର ସରକାରଙ୍କ ସୁଧାର ଅନୁଚିନ୍ତାର ଉଚ୍ଚ ପ୍ରଶଂସା କରି କହିଥିଲେ ଯେ ଏହି ସୁଧାର ଗୁଡ଼ିକ ଦେଶ ନିର୍ମାଣ କରୁଥିବା ଶ୍ରମିକ ଭାଇଭଉଣୀମାନଙ୍କ ଜୀବନ ଓ ଜୀବିକାରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ନେଇ ଆସିବ। ଓଡ଼ିଶା ଏହି ପରିବର୍ତ୍ତନ ଓ ପ୍ରଗତିର ଯାତ୍ରାକୁ ପୂର୍ଣ୍ଣ ସମର୍ଥନ କରିବ। ଶ୍ରମିକ ଭାଇଭଉଣୀମାନଙ୍କ ବାସ୍ତବ ଓ ସର୍ବାଙ୍ଗୀନ ଉନ୍ନତି ସହିତ ଓଡ଼ିଶା ତଥା ଦେଶର ବାସ୍ତବ ଉନ୍ନତି ସାଧିତ ହେବ ବୋଲି ସେ କହିଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କେନ୍ଦ୍ର ସରକାରଙ୍କୁ ଖୁବ ଶୀଘ୍ର ସୁଚିନ୍ତିତ ମତାମତ ପ୍ରଦାନ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ପରାମର୍ଶ ଦେଇଛନ୍ତି। ଶ୍ରମ ସୁଧାର ନୀତିନିୟମର ସଫଳତା କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ପ୍ରଶାସନର ସମାନ ଭାଗିଦାରୀ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି।

## ବନ ବିଭାଗ ମଞ୍ଜୁରୀ କ୍ଷେତ୍ରରେ ପ୍ରତିବନ୍ଧକ ଦୂର ପାଇଁ ବୈଠକ

# ଆନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବାକୁ ଗୁରୁତ୍ୱ

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ବିଭିନ୍ନ ଜନକଲ୍ୟାଣମୂଳକ ପ୍ରକଳ୍ପଗୁଡିକୁ ବନ ବିଭାଗ ମଞ୍ଜୁରୀ ପ୍ରଦାନ କ୍ଷେତ୍ରରେ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ସଂକ୍ରାନ୍ତରେ ତ୍ୱରିତ ନିଷ୍ପତ୍ତି ଗ୍ରହଣ ପାଇଁ ପଥ ପ୍ରଶସ୍ତ କରିବା ଉଦ୍ଦେଶ୍ୟରେ ଆଜି ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ବରିଷ୍ଠ ଅଧିକାରୀ ଅତିରିକ୍ତ ପିସିସିଏଫ୍ (ନୋଡାଲ୍) କେ.ମୁରୁଗେସନ, , ସିସିଏଫ୍ (ନୋଡାଲ୍) ଏ. କେ. କର, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓତା, ନିର୍ଦ୍ଦେଶକ, ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଜେ.ପି. ମହାକୁଡ, ମୁଖ୍ୟ ଇଞ୍ଜିନିୟର ( ନିର୍ମାଣ), ଦକ୍ଷିଣ ପୂର୍ବ ରେଳବାଇ ବିଜୟ କୁମାର , ବୀରେନ୍ଦ୍ର ସିଂହ, ଆଞ୍ଚଳିକ ଅଧିକାରୀ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ପ୍ରକଳ୍ପଗୁଡିକର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଆନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା, ପ୍ରକ୍ରିୟାଗୁଡ଼ିକୁ ସୁଗମ କରିବା ଏବଂ ସାମ୍ବିଧାନିକ ମାନଦଣ୍ଡ ସହିତ ସମୟୋଚିତ ଅନୁପାଳନ ସୁନିଶ୍ଚିତ କରିବା ଉପରେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ। ସେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବିଭାଗୀୟ ବନ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ଭାବ୍ୟ ପ୍ରତିବନ୍ଧକଗୁଡ଼ିକୁ ସକ୍ରିୟ ଭାବରେ ଚିହ୍ନଟ ଏବଂ ଦୂର କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହା ଦ୍ୱାରା ପ୍ରକଳ୍ପଗୁଡ଼ିକ ଅଯଥାରେ ଅଟକି ରହିବ ନାହିଁ। ଜଙ୍ଗଲ ସଂରକ୍ଷଣ ମାନଦଣ୍ଡ ସହିତ ସାଲିସ କରାଯିବ ନାହିଁ ଏବଂ ବିକାଶ ପ୍ରକ୍ରିୟା ଅଟକି ରହିବ ନାହିଁ ବୋଲି ସ୍ପଷ୍ଟ ବାର୍ତ୍ତା ଦେବା ସହିତ ବିକାଶମୂଳକ ଆବଶ୍ୟକତାକୁ ପରିବେଶଗତ ପ୍ରାଥମିକତା ସହିତ ସନ୍ତୁଳନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ ।

ଏହି ଉଚ୍ଚସ୍ତରୀୟ ସମନ୍ୱୟ ବୈଠକରେ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ୭ଟି ଅନୁସନ୍ଧାନକାରୀ ଖନନ ପ୍ରକଳ୍ପର ସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଦକ୍ଷିଣ ପୂର୍ବ ରେଳବାଇର ଦୁଇଟି ରେଳ ପ୍ରକଳ୍ପର ସ୍ଥିତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ରାଜଧାନୀ କ୍ଷେତ୍ର ରିଙ୍ଗ ରୋଡ୍ ରାମେଶ୍ୱରରୁ ଗୋବିନ୍ଦପୁର ଏବଂ ଗୋବିନ୍ଦପୁରରୁ ଟାଙ୍ଗୀ ନିର୍ମାଣ ପାଇଁ ଏବଂ ନେଭେଲି ଲିଗନାଇଟ୍ କର୍ପୋରେସନ (ଏନଏଲସି) ଅଧୀନରେ ଉଡ଼ା ପାଉଁଶ ଡାଇକ୍ ପ୍ରକଳ୍ପ ପାଇଁ ପ୍ରତିବନ୍ଧକ ଦୂର କରିବାକୁ ବନାଞ୍ଚଳ ଅଧିକାରୀମାନଙ୍କୁ କହିଥିଲେ। ରାଉରକେଲା, ଅନୁଗୁଳ ଏବଂ ସମ୍ବଲପୁରର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଏବଂ ରାଉରକେଲା, ରାଇରଙ୍ଗପୁର, ବାରିପଦା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, କେଉଁଝର ଏବଂ ବୋନାଇ ବନ ଡିଭିଜନର ବନାଞ୍ଚଳ ଅଧିକାରୀମାନେ ଭର୍ଚୁଆଲ୍ ଭାବରେ ସମନ୍ୱୟ ବୈଠକରେ ଯୋଗ ଦେଇଥିଲେ।

## ସାର ସମସ୍ୟା ନେଇ ବର୍ଷିଲା ବିଜେଡି

# ୧୫ରେ ରାଜଭବନ ଆଗରେ ଗଣଧାରଣା

**ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** ଚାଷୀଙ୍କ ପାଇଁ ସାର ନିଅଣ୍ଟ, ଅଥଚ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ୍ ରହିଛି ବୋଲି ମିଛ କହୁଛନ୍ତି ରାଜ୍ୟ ସରକାର। ସମବାୟ ବିଭାଗର ତଥ୍ୟ ଗଣମାଧ୍ୟମ ଆଗରେ ପ୍ରସ୍ତୁତ କରି ରାଜ୍ୟରେ ସାର ଅଭାବ ଥିବାର ପ୍ରମାଣ ଦେଇଛି ବିଜେଡି। ଯଦି ସାର ସମସ୍ୟାର ତୁରନ୍ତ ସମାଧାନ ନହୁଏ ତାହେଲେ, ଆସନ୍ତା ୧୫ରେ ବିଜେଡି ରାଜଭବନ ସମ୍ମୁଖରେ ଧାରଣା ଦେବ। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ ସାରର କଳାବଜାରୀ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଥିଲେ ସାର ନିଅଣ୍ଟ ସ୍ଥିତି ଯୋଗୁ କୃଷକମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ସାର ସମସ୍ୟା ଉପରେ ସମୀକ୍ଷା କରିବା ପରେ ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ। ପୂର୍ବରୁ ମଧ୍ୟ ସେ ସମୀକ୍ଷା କରିବା ପରେ ସାର ମହଜୁଦ ଥିବା କଥା କହିଥିଲେ। କିନ୍ତୁ, ସାର ନମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରିବା ଖବର ବିଭିନ୍ନ




ଗଣମାଧ୍ୟମରେ ନିୟମିତ ଭାବରେ ପ୍ରକାଶ ପାଇ ଆସୁଛି। ସରକାର ସମସ୍ୟାର ସମାଧାନ ନକରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି।

ଶ୍ରୀ ଦାସବର୍ମା ଆହୁରି କହିଥିଲେ ଯେ ସମବାୟ ବିଭାଗରେ, ସାରର ସ୍ଥିତି ଓ ବଣ୍ଟନ ପ୍ରକ୍ରିୟାକୁ ନେଇ ନିକଟରେ ହୋଇଥିବା ଏକ ସମୀକ୍ଷା ବୈଠକରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଦାବି ଏକ ପ୍ରହସନ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି। ଏହି ବୈଠକରେ ଆସିଥିବା ତଥ୍ୟ ଅନୁଯାୟୀ ଗଞ୍ଜାମ ଜିଲ୍ଲାରେ ୧୯, ୫୬୧ ମେଟ୍ରିକ ଟନ୍ ସାର ପାଇଁ ଆବଶ୍ୟକତା ଥିଲା ବେଳେ ସରକାରଙ୍କ ତରଫରୁ ମାତ୍ର ୧୦, ୬୪୦ ମେଟ୍ରିକ ଟନ୍ ସାର ପ୍ରଦାନ କରାଯାଇଛି। ଭଦ୍ରକ ଜିଲ୍ଲାରେ ୬୧୮୮ ମେଟ୍ରିକ ଟନ ମଧ୍ୟରୁ ମାତ୍ର ୮୬୩ ମେଟ୍ରିକ ଟନ ସାର ମିଳିଛି। ବାଲେଶ୍ୱର ଜିଲ୍ଲାରେ ୨୬୦୦ ମେଟ୍ରିକ ଟନ ସାର ଆବଶ୍ୟକତା ଥିଲା ବେଳେ ମାତ୍ର ୯୦୦ ମେଟ୍ରିକ ଟନ ସାର ମିଳିଛି। ସେହିପରି ଅନୁଗୁଳ ଜିଲ୍ଲାରେ ୮୧୦୦ ମେଟ୍ରିକ ଟନ ସାର ଆବଶ୍ୟକତା ଥିଲା ବେଳେ ୪୯୫୪ ମେଟ୍ରିକ ଟନ ସାର ମିଳିଛି। ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ସାର ସ୍ଥିତି ଅତ୍ୟାବଶ୍ୟକୀୟ ପରିମାଣ ଠାରୁ ବହୁତ କମ ପରିମାଣର ସାର ମିଳି ପାରିଛି। ଦୁଃଖ ଓ ପରିତାପର ବିଷୟ ଯେ ସରକାର ସ୍ଥିତିକୁ ସାମ୍ନା କରିବା ପରିବର୍ତ୍ତେ ମିଥ୍ୟା ଦାବି ମାଧ୍ୟମରେ ରାଜ୍ୟର କୃଷକ ସମାଜକୁ ଭୁଆଁ ବୁଲାଉଛନ୍ତି। ଏହାଛଡ଼ା ସାର ଯୋଗାଉଥିବା କମ୍ପାନୀମାନେ ରାଜ୍ୟକୁ ସାର ଯୋଗାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଯେଉଁଥିପାଇଁ ସମସ୍ୟା ଅଧିକ ଗମ୍ଭୀର ହୋଇଛି।

ପ୍ରମିଳା ମଲ୍ଲିକ କହିଥିଲେ ଯେ ରାଜ୍ୟର ୭୦ ପ୍ରତିଶତ ଲୋକଙ୍କ ଜୀବିକା କୃଷି ଉପରେ ନିର୍ଭର କରେ। ସରକାରଙ୍କ ବେପରୁଆ ମନୋଭାବ ଯୋଗୁ ସାରର ନିଅଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀଙ୍କୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କିନ୍ତୁ କୌଣସି ସମାଧାନର ରାସ୍ତା ବାହାରି ନାହିଁ। ପ୍ରାୟ ସାତ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଳଚେରରେ ସାର କାରଖାନା କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଏହି କାରଖାନା ୩୬ ମାସରେ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। କିନ୍ତୁ ସାତ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସାର କାରଖାନା କାର୍ଯ୍ୟକ୍ଷମ ହୋଇନାହିଁ। କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତା ହାସଲ କରିବା ବିଜେପିର କାମ। ତେଣୁ ରାଜ୍ୟର କୃଷକ ସମାଜର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସ୍ୱର ଉତ୍ତୋଳନ କରିବ। ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଆଗାମୀ ୧୫ ତାରିଖରେ ବିଜୁ ଜନତା ଦଳ ତରଫରୁ ରାଜଭ୍ବନ ସମ୍ମୁଖରେ ଧାରଣା ଦେବ। ଯଦି ସାର ସମସ୍ୟା ଲାଗି ରହେ, ରାଜ୍ୟର ପ୍ରତି ବ୍ଲକରେ ବିଜେଡି ଆନ୍ଦୋଳନ କରିବ।

# ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ



**କାମାକ୍ଷାନଗର,ଭୁବନେଶ୍ୱର,୧୨।୯/ଏନ୍ଏନ୍ଏସ୍:** କାମାକ୍ଷାନଗର ନିର୍ବାଚନମଣ୍ଡଳୀର ଚାରିଥରର ବିଧାୟକ ତଥା ପୂର୍ବତନ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜେଡିରୁ ନିଲମ୍ବନ କରାଯାଇଛି। ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତ ସମ୍ବଳିତ ପତ୍ର ଜରିଆରେ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି।

ପ୍ରକାଶ ଯେ ବିଜେଡି ପରିଚାଳନାକୁ ନେଇ ଗୁରୁବାର ଶ୍ରୀ ମଲ୍ଲିକ ବିଜେଡି ଉପରେ ବର୍ଷିଥିଲେ। ସେ କହିଥିଲେ ଯେ ଆଗକୁ ଯଦି ଦଳ ଠିକ୍ ଭାବେ ନଚାଲେ ତାହେଲେ ଦଳଠୁ ଦୂରେଇ ଯିବି। ବିଜେଡି ସଠିକ୍ ଭାବେ ବିରୋଧୀ ଦଳର ଭୂମିକା ନିର୍ବାହ କରୁନାହିଁ। ପୂର୍ବ ବିଚାର ଧାରାରେ ଦଳ ନାହିଁ। ଦଳକୁ ସଙ୍ଗଠିତ କରିବାକୁ ପଡ଼ିବ। ମାତ୍ର ବିଚ୍ୟୁତି ଦେଖୁଛି। ଦଳରେ ଥିଲେ ବି କୌଣସି ସାଂଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେଉନି। ଯଦି ଭବିଷ୍ୟରେ ଯଦି ଦଳ ଠିକ ନଚାଲେ ଦଳ ଠୁ ଦୂରେଇ ଯିବି ବୋଲି ସେ କହିଥିଲେ। ଏହାଛଡ଼ା ସେ କହିଥିଲେ ଯେ ଦଳରେ ବରିଷ୍ଠ ନେତାଙ୍କ ପରାମର୍ଶ ଗ୍ରହଣ କରାଯାଉନାହିଁ। ମୋ ସହିତ ବି କେହି ଆଲୋଚନା କରିନାହାନ୍ତି। ପୁରୁଣା ଢାଞ୍ଚାରେ ଦଳ ଚାଲିବା ଦରକାର। ତେବେ ବର୍ତ୍ତମାନ୍ ନୂଆ ବିଜେଡି ଗଠନର ସମୟ ନୁହେଁ। ପୁରୁଣା ବିଜେଡ଼ିକୁ ସଠିକ୍ ଭାବେ ଚଳାଇବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଥିଲେ। ତେବେ ପ୍ରଫୁଲ୍ଲଙ୍କୁ ଜବାବ୍ ଦେଇ ଦଳର ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା ସେ ଜଣେ ଶତାବ୍ଦୀର ବଡ଼ ସୁବିଧାବାଦୀ ନେତା ବୋଲି କହିଥିଲେ। ଅନ୍ୟପକ୍ଷରେ ଗତକାଲି ଶ୍ରୀ ମଲ୍ଲିକ ବିଜେଡି ବିରୋଧରେ ବିଷୋଦଗାର କରିଥିବାବେଳେ ଆଜି ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି।

### 'ଇସ୍ତଫା ପତ୍ର ପାଇବା ପରେ ନିଲମ୍ବନ'

ବିଜେଡିରୁ ମୁଁ ଗତକାଲି ଇସ୍ତଫା ଦେଇଛି। ବ୍ୟକ୍ତିଗତ କାରଣରୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଉପସଭାପତି ଦେବୀ ମିଶ୍ରଙ୍କୁ ନିଜର ଇସ୍ତଫା ପତ୍ର ପଠାଇଥିଲି। ଏହି ଇସ୍ତଫା ପତ୍ର ପାଇବା ପରେ ନିଲମ୍ବନ କରାଯାଇଛି। ଗଣମାଧ୍ୟମ ଆଗରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ରାଜନେତା ପ୍ରଫୁଲ୍ଲ ମଲ୍ଲିକ ।ସେ କହିଛନ୍ତି ଯେ ବିଜେଡିର ପ୍ରେସବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ମୁଁ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇସାରିଥିଲି। କିଛି ମାସ ହେବ ବିଜେଡି ବିରୋଧୀ ଦଳ ଭାବେ ଠିକରେ ଦାୟିତ୍ୱ ନିର୍ବାହ କରୁନଥିବା ଓ ଦଳର ନୀତି ଆଉ ଆଦର୍ଶରେ ବିଚ୍ୟୁତ ହେଉଥିବା କହି ଚର୍ଚ୍ଚାରେ ଥିଲେ ପ୍ରଫୁଲ୍ଲ। ଏନେଇ ନିଜର ବ୍ୟକ୍ତିଗତ କାରଣ ଯୋଗୁ ଦଳରୁ ଇସ୍ତଫା ଦେଇଥିବା ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି। ତେବେ ଆଗାମୀ ସମୟରେ ସାମାଜିକ ସେବା ଜାରି ରହିବା ସହ ନିଜ ଅଞ୍ଚଳର ଉନ୍ନତି ପାଇଁ କାମକରିବାକୁ ପ୍ରସ୍ତୁତ ଥିବା କହିଥିବା ବେଳେ କେଉଁ ଅନ୍ୟ ରାଜନୀତିକ ଦଳକୁ ଯିବା ପ୍ରସଙ୍ଗରେ ମୁହଁ ଫେରାଇଛନ୍ତି ପ୍ରଫୁଲ୍ଲ। ବର୍ତମାନ ପର୍ଯ୍ୟନ୍ତ ଅନ୍ୟ କୌଣସି ଦଳକୁ ଯିବାର ଭାବିନି। ତେଣୁ ସେ ବିଷୟରେ ସମୟ ଆସିଲେ ଜଣାଇବେ ବୋଲି ପ୍ରଫୁଲ୍ଲ କହିଛନ୍ତି। ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ତରଫରୁ କାମାକ୍ଷାନଗରରେ ପ୍ରଫୁଲ୍ଲ କୁମାର ମଲ୍ଲିକ ଚାରି ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହା ସହିତ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି, ଗଞ୍ଜାମ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଭାବେ ଦଳ ପାଇଁ କାର୍ଯ୍ୟ କରିଥିଲେ ପ୍ରଫୁଲ୍ଲ ମଲ୍ଲିକ।

# ୧୪ରୁ ପୁଣି ଆରମ୍ଭ ହେବ ବୈଷ୍ଣୋଦେବୀ ଯାତ୍ରା



**ଜମ୍ମୁ, ୧୨।୯/ଏଜେନ୍ସି:** ଗତ ୧୭ ଦିନ ଧରି ବନ୍ଦ ରହିଥିବା ମା' ବୈଷ୍ଣୋଦେବୀଙ୍କ ପବିତ୍ର ଯାତ୍ରା ପୁଣିଥରେ ଆରମ୍ଭ ହେବାକୁ ଯାଉଛି। ରିପୋର୍ଟ, ଅନୁସାରେ ଆସନ୍ତା ୧୪ରୁ ଜମ୍ମୁ କାଶ୍ମୀରରେ ବୈଷ୍ଣୋଦେବୀଙ୍କ ଯାତ୍ରା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଫଳରେ ଏବେ ଭକ୍ତମାନେ ପୁଣି ଥରେ ମାତାଙ୍କ ଦରବାରରେ ଯୋଗ ଦେଇପାରିବେ। ଦୀର୍ଘ ସମୟ ଅପେକ୍ଷା ପରେ, ଭକ୍ତମାନଙ୍କ ମଧ୍ୟରେ ଆଶା ରହିଛି ଯେ ସେମାନେ ମାତାରାଣୀଙ୍କ ଦର୍ଶନ କରିବାର ସୁଯୋଗ ପାଇବେ। ଆଗକୁ ନବରାତ୍ରୀ ଥିବାବେଳେ ଏହି ଖବର ଭକ୍ତଙ୍କ ମଧ୍ୟରେ ଉତ୍ସାହ ଖେଳାଇଦେଇଛି। ପ୍ରକାଶ, ଅଗଷ୍ଟ ୨୬ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ତ୍ରିକୁଟ ପାହାଡ଼ରେ ଏକ ବଡ଼ ଭୂସ୍ଖଳନ ହୋଇଥିଲା। ଏହି ଦୁର୍ଘଟଣାରେ ୩୪ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ। ଦୁର୍ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ବୈଷ୍ଣୋଦେବୀ ଶ୍ରାଇନ୍ ବୋର୍ଡ ପକ୍ଷରୁ ଯାତ୍ରାକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେବେଠାରୁ ଏହି ରାସ୍ତା ସମ୍ପୂର୍ଣ୍ଣ ବନ୍ଦଥିଲା। ଏହି କାରଣରୁ ହଜାର ହଜାର ଭକ୍ତ କଟରାରେ ଅପେକ୍ଷାରେ ରହିଛନ୍ତି ଏବଂ ଯାତ୍ରା ଆରମ୍ଭ ହେବା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଅନେକ ଭକ୍ତ କହିଛନ୍ତି ଯେ ସେମାନେ କେବଳ ସେତେବେଳେ ନିଜ ଘରକୁ ଫେରିବେ ଯେତେବେଳେ ସେମାନେ ମାତାଙ୍କ ଦର୍ଶନ କରିବେ।

**ପାକିସ୍ତାନ୍‌ର ପଞ୍ଜାବ ପ୍ରଦେଶରେ ଜଳପ୍ରଳୟ**

## ଡଙ୍ଗା ଓଲଟି ୧୦ରୁ ଉର୍ଦ୍ଧ୍ୱ ମୃତ

**ଇସ୍‌ଲାମାବାଦ୍, ୧୨।୯/ଏଜେନ୍ସି:** ପାକିସ୍ତାନରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ପଞ୍ଜାବ ପ୍ରଦେଶ ମାତ୍ରାଧିକ କ୍ଷତିଗ୍ରସ୍ତ ହୋଇଛି। ପ୍ରଭାବିତ ଅଞ୍ଚଳରେ ବନ୍ୟାପାଣିରୁ ଲୋକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ତେବେ ଶୁକ୍ରବାର ଏପ୍ରକାର ଏକ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଏକ ଭୟଙ୍କର ଅଘଟଣ ଘଟିଥିବା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଉଦ୍ଧାରକାରୀ ଦଳ ବନ୍ୟାଘେରରେ ରହିଥିବା ପୀଡିତଙ୍କୁ ଉଦ୍ଧାର କରିବା ପାଇଁ ଏକ ଅପରେସନ୍ ଚଳାଇଥିବା ବେଳେ ଉଦ୍ଧାରକାରୀଙ୍କ ଏକ ଡଙ୍ଗାଟି ଓଲଟିପଡିଥିଲା। ବାସ୍ତବରେ ଏହି ଡଙ୍ଗାରେ ପୀଡିତଙ୍କୁ ବସାଇ ସୁରକ୍ଷିତ ସ୍ଥାନକୁ ଅଣାଯିବା କାର୍ଯ୍ୟ ଚାଲିଥିବା। କିନ୍ତୁ ଆଜିର ଏହି ଦୁର୍ଭାଗ୍ୟଜନକ ଘଟଣା ଯୋଗୁ ଡଙ୍ଗାରେ ଥିବା ପ୍ରାୟ ୧୦ ସାଧାରଣ ଲୋକ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ କିଛି ପିଲା ବି ଅଛନ୍ତି। ମୁଲତାନ, ବାହାୱାଲନଗରରେ ଏହି ଉଦ୍ଧାର ଉଦ୍ୟମ ଚାଲୁଥିବା ବେଳେ ଏପରି ଅଘଟଣ ଘଟିଛି। ଦକ୍ଷିଣ ପଞ୍ଜାବ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ବୋଟ୍ ଓଲଟିବା ପରେ ୪୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରକାଶ, ସତ୍‌ଲେଜ, ରାବି ଏବଂ ଚେନାବ ନଦୀର ଜଳସ୍ତର ବଢିବା ଫଳରେ ପାକିସ୍ତାନ ପଞ୍ଜାବ ବନ୍ୟାଜଳ ଘେରରେ ରହିଛି। ୪୫୦୦ରୁ ଅଧିକ ଗାଁ ଜଳବନ୍ଦୀ ହୋଇପଡିଥିବା ବେଳେ ପ୍ରାୟ ୪୦ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୨୦ ଲକ୍ଷ ଲୋକ ବାସହରା ହୋଇପଡିଛନ୍ତି। ୧୦ ଲକ୍ଷରୁ ଅଧିକ ପଶୁଙ୍କୁ ବନ୍ୟା ପାଣିରୁ ସୁରକ୍ଷିତ ଉଦ୍ଧାର କରି ସ୍ଥାନାନ୍ତରିତ କରାଯାଇଛି।

## ଭୁଶୁଡ଼ିଲା ପଥର ଖଣି, ୫ ଶ୍ରମିକ ମୃତ


**କୋଲକାତା, ୧୨।୯/ଏଜେନ୍ସି:** ଶୁକ୍ରବାର ଅପରାହ୍ନରେ ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାର ନାଲହାଟିର ବାହାଦୁରପୁର ଠାରେ ଥିବା ଏକ ପଥର ଖଣିରେ ଭୂସ୍ଖଳନ ହୋଇଛି। ଏଥିରେ ୫ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୪ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶ୍ରମିକମାନେ ଖଣିରୁ ପଥର ଖନନ ତଥା ବାହାର କରୁଥିବା ସମୟରେ ବଡ଼ବଡ଼ ପଥର ଅତଡାଗୁଡ଼ିକ ଧସିପଡିଥିଲା। ଭୂସ୍ଖଳନ ସମୟରେ ଖଣି ଭିତରେ ପ୍ରାୟ ୧୨ ଶ୍ରମିକ କାମ କରୁଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଶ୍ରମିକମାନେ ଅପରାହ୍ନରେ ଖଣିରୁ ପଥର



ବାହାର କରିବା କାମ କରୁଥିଲେ। ହଠାତ୍ ଖଣିର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ଶ୍ରମିକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସେହି ସମୟରେ ଖଣିରେ ୧୦-୧୨ ଜଣ ଶ୍ରମିକ କାମ କରୁଥିଲେ। ୯ଜଣ ଶ୍ରମିକ ଭଗ୍ନାବଶେଷ ତଳେ ପୋତି ହୋଇଯାଇଥିଲେ। ଖବର ପାଇବା ପରେ କିଛି ଲୋକ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସମସ୍ତ ଶ୍ରମିକଙ୍କୁ ଚିକିତ୍ସା ପାଇଁ ରାମପୁରହାଟ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ୫ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇବା ପରେ ନାଲହାଟି ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ସହିତ, ନିୟମ ଅନୁଯାୟୀ ଖଣିରୁ ପଥର ବାହାର କରାଯାଉଥିଲା କି ନାହିଁ ତାହା ମଧ୍ୟ ତଦନ୍ତ କରାଯାଉଛି। କୁହାଯାଉଛି ଯେ ବର୍ଷା ସମୟରେ ପ୍ରବଳ ବର୍ଷା ଯୋଗୁଁ ଅନେକ ପଥର ଖଣିରେ ପାଣି ଜମା ହୋଇଯାଇଥିଲା। ଅଞ୍ଚଳର ମାଟି ମଧ୍ୟ ନରମ ହୋଇଯାଇଥିଲା। ଏହା ମଧ୍ୟ ଭୂମି ଦବିବାର ଏକ କାରଣ ହୋଇପାରେ।

## ସିକ୍କିମ୍‌ରେ ଭୂସ୍ଖଳନ: ୪ ମୃତ, ୩ ନିଖୋଜ

**ଗାଙ୍ଗଟକ୍, ୧୨।୯/ଏଜେନ୍ସି:** ପଶ୍ଚିମ ସିକ୍କିମ୍‌ର ଉପର ରିମ୍ବି ପ୍ରାନ୍ତରେ ଶୁକ୍ରବାର ଏକ ଭୟଙ୍କର ଭୂସ୍ଖଳନ ହୋଇଥିବା ବେଳେ ଏଥିରେ ୪ଜଣ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ସାମିଲ ଥିବା ଜଣାପଡିଛି। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ୩ଜଣ ନିଖୋଜ ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଅନ୍ୟ ୨ଜଣ



ଉଦ୍ଧାର ପାଇଥିବା କୁହାଯାଉଛି। ସିକ୍କିମର ୟାଙ୍ଗଥାଙ୍ଗ ଅଞ୍ଚଳରେ ଏହି ଅଘଟଣ ଘଟିଛି। ଗତ କିଛି ଦିନ ଧରି ଏହି ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିବା ଫଳରେ ଆଖପାଖ ନଦୀଗୁଡ଼ିକରେ ପ୍ରଖର ଜଳସ୍ରୋତ ଆସିଛି। ଏହିକ୍ରମେ ହୁମେ ନଦୀରେ ବନ୍ୟା ଆସିବାରୁ ଆଜିର ଏହି ଭୂସ୍ଖଳନ ହୋଇଥିବା କୁହାଯାଉଛି। ଜିଲ୍ଲା ଏସ୍‌ପି ଗେଜିଂ ଶେରିଂ ଶେରପା ଭୂସ୍ଖଳନ ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଶୁକ୍ରବାର ଭୋର ସମୟରେ ୟଙ୍ଗ୍‌ଥାଙ୍ଗ୍ ଗ୍ରାମବାସୀମାନେ ଶୋଇଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ପାହାଡ ଫାଟି ଏକ ବଡ ଭୂସ୍ଖଳନ ହୋଇଥିଲା। ଯାହା ଫଳରେ ପାଣି ସହିତ ଭଗ୍ନାବିଶେଷ ଏବଂ ପଥର, ମାଟିକାଦୁଅ ଆଦି ମାଡି ଆସିଥିଲା ଏବଂ ସେମାନଙ୍କ ଘରକୁ ଭସାଇନେଇଥିଲେ। ଅନ୍ୟପକ୍ଷେ ପାଣି ଯୋଗୁଁ ହୁମେ ନଦୀ ଫୁଲି ଉଠିବାରୁ ପାଣି ମାଡି ଆସି ଘରଗୁଡ଼ିକ ଭାସିଯାଇଛି। ନିଖୋଜ ଥିବା ତିନି ଜଣଙ୍କୁ ଠାବ କରିବାକୁ ଖୋଜାଖୋଜି ଜାରିରହିଛି। ନେପାଳ ପୁଲିସ୍, ସଶସ୍ତ୍ର ସୀମାବଳ, ଉଦ୍ଧାରକାରୀ ଦଳ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି ବୋଲି ଶେରପା କହିଛନ୍ତି।

# କାଠମାଣ୍ଡୁରେ ଭାରତୀୟ ତୀର୍ଥଯାତ୍ରୀଙ୍କ ବସ୍ ଉପରେ ଆକ୍ରମଣ

## ଲୁଟିନେଲେ ମୋବାଇଲ୍, ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ



**କାଠମାଣ୍ଡୁ, ୧୨।୯/ଏଜେନ୍ସି:** ନେପାଳରେ ଚାଲିଥିବା ଅଶାନ୍ତି ମଧ୍ୟରେ, ରାଜଧାନୀ କାଠମାଣ୍ଡୁ ଠାରେ ଆନ୍ଧ୍ରପ୍ରଦେଶର ଏକ ତୀର୍ଥଯାତ୍ରୀଙ୍କ ଏକ ଦଳ ଉପରେ ଆକ୍ରମଣ ହୋଇଛି। ତେବେ ସୌଭାଗ୍ୟବଶତଃ ତୀର୍ଥଯାତ୍ରୀଙ୍କର ସେପରି ବିଶେଷ କ୍ଷୟକ୍ଷତି ହୋଇନାହିଁ। ରିପୋର୍ଟ ଅନୁସାରେ କାଠମାଣ୍ଡୁ ଦେଇ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଉପରେ କିଛି ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ ଏବଂ ମାରଧର କରିବା ପୂର୍ବକ ସେମାନଙ୍କ ଜିନିଷପତ୍ର ଲୁଟି ନେଇଥିଲେ। ଏହି ଘଟଣାରେ ଅନେକ ତୀର୍ଥଯାତ୍ରୀ ଆହତ ମଧ୍ୟ ହୋଇଥିବା ଜଣାପଡିଛି। ପୁଲିସ ଅନୁଯାୟୀ, ତୀର୍ଥଯାତ୍ରୀମାନେ କାଠମାଣ୍ଡୁର ପଶୁପତିନାଥ ମନ୍ଦିର ଦର୍ଶନରୁ ଫେରୁଥିବା ସମୟରେ ସେମାନଙ୍କ ବସ୍ ଉପରେ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀମାନେ ବସ୍ ଉପରେ ପଥର ଫିଙ୍ଗି ଏହାର ଝରକା ଭାଙ୍ଗି ଦେଇଥିଲେ ଏବଂ ଯାତ୍ରୀମାନଙ୍କ ବ୍ୟାଗ୍, ନଗଦ ଟଙ୍କା ଏବଂ ମୋବାଇଲ୍ ଫୋନ୍ ଆଦି ଲୁଟି ନେଇଥିଲେ। ଏହି ଘଟଣାରେ ୭ରୁ ୮ଜଣ ଯାତ୍ରୀ ଆହତ ହୋଇଥିଲେ। ତେବେ ନେପାଳୀ ସେନା କର୍ମଚାରୀମାନେ ସହଯୋଗ କରିବାକୁ ଆଗେଇ ଆସିଥିଲେ। ସେମାନେ ଦୁର୍ବୃତ୍ତଙ୍କ ଠାରୁ ଭାରତୀୟ ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ସମସ୍ତ ଫସି ରହିଥିବା ଯାତ୍ରୀଙ୍କୁ ଭାରତ ସରକାର କାଠମାଣ୍ଡୁରୁ ଦିଲ୍ଲୀକୁ ବିମାନରେ ସ୍ଥାନାନ୍ତରିତ କରିବାର ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷେ କ୍ଷତିଗ୍ରସ୍ତ ବସ୍‌ଟି ୟୁପିର ମହାରାଜଗଞ୍ଜ ନିକଟସ୍ଥ ସୋନୌଲି ସୀମାରେ ପହଞ୍ଚିଥିବା ଜଣାପଡିଛି।

ନେପାଳରେ ହିଂସା ଏବଂ ଉତ୍ତେଜନା ଭାରତୀୟ କର୍ତ୍ତୃପକ୍ଷଙ୍କୁ ୟୁପି, ବିହାର ଏବଂ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ଏବଂ ସତର୍କତା ବୃଦ୍ଧି କରିବାକୁ ପ୍ରେରଣା ଦେଇଛି। ସୀମା ପାର କୌଣସି ଅପ୍ରୀତିକର ଘଟଣା କିମ୍ବା ଅବୈଧ ଗତିବିଧିକୁ ପ୍ରତିହତ କରିବା ପାଇଁ ତିନୋଟି ରାଜ୍ୟର ସୀମାନ୍ତ ଜିଲ୍ଲାଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି। ସୀମାର ଉଭୟ ପାର୍ଶ୍ୱର କର୍ତ୍ତୃପକ୍ଷଙ୍କ ଦ୍ୱାରା ନାଗରିକତା କାର୍ଡ ଯାଞ୍ଚ ପରେ କେବଳ ଭାରତରେ ଫସି ରହିଥିବା ନେପାଳୀ ନାଗରିକମାନଙ୍କୁ ସୀମା ପାର କରିବାକୁ ଅନୁମତି ଦିଆଯାଉଛି।

## ଜେନ୍-ଜେଡ୍ ବିକ୍ଷୋଭରେ ଭାରତୀୟ ମହିଳା ମୃତ

**ନୂଆଦିଲ୍ଲୀ, ୧୨।୯/ଏଜେନ୍ସି:** ନେପାଳରେ ଜେନ୍-ଜେଡ୍ ଆନ୍ଦୋଳନ ସମୟରେ, ଜଣେ ଭାରତୀୟ ମହିଳା ମୃତ୍ୟୁବରଣ କରିଛନ୍ତି। ରିପୋର୍ଟ ଅନୁସାରେ ଗାଜିଆବାଦର ଏକ ପରିବାର ପଶୁପତିନାଥ ମନ୍ଦିର ଦର୍ଶନ ପାଇଁ କାଠମାଣ୍ଡୁ ଯାଇଥିଲେ। ସେଠାରେ ସେମାନେ ଏକ ପଞ୍ଚତାରକା ହୋଟେଲରେ ରହିଥିଲେ। କିନ୍ତୁ ଠିକ୍ ଏହି ସମୟ ବେଳକୁ କାଠମାଣ୍ଡୁରେ ଜେନ୍-ଜେଡ୍ ଆନ୍ଦୋଳନ ଆରମ୍ଭ ହୋଇଥିଲା। ବିକ୍ଷୋଭକାରୀମାନେ ଏହି ସମୟରେ କାଠମାଣ୍ଡୁରେ ଥିବା ଉକ୍ତ ବିଳାସପୂର୍ଣ୍ଣ ହୋଟେଲ୍‌ଟିକୁ ନିଆଁ ଲଗାଇଦେଇଥିଲେ। ଏହି ସମୟରେ ପରିବାରର ଜଣେ ମହିଳା ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ନାମ ରାଜେଶ ଗୋଲା ଏବଂ ସେ ନିଜ ସ୍ୱାମୀ



ରାମବୀର ସିଂହ ଗୋଲା ଏବଂ ନିଜ ପିଲା ତଥା ପରିବାରର ଅନ୍ୟ ସଦସ୍ୟଙ୍କ ସହ ଏହି ହୋଟେଲ୍‌ରେ ରହୁଥିଲେ। ପରିବାରର ଅନ୍ୟ ସମସ୍ତ ସଦସ୍ୟ ସୁରକ୍ଷିତ ଭାବେ ହୋଟେଲ୍ ରୁମ୍‌ରୁ ବାହାରିବାରେ ସଫଳ ହୋଇଥିବା ବେଳେ ରାଜେଶ ଗୋଲା କିନ୍ତୁ ରହିଯାଇଥିଲେ। ପତ୍ନୀ ରାଜେଶଙ୍କୁ ବାହାରକୁ ଆଣିବାକୁ ରାମବୀର ଚେଷ୍ଟା କରିଥିଲେ ଏବଂ ଝରକା ବାଟେ ବାହାର କରିଥିଲେ। କିନ୍ତୁ ଏହି ସମୟରେ ରାଜେଶ ଭୟରେ ରାମବୀରଙ୍କ ହାତ ଛାଡିଦେଇଥିଲେ। ଫଳରେ ଦ୍ୱିତୀୟ ମହଲାରୁ ଖସିପଡି ରାଜେଶ ଗୁରୁତର ହୋଇପଡିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନେପାଳ ହିଂସାକାଣ୍ଡ: ମୃତ୍ୟୁସଂଖ୍ୟା ୫୧ ଛୁଇଁଲା

**କାଠମାଣ୍ଡୁ, ୧୨।୯/ଏଜେନ୍ସି:** ଗୋଟିଏ ପଟେ ନେପାଳରେ ସ୍ୱାଭାବିକ ସ୍ଥିତି ଫେରୁଥିବା ବେଳେ ଅନ୍ୟପଟେ ହିଂସାଜନିତ ମୃତ୍ୟୁସଂଖ୍ୟା ବଢ଼ିବା ଚିନ୍ତା ବଢ଼ାଇଛି। ରିପୋର୍ଟ ଅନୁସାରେ ଗତ ୨ ଦିନ (ସୋମବାର ଏବଂ ମଙ୍ଗଳବାର) ଧରି ଘଟିଥିବା ହିଂସାକାଣ୍ଡରେ ଶୁକ୍ରବାର ସୁଦ୍ଧା ମୃତ୍ୟୁସଂଖ୍ୟା ୫୧ ଛୁଇଁଛି। ନେପାଳ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏହି ରିପୋର୍ଟରେ କୁହାଯାଇଛି ଯେ ବିଦ୍ରୋହ ଏବଂ ହିଂସା ସମୟରେ ୩୦ ଜଣଙ୍କ ମୃତ୍ୟୁ କେବଳ ସେନାକର୍ମୀଙ୍କ ଗୁଳିମାଡ ଯୋଗୁ ହୋଇଥିବା



ବେଳେ ୨୧ ଜଣଙ୍କ ମୃତ୍ୟୁ ନିଆଁରେ ପୋଡି, ଆହତ ଏବଂ କ୍ଷତାକ୍ତ ପରେ ଚିକିତ୍ସାଧିନ ଅବସ୍ଥାରେ ହୋଇଛି। ନେପାଳରେ ଆଭ୍ୟନ୍ତରୀଣ ସରକାର ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ନେପାଳର ପରବର୍ତ୍ତୀ ଶାସକ ଭାବେ କିଏ ଦାୟିତ୍ୱ ନେବେ ସେନେଇ କିଛି ମାତ୍ରାରେ ବିବାଦ ଏବେ ବି ରହିଛି। କିନ୍ତୁ ଏହାକୁ ନେଇ କୌଣସି ବଡ଼ଧରଣର ସମସ୍ୟା ନାହିଁ। ହସ୍ତଗତ ହୋଇଥିବା ଏକ ରିପୋର୍ଟ ଅନୁସାରେ ସୁଶୀଳା କାର୍କି ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ତେବେ ଭଲକଥା ହେଉଛି ଯେ, କାଠମାଣ୍ଡୁରେ ଜଳିଥିବା ବିଦ୍ରୋହର ନିଆଁ ଏବେ ଧିରେ ଧିରେ ଲିଭିବାରେ ଲାଗିଛି। କାଠମାଣ୍ଡୁରେ ସ୍ଥିତି ସୁଧୁରୁଛି ଏବଂ ଶାନ୍ତି ଫେରୁଛି। ଏବେ ମାତ୍ର ଅଳ୍ପ କିଛି ସ୍ଥାନରେ ହିଁ କର୍ଫ୍ୟୁ ଜାରି ରହିଛି, ଅନେକ ସ୍ଥାନରେ କର୍ଫ୍ୟୁ କୋହଳ କରାଯାଇଛି। କର୍ଫ୍ୟୁ କୋହଳ ପରେ ଭାରତ-ନେପାଳ ସୀମାରେ ଥିବା ଚେକ୍‌ପୋଷ୍ଟରେ ଲୋକଙ୍କୁ ଯାଞ୍ଚ କରି ଛଡାଯାଉଛି। ସେପଟେ ଦେଶର ନିରପତ୍ତା ଓ ଶାନ୍ତି ପାଇଁ ନେପାଳ ସେନା ପକ୍ଷରୁ ପ୍ରୟାସ ଜାରି ରହିଛି।

## ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ସିପି ରାଧାକ୍ରିଷ୍ଣନ୍



**ନୂଆଦିଲ୍ଲୀ, ୧୨।୯/ଏଜେନ୍ସି:** ଭାରତର ୧୫ତମ ଉପରାଷ୍ଟ୍ରପତି ଭାବେ ତଥା ରାଜ୍ୟସଭା ଅଧ୍ୟକ୍ଷ ଭାବେ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି ସିପି ରାଧାକ୍ରିଷ୍ଣନ୍। ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଧାକ୍ରିଷ୍ଣନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସବୁଠୁ ବଡ଼କଥା ହେଉଛି, ଆଜିର ଏହି ଶପଥ ସମାରୋହରେ ବିଦାୟୀ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ମଧ୍ୟ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ୨୧ ଜୁଲାଇରେ ନିଜ ପଦରୁ ଇସ୍ତଫା ଦେବା ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ୫୦ଦିନରୁ ଅଧିକ ସମୟ ଧରି କୌଣସି ସରକାରୀ କିମ୍ବା ସର୍ବସାଧାରଣ କାର୍ଯ୍ୟକ୍ରମରେ ଧନଖଡଙ୍କୁ ଦେଖିବାକୁ ମିଳିନଥିବା ବେଳେ ଆଜି କିନ୍ତୁ ସପତ୍ନୀକ ଦେଖିବାକୁ ମିଳିଥିଲା। ସେ ନିଜ ପତ୍ନୀ ସୁଦେଶ ଧନଖଡଙ୍କ ସହ ଶପଥ ସମାରୋହରେ ସାମିଲ ହୋଇଥିଲେ।

ରାଧାକ୍ରିଷ୍ଣନ୍‌ଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ହମିଦ୍ ଅନସାରୀ, ଭେଙ୍କୟା ନାଇଡୁ, କ୍ୟାବିନେଟ

**ପତ୍ନୀଙ୍କ ସହ ଯୋଗଦେଲେ ଧନଖଡ଼**

ମନ୍ତ୍ରୀ ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ସେହିପରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍‌ଙ୍କ ଅନେକ ନେତା ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତେବେ ନେତା ମନ୍ତ୍ରୀମାନଙ୍କ ସିଟିଂ ଆରେଜମେଣ୍ଟକୁ ନେଇ ସାମାନ୍ୟ ସମସ୍ୟା ଦେଖିବାକୁ ମିଳିଥିଲା।

ଶପଥ ସମାରୋହ ପରେ ପରେ ରାଧାକ୍ରିଷ୍ଣନ୍ ସଂସଦରେ ଦଳର ଫ୍ଲୋର ନେତାମାନଙ୍କ ସହିତ ଏକ ବୈଠକ କରିଥିଲେ। ତେବେ ତୃଣମୂଳ କଂଗ୍ରେସ, ବିଜୁ ଜନତା ଦଳ (ବିଜେଡି), ଏନ୍‌ସିପି (ଏସ୍‌ପି) ଏବଂ ଶିବସେନା (ୟୁବିଟି) ସାଂସଦମାନେ ସଂକ୍ଷିପ୍ତ ନୋଟିସ୍ ଦେଇ ବୈଠକରୁ ବାହାରିଯାଇଥିଲେ। ରାଧାକ୍ରିଷ୍ଣନ୍ ବୈଠକରେ ବିରୋଧୀ ସାଂସଦଙ୍କୁ ଗୃହକାର୍ଯ୍ୟରେ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ସଂସଦ ଭବନରେ, ରାଧାକ୍ରିଷ୍ଣନ୍‌ଙ୍କୁ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ରାଜ୍ୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଏଲ. ମୁରୁଗାନ ଏବଂ ରାଜ୍ୟସଭା ସଚିବ-ଜେନରାଲ ପି.ସି. ମୋଦୀ ପ୍ରମୁଖ ସ୍ୱାଗତ କରିଥିଲେ।

## ଚାର୍ଲି କିର୍କଙ୍କ ହତ୍ୟାକାରୀ ଗିରଫ



**ୱାଶିଂଟନ୍, ୧୨।୯/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ତଥା ୩୧ ବର୍ଷୀୟ କଞ୍ଜରଭେଟିଭ୍ ଆକ୍ଟିଭିଷ୍ଟ ଚାର୍ଲି କିର୍କ୍‌ଙ୍କୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫଦାରୀ ସମ୍ପର୍କରେ ନିଜେ ଟ୍ରମ୍ପ୍ ସୂଚନା ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଅଭିଯୁକ୍ତକୁ ଧରାଇବାରେ ତାହାର ଜଣେ ନିକଟତର ବ୍ୟକ୍ତି ପୁଲିସକୁ ସୂଚନା ଦେଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଫକ୍ସ ନ୍ୟୁଜ୍ ସହ କଥାବାର୍ତ୍ତା ସମୟରେ କହିଛନ୍ତି, 'ମୁଁ ବହୁତ ଆଶାବାଦୀ ଯେ ଆମେ ସଠିକ୍ ଅଭିଯୁକ୍ତକୁ ଧରିଛୁ। ସେ ଏବେ ହେପାଜତରେ ଅଛି।' ଅନ୍ୟପକ୍ଷେ ନ୍ୟୁୟର୍କ ପୋଷ୍ଟ ଅନୁଯାୟୀ, ଚାର୍ଲି କିର୍କ ହତ୍ୟା ମାମଲାର ସନ୍ଦିଗ୍ଧ ଅଭିଯୁକ୍ତକୁ ଟାଇଲର ରବିନସନ ଭାବରେ ଚିହ୍ନଟ କରାଯାଇଛି।

୩୧ ବର୍ଷୀୟ ଚାର୍ଲି 'ଟର୍ଣ୍ଣିଂ ପଏଣ୍ଟ ୟୁଏସ୍‌ଏ' ଏବଂ 'ୟୁଥ୍ ଇନ୍ ଆମେରିକା' ଭଳି ସଂସ୍ଥାଗୁଡ଼ିକର ପ୍ରତିଷ୍ଠାତା ଥିଲେ। ତେବେ ଓରେମର ଉଟାହ ଭ୍ୟାଲି ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଜନସଭାକୁ ଚାର୍ଲି ସମ୍ବୋଧିତ କରୁଥିବା ବେଳେ ତାଙ୍କୁ କେହିଜଣେ ଦୁର୍ବୃତ୍ତ ଗୁଳିମାଡ଼ କରିଥିଲା। ଗୁଳିଟି ଚାର୍ଲିଙ୍କ ବେକରେ ବାଜିଥିଲା ଏବଂ ଘଟଣାସ୍ଥଳରେ ହିଁ ସେ ଟଳିପଡିଥିଲେ। ଚାର୍ଲି ଏକ ଚୌକିରେ ବସି ମାଇକ୍ରୋଫୋନ୍ ଯୋଗେ ନିଜ ଭାଷଣ ଦେଉଥିବା ବେଳେ ପ୍ରାୟ ୨୦୦ ମିଟର ଦୂରତାରେ ଥିବା ଏକ ବିଲ୍ଡିଂର ଛାତ ଉପରୁ ଅଭିଯୁକ୍ତଜଣକ ଗୁଳି ଚଳାଇଥିଲା। ଏଥିରୁ ଗୁଳି ଚଳାଇଥିବା ଦୁର୍ବୃତ୍ତଜଣକ ପେଶାଦାର ସୁଟର ହୋଇପାରେ ବୋଲି ଏଫ୍‌ବିଆଇ ଅନୁମାନ କରୁଛି। ଏଫ୍‌ବିଆଇ ଏହି ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରିଥିଲା ଓ ପରେ ପରେ ଅଭିଯୁକ୍ତର ଏକ ଫଟୋ ମଧ୍ୟ ଜାରି କରାଯାଇଥିଲା। ପ୍ରକାଶ, ଚାର୍ଲି ଜଣେ ପୋଡକାଷ୍ଟର ଭାବେ ସେ ଯୁବପିଢିଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲେ। ପ୍ରକାଶ, ଚାର୍ଲିଙ୍କ ସମ୍ମାନାର୍ଥେ ଆମେରିକାରେ ରାଷ୍ଟ୍ରୀୟ ଶୋକ ପାଳନ ସହ ଜାତୀୟ ପତାକାକୁ ରବିବାର ସନ୍ଧ୍ୟା ୬ଟା ଯାଏ ଅର୍ଦ୍ଧନମିତ ରଖିବାକୁ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଛନ୍ତି।

# ସହିଦ୍‌ନଗର ଶୋ'ରୁମ୍‌ରେ ବ୍ରାଇଡାଲ୍ ଶୋ' କ୍ୟାମ୍ପେନ୍‌ର ଶୁଭାରମ୍ଭ କଲା ମାଲାବାର୍ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍

**ଭୁବନେଶ୍ୱର, ୧୨।୯/ଏଜେନ୍ସି:** ବିଶ୍ୱର ସର୍ବବୃହତ୍ ଏବଂ ସର୍ବାଧିକ ବିଶ୍ୱସ୍ତ ଅଳଙ୍କାର ସମୂହ ମଧ୍ୟରୁ ଅନ୍ୟତମ 'ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ' ଏହାର ସହିଦ୍‌ନଗର ସ୍ଥିତ ଶୋ'ରୁମ୍‌ରେ ବ୍ରାଇଡାଲ୍ ଶୋ' କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଛି। ନିଜର ଫ୍ଲାଗସିପ୍ ବ୍ରାଇଡାଲ୍ ଜ୍ୱେଲାରୀ କ୍ୟାମ୍ପେନ୍‌ର ଅଂଶବିଶେଷ ଭାବେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ ଚଳିତ ବର୍ଷ ସୁନା, ହୀରା, ପୋଲ୍‌କି, ମୂଲ୍ୟବାନ ମଣିପଥର ଏବଂ ଅନ୍ୟାନ୍ୟ ଅଳଙ୍କାରଗୁଡ଼ିକର ଏକ ସ୍ୱତନ୍ତ୍ର ସଂଗ୍ରହର ସମାହାରକୁ ନେଇ ନିଜ ଗ୍ରାହକଙ୍କ ନିକଟରେ ଉପସ୍ଥିତ ହୋଇଛି।

ଏହି ଶୋ' କୃତିକ୍ ସାହୁ, ଏ. ରାମେଶ୍ୱରୀ (ଲେଖିକା, ଅଭିନେତ୍ରୀ) ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର ଅନ୍ୟାନ୍ୟ ପରିଚାଳନା କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏକ ଆଗୁଆ ବୁକିଂ ସୁବିଧା ମଧ୍ୟ ପ୍ରଦାନ କରୁଛି, ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଅଗ୍ରିମ ଦେଇ ନିଜ ମନପସନ୍ଦର ଅଳଙ୍କାରଗୁଡ଼ିକୁ ଆଗୁଆ ବୁକ୍ କରିପାରିବେ ଏବଂ ବୁକ୍ ହୋଇଥିବା ହାର (%) କିମ୍ବା ପ୍ରଚଳିତ ହାର (%) ଅନୁସାରେ ସେହି ଅଳଙ୍କାରକୁ ପାଇପାରିବେ, ଯାହାକି ଅପେକ୍ଷାକୃତ କମ୍‌ମୂଲ୍ୟ ହେବ।

ବ୍ରାଇଡାଲ୍ ଶୋ'ର ଶୁଭାରମ୍ଭ ସମ୍ପର୍କରେ ମତାମତ ଦେଇ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, "ପ୍ରତିବର୍ଷ ଆମେ ପ୍ରଚଳନ କରୁଥିବା ଅନନ୍ୟ ଡିଜାଇନ୍ ନୂତନତ୍ୱ ଏବଂ ଆକର୍ଷଣୀୟ ଅଫର ଯୋଗୁଁ ବ୍ରାଇଡାଲ୍ ଶୋ' ଅଭିଯାନ ନୂତନ ଯୁଗର ବଧୂମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ବଧୂ ଅଳଙ୍କାର କ୍ୟାମ୍ପେନ୍ ଭାବରେ ଉଭା ହୋଇଛି। ବିଭିନ୍ନ ଅଞ୍ଚଳରେ ନୂତନ




ଯୁଗର ବଧୂମାନଙ୍କୁ ଉତ୍କୃଷ୍ଟ ଡିଜାଇନ୍ ପ୍ରଦାନ କରିବାର ଆମର ଲକ୍ଷ୍ୟ ସହିତ, ଆମେ କିଛି ପ୍ରକୃତରେ ଅସାଧାରଣ ବଧୂ ଅଳଙ୍କାର ସଂଗ୍ରହ ମଧ୍ୟ ଆରମ୍ଭ କରିଛୁ। ଆମର ଗୁଣବତ୍ତା ଏବଂ ପବିତ୍ରତା ନିଶ୍ଚିତତା ସହିତ, ଆମର ବଧୂ ଅଳଙ୍କାର ସଂଗ୍ରହ ବଧୂମାନଙ୍କୁ ଆକର୍ଷିତ କରିବା ଜାରି ରଖିବ।"

ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍ସ 'ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍' ଯୋଜନା ପରି ପଦକ୍ଷେପ ମାଧ୍ୟମରେ ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟ ଏବଂ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ, ଯାହା ଭାରତର ସମସ୍ତ ମାଲାବାର ଶୋ'ରୁମ୍‌ରେ ସୁନା ପାଇଁ ସ୍ଥିର ମୂଲ୍ୟ ସୁନିଶ୍ଚିତ କରିଥାଏ। କମ୍ପାନୀ ଏହାର ଗ୍ରାହକମାନଙ୍କୁ ମାଲାବାର ପ୍ରତିଶ୍ରୁତି ପ୍ରଦାନ କରେ, ଯେଉଁଥିରେ ନେଟ୍ ଓଜନ, ପଥର ଓଜନ ଏବଂ ପଥର ଚାର୍ଜ ଉପରେ ବିସ୍ତୃତ ସୂଚନା ସହିତ ସ୍ୱଚ୍ଛ ମୂଲ୍ୟ ଅନ୍ତର୍ଭୁକ୍ତ। ଗ୍ରାହକମାନେ ଅଳଙ୍କାର ଉପରେ ଜୀବନବ୍ୟାପୀ ମାଗଣା ରକ୍ଷଣାବେକ୍ଷଣ, ପୁରୁଣା ଅଳଙ୍କାର ବିନିମୟ ସମୟରେ ସୁନା ପାଇଁ ୧୦୦% ମୂଲ୍ୟ ଏବଂ ସୁନାର ଶୁଦ୍ଧତା ପ୍ରମାଣିତ କରୁଥିବା ଏଚ୍‌ୟୁଆଇଡି ହଲ୍‌ମାର୍କ ମଧ୍ୟ ଲାଭ କରନ୍ତି। ଏହା ସହିତ, ବ୍ରାଣ୍ଡ ୨୮ଟି ଲ୍ୟାବ୍ ପରୀକ୍ଷଣ ମାଧ୍ୟମରେ ଗୁଣବତ୍ତା ନିଶ୍ଚିତତା ସହିତ ଆଇଜିଆଇ-ଜିଆଇଏ ପ୍ରମାଣିତ ହୀରା ମଧ୍ୟ ଉପଲବ୍ଧ କରାଇଥାଏ। ଏହା ସହିତ, ସମସ୍ତ ଅଳଙ୍କାର ଉପରେ ଏକ ବାଏବ୍ୟାକ୍ ଗ୍ୟାରେଣ୍ଟି ଏବଂ ୧ ବର୍ଷର ମାଗଣା ବୀମା କଭରେଜ୍ ସହ ଅନୁମୋଦିତ ଉତ୍ସରୁ ସୁନାର ଦାୟିତ୍ୱପୂର୍ଣ୍ଣ ସୋର୍ସିଂ, ଉପଯୁକ୍ତ ମଜୁରୀ, ସୁବିଧା ସହିତ ନ୍ୟାୟପୂର୍ଣ୍ଣ ବ୍ୟବହାର ଏବଂ କର୍ମଚାରୀମାନଙ୍କ ପାଇଁ ଏକ ଭଲ କାର୍ଯ୍ୟ ପରିବେଶ ମଧ୍ୟ ସୁନିଶ୍ଚିତ କରିଥାଏ।

**ମାଲାବାର୍ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ବିଷୟରେ:**

ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ୧୯୯୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହା ମାଲାବାର ଗ୍ରୁପ୍‌ର ଏକ ପ୍ରମୁଖ ବିବିଧ ଭାରତୀୟ ବ୍ୟବସାୟିକ ସଂଗଠନର ପ୍ରମୁଖ କମ୍ପାନୀ। ବାର୍ଷିକ ୬.୨ ବିଲିଅନ ଡଲାରର କାରବାର ସହିତ, କମ୍ପାନୀ ବର୍ତ୍ତମାନ ବିଶ୍ୱସ୍ତରରେ ୬ଷ୍ଠ ସର୍ବବୃହତ୍ ଅଳଙ୍କାର ଖୁଚୁରା ବିକ୍ରେତା ଏବଂ ଡେଲୋଇଟ୍‌ର ବିଳାସମୟ ଗୁଡ୍ସ ୱାର୍ଲ୍ଡ ରାଙ୍କିଂରେ ୧୬ତମ ସ୍ଥାନିତ ବ୍ରାଣ୍ଡ। ଏହାର ୧୩ଟି ଦେଶରେ ୪୦୦+ ରୁ ଅଧିକ ଶୋ'ରୁମର ଏକ ଦୃଢ଼ ଖୁଚୁରା ନେଟୱାର୍କ ଅଛି ଯାହା ଭାରତ, ମଧ୍ୟପ୍ରାଚ୍ୟ, ଦୂର ପୂର୍ବ, ଆମେରିକା, ୟୁକେ, କାନାଡା ଏବଂ ଅଷ୍ଟ୍ରେଲିଆରେ ବିସ୍ତାରିତ ବହୁବିଧ କାର୍ଯ୍ୟାଳୟ, ଡିଜାଇନ୍ କେନ୍ଦ୍ର, ପାଇକାରୀ ୟୁନିଟ୍ ଏବଂ କାରଖାନା ସହିତ ବିସ୍ତାରିତ ହୋଇଛି।

ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏକ ଅନଲାଇନ୍ ଶୋ'ରୁମ୍ www.malabargoldanddiamonds.com ମଧ୍ୟ ପ୍ରଦାନ କରେ ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଘରୁ ଯେକୌଣସି ସମୟରେ ଏବଂ ଯେକୌଣସି ଦିନ ସେମାନଙ୍କର ପ୍ରିୟ ଅଳଙ୍କାର କ୍ରୟ କରିବାର ସୁଯୋଗ ପ୍ରଦାନ କରେ। ଇଏସ୍‌ଜି (ପରିବେଶିକ, ସାମାଜିକ ଏବଂ ପ୍ରଶାସନ) ଏବଂ ସିଏସ୍‌ଆର୍ ଏହାର ସ୍ଥାପନା ଦିନଠାରୁ ଗୋଷ୍ଠୀର ପ୍ରାଥମିକ ପ୍ରତିବଦ୍ଧତା ହୋଇଛି। ମାଲାବାର ଗ୍ରୁପ୍‌ର ମୁଖ୍ୟ କେନ୍ଦ୍ରିତ କ୍ଷେତ୍ରଗୁଡ଼ିକ ହେଉଛି ସ୍ୱାସ୍ଥ୍ୟ, ଗୃହ, କ୍ଷୁଧାମୁକ୍ତ ବିଶ୍ୱ, ଶିକ୍ଷା, ପରିବେଶ ଏବଂ ମହିଳା ସଶକ୍ତିକରଣ, ଯାହା ଏହାର ମୂଳ ବ୍ୟବସାୟରେ ଦାୟିତ୍ୱ ଏବଂ ସ୍ଥିରତାର ନୀତିକୁ ଏକୀକୃତ କରିଥାଏ।

ନିତିଦିନ NITIDIN





## ଖୋଲିଲା 'ଥିଲେ ଦିଅ ନଥିଲେ ନିଅ' କେନ୍ଦ୍ର




**ଓଡ଼ଗାଁ,୧୨।୯/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଙ୍ଗଣରେ 'ଥିଲେ ଦିଅ, ନଥିଲେ ନିଅ' କେନ୍ଦ୍ର ଖୋଲାଯାଇଛି। ଏନ୍ଏସିର କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ସାହୁଙ୍କ ଉଦ୍ୟମ ଏବଂ ସ୍ଥାନୀୟ ତହସିଲଦାର ଡ଼.ମାନସ ରଞ୍ଜନ ଭୋଇଙ୍କ ସହଯୋଗରେ ଏହି କେନ୍ଦ୍ର ଖୋଲାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଯେ କୌଣସି ବ୍ୟକ୍ତିଙ୍କର ଅବ୍ୟବହୃତ ହୋଇ ପଡ଼ିଥିବା ଜିନିଷ ଏହିଠାରେ ପ୍ରଦାନ କରିବେ ଏବଂ ଯେଉଁ ବ୍ୟକ୍ତିବିଶେଷଙ୍କ ଏହି ଜିନିଷର ଆବଶ୍ୟକତା ଥିବ ସେମାନେ ଏହିଠାରୁ ନେଇପାରିବେ। ଯେମିତିକି ବ୍ୟବହାର ଉପଯୋଗୀ ପ୍ୟାଣ୍ଟସାର୍ଟ, ଚପଲ୍, ଜୋତା ଓ ଶାଢ଼ୀ ଇତ୍ୟାଦି। କେନ୍ଦ୍ର ଖୋଲାଯିବା ପରେ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଆଗ୍ରହର ସହ ଜିନିଷ ପ୍ରଦାନ କରିବାର ଦେଖାଯାଉଛି ଓ ଆବଶ୍ୟକତା ଥିବା କିଛି ବ୍ୟକ୍ତି ମଧ୍ୟ ଆଗ୍ରହର ସହ ଏଠାରୁ ଜିନିଷ ବାଛି ନେଉଥିବାର ଦେଖାଯାଇଥିଲା। ଏହା ଦ୍ୱାରା ଗରିବ ଏବଂ ନିରାଶ୍ରୟ ବ୍ୟକ୍ତି ବିଶେଷ ଉପକୃତ ହେଉଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଆଗାମୀ ଦିନରେ ଫିଙ୍ଗାହେଉଥିବା ବ୍ୟବହାର ଉପଯୋଗୀ ଜିନିଷକୁ ସଂଗ୍ରହ କରି କାର୍ଯ୍ୟରେ ଲାଗିବାର ବ୍ୟବସ୍ଥା କରାଯିବ ବୋଲି ଯନ୍ତ୍ରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

**ଛାତ୍ର କନ୍ଦଳ**

# ୨ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

**ବୋଲଗଡ଼,୧୨।୯/ଏନ୍ଏନ୍ଏସ୍:** ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧିନ ହାଟବସ୍ତସ୍ଥିତ ପଞ୍ଚାଗଡ଼ ଅନଙ୍ଗ ନରେନ୍ଦ୍ର ମହାବିଦ୍ୟାଳୟର ଦୁଇ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ବଚସା ଓ ପରେ ଅପହରଣ, ଧାରୁଆ ଅସ୍ତ୍ରରେ ହାଣିବା ଓ ବନ୍ଧୁକରୁ ଫାଙ୍କା ଗୁଳି ଚାଳନା ପରି ଅଭାବନୀୟ ଘଟଣା ଘଟିଯାଇଛି। ପ୍ରକାଶ ଯେ ହାଟବସ୍ତ ଛକରେ ବୁଧବାର ରାତି ୮ଟାରେ ଫାଙ୍କା ଗୁଳିମାଡ଼ କରି ୨ ଯୁବକଙ୍କୁ ଅପହରଣ କରାଯାଇଥିଲା ଓ ପରେ ସେମାନଙ୍କୁ ଅପହରଣକାରୀମାନେ ଧାରୁଆ ଅସ୍ତ୍ରରେ ହାଣି ଗୁରୁତର କରିଥିଲେ। ଗୁରୁତର ଦୁଇ ଯୁବକ ହେଲେ ବଡ଼କୁମାରୀ ଗ୍ରାମର ମାନସ ଜେନା ଓ ଦୀପକ ପରିଡ଼ା। ଉଭୟଙ୍କୁ ଗୁଳିମାଡ଼ ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଛି।

ଗୁରୁତର ପରେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ରାଜସୁନାଖଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ହେବାରେ ସେମାନଙ୍କୁ ଭୁବନେଶ୍ୱର ସ୍ଥିତ ଏକ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଛି। ଘଟଣାସ୍ଥଳରେ ବୋଲଗଡ଼ ପୁଲିସ ଅନୁସନ୍ଧାନ ଜାରିରଖିଛି। ଘଟଣାରେ ସମ୍ପୃକ୍ତ ସନ୍ଦେହରେ ୨ ଜଣ ଯୁବକଙ୍କୁ ବୋଲଗଡ଼ ଥାନା ପୁଲିସ ଅଟକ ରଖିଛି ଓ ପଚରାଉଚରା କରୁଛି। ସୂଚନା ମୁତାବକ ରାତି ପ୍ରାୟ ୮ଟାରେ ବାଙ୍କୋଇ ଅଞ୍ଚଳର ୧୦ରୁ ୧୨ ଜଣ ଯୁବ ଗୋଷ୍ଠୀ ବଡ଼କୁମାରୀ ଗାଁକୁ ଗୋଟିଏ ଗୋଷ୍ଠୀ ଯୁବକଙ୍କୁ ଆକ୍ରମଣ କରିବାକୁ ଆସୁଥିଲେ। ସେହି ସମୟରେ ହାଟବସ୍ତ ଛକରେ ବଡ଼କୁମାରୀ ଗ୍ରାମର ଅଭୟ ଜେନାଙ୍କ ପୁଅ ମାନସ ଜେନା (୨୨) ଓ ଦିଲ୍ଲୀପ ପରିଡ଼ାଙ୍କ ପୁଅ ଦୀପକ ପରିଡ଼ା (୨୧) ଦୁଇ ଯୁବକଙ୍କୁ ବନ୍ଧୁକ ଓ ଧାରୁଆ ଅସ୍ତ୍ର ଦେଖାଇ ଅପହରଣ କରିନେଇଥିଲେ। କୌଣସି ସୂତ୍ରରୁ ସୂଚନା ପାଇବା ପରେ ତୁରନ୍ତ ବୋଲଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପହରଣକାରୀମାନେ ଦୁଇ ଯୁବକଙ୍କୁ ଧରି ଭାପୁର ଅଞ୍ଚଳକୁ ଚାଲିଯାଉଥିଲେ। ଭାପୁର ବ୍ଲକ ସୀମାନ୍ତ ବୋଲଗଡ଼ ଥାନା ପାଟବନ୍ଧଠାରେ ବୋଲଗଡ଼ ପୁଲିସ ପହଞ୍ଚିବା ପୂର୍ବରୁ ଅପହରଣକାରୀ ଧାରୁଆ ଅସ୍ତ୍ରଶସ୍ତ୍ରରେ ୨ଯୁବକଙ୍କ ହାତ ଓ ମୁଣ୍ଡକୁ ଆକ୍ରମଣ କରିବା ସହ ମାନସ ଜେନାଙ୍କ ପଛ ପଟ ପିଚା ଅଂଶକୁ ଗୁଳି କରି ଛାଡ଼ି ଚାଲିଯାଇଥିଲେ। ସୂଚନା ପାଇ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପୁଲିସ ସମସ୍ତ ଅଞ୍ଚଳ ନାକାବନ୍ଦୀ କରିଥିଲା। ଏପରିକି ଅପହରଣକାରୀମାନେ ଖସିଯିବା ପାଇଁ ଫତେଗଡ଼ ପୁଲିସ ଉପରକୁ ୨ରାଉଣ୍ଡ ଗୁଳି ଚଳାଇ ସେହି ଥାନା ଅଞ୍ଚଳ ବାଲିଆପାଟ ଧାନ ଜମି ମଧ୍ୟରେ ଲୁଚି ଥିଲେ। ଅନ୍ୟମାନେ ଖସିଯାଇଥିବା ବେଳେ ୨ଜଣଙ୍କୁ ରାତି ପ୍ରାୟ ୧ଟା ସମୟରେ ବୋଲଗଡ଼ ପୁଲିସ ପକ୍ଷରୁ କାବୁ କରାଯାଇଥିଲା। ସେହି ରାତିରେ ଅପରାଧୀମାନଙ୍କୁ ଧରିବା ପାଇଁ ଖୋର୍ଦ୍ଧା ଟାଉନ, ଖୋର୍ଦ୍ଧା ସଦର, ବେଗୁନିଆ ଥାନା, ଫତେଗଡ଼ ପୁଲିସ, ବାଘମାରି ଓ ବୋଲଗଡ଼ ଥାନା ପୁଲିସ ସହ ଏକ ପ୍ଲାଟୁନ ଫୋର୍ସ ଅଞ୍ଚଳରେ ମୁତୟନ ହୋଇଥିଲେ। ମାନସ ଜେନାଙ୍କ ପିଚାରୁ ଗୋଟିଏ ଗୁଳି ସଫଳତାର ସହ ଡାକ୍ତରମାନେ ବାହାର କରିଛନ୍ତି। ବୋଲଗଡ଼ ଥାନା ନିରୀକ୍ଷକ ସ୍ନିଗ୍ଧାମୟୀ ବରାଳଙ୍କ ସୂଚନା ଅନୁଯାୟୀ ବାଙ୍କୋଇ ମହାବିଦ୍ୟାଳୟ ପରିସରରେ ଗତ ୩ତାରିଖ ଦିନ ବାଙ୍କୋଇ ଅଞ୍ଚଳ କିଛି ଯୁକ୍ତ୨ ଛାତ୍ରଙ୍କ ସହ ବଡ଼କୁମାରୀ ଗ୍ରାମ କିଛି ଯୁକ୍ତ ୩ ଛାତ୍ର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ମୌଖିକ ଭାବେ କଲେଜ ଯୁକ୍ତ୨ ଓ ଯୁକ୍ତ ୩ ଅଧ୍ୟକ୍ଷ ବାଙ୍କୋଇ ଫାଣ୍ଡିକୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ୨ଗୋଷ୍ଠୀର ଛାତ୍ରଙ୍କ ଅଭିଭାବକମାନେ ଏହାର ଆଶୁ ସମାଧାନ ପାଇଁ ୧୧ ତାରିଖ ସ୍ଥିର କରିଥିଲେ। ଏହା ମଧ୍ୟରେ ଦୁଇ ଗୋଷ୍ଠୀର ଛାତ୍ରମାନଙ୍କୁ ବାଦ୍ ଦେଇ ୨ଅଞ୍ଚଳର ଅଣଛାତ୍ର ଯୁବକମାନେ ଉଭୟଙ୍କ ମଧ୍ୟରେ କଡ଼ା ମୁକାବିଲା ପାଇଁ ଛକଛକି ହେଉଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବାଙ୍କୋଇ ଗ୍ରାମର ସିଲୁ ଛୋଟରାୟ ରହିଥିବା ଓ ଏହି ଅଭିଯୁକ୍ତ ଦ୍ୱାରା ବନ୍ଧୁକ ଚାଳନା ହେଉଥିଲା ବୋଲି ପୁଲିସ ସୂଚନା ଦେଇଛି। ବୋଲଗଡ଼ ଥାନାରେ ଅଟକ ରହିଥିବା ୨ଜଣ ଯୁବକଙ୍କୁ ବାଙ୍କୋଇ ଫାଣ୍ଡିର ପୂର୍ବତନ ନିରୀକ୍ଷକ ତୁଷାରକାନ୍ତ ନାୟକ ଓ ବୋଲଗଡ଼ ଥାନା ନିରୀକ୍ଷିକା ଘଟଣା ସମ୍ପର୍କରେ ଜେରା ଚାଲୁ ରଖିଛନ୍ତି। ବୁଧବାର ରାତିଠାରୁ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମା,ଖୋର୍ଦ୍ଧା ଏସଡିପିଓ ଅନିଲ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଛନ୍ତି। ଗୁରୁତର ମାନସ ଜେନାଙ୍କ ବଡ଼ଭାଇ ନିହାର କୁମାର ଜେନାଙ୍କ ଏତଲାକ୍ରମେ ବୋଲଗଡ଼ ଥାନା ପୁଲିସ କେସ ନଂ୨୦୭/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ସବ୍ ଜୋନ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଚାରିଛକ,୧୨।୯/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସବ୍ ଜୋନ୍‌ସ୍ତରୀୟ କବାଡ଼ି, ଖୋଖୋ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବ ନିକଟସ୍ଥ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ପ୍ରତିଯୋଗିତା ଉତ୍ସବ ପ୍ରାରମ୍ଭରୁ ତୁଳସୀପୁର ଗ୍ରାମର କନକଦୁର୍ଗା ମନ୍ଦିରରୁ କ୍ରୀଡ଼ା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ବାହାରି କ୍ରୀଡ଼ା ଉତ୍ସବ ସ୍ଥଳରେ ପହଞ୍ଚିଥିଲା। ନିମାପଡ଼ା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି।

ଚାରିଛକ ସବ୍-ଜୋନ୍ କ୍ରୀଡ଼ା ସଂଗଠନର ସଂଯୋଜକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର, ମୁଖ୍ୟବକ୍ତା ଭାବେ ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ବ୍ରଜ କିଶୋର ସାହୁ, ଡେଜି ରାୟ, ଦ୍ୱିଜବର ମୁଦୁଲି, ନିରଞ୍ଜନ କର, ଦାମୋଦର ମିଶ୍ର, କୈଳାସ ଚନ୍ଦ୍ର ସାହୁ, ସବିତା ମହାନ୍ତି, ରଣଜିତ କେଶରୀ ନାୟକ, ପ୍ରଭାତ କୁମାର ଦାଶ, ରବୀନ୍ଦ୍ର କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। କୁନି କୁନି ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ଶାରୀରିକ ଶିକ୍ଷା ଶିକ୍ଷକ ରାଜକିଶୋର ସାହୁ, ହରେକୃଷ୍ଣ ଚୌଧୁରୀ, ବିଚିତ୍ରାନନ୍ଦ ବେହେରା, ମୁରଲୀଧର ପ୍ରଧାନ, ନେତ୍ରାନନ୍ଦ ବାରିକଙ୍କ ସମେତ ସମସ୍ତ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ ପରେ କ୍ରୀଡ଼ା ଶିକ୍ଷକ କ୍ରୀଡ଼ା ଆରମ୍ଭ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ସଙ୍କେତ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ତ୍ରିଲୋଚନ କର ସଂଯୋଜନା କରିଥିବାବେଳେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ମୁରଲୀଧର ପ୍ରଧାନ ଧନ୍ୟବାଦ୍ ଦେଇଥିଲେ।



## ଏବିଭିପିର ନୂତନ କ୍ୟାମ୍ପସ୍ ୟୁନିଟ୍ ଘୋଷଣା



**କଣ୍ଟିଲୋ,୧୨।୯/ଏନ୍ଏନ୍ଏସ୍:** ବିଶ୍ୱର ସର୍ବବୃହତ୍ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, (ଏବିଭିପି) ତରଫରୁ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଆଜି ୨୦୨୫-୨୬ ଶିକ୍ଷା ବର୍ଷ ନିମନ୍ତେ ନୂତନ କ୍ୟାମ୍ପସ୍ ୟୁନିଟ୍ ଗଠନ ହୋଇଯାଇଛି। ପ୍ରକାଶ ଯେ ନୟାଗଡ଼ ଜିଲ୍ଲା ସହ ସଂଯୋଜକ ମଙ୍ଗୁଳି ବେହେରାଙ୍କ ଉପସ୍ଥିତିରେ କ୍ୟାମ୍ପସ ୟୁନିଟ୍‌ର ନୂତନ କର୍ମକର୍ତ୍ତା ଓ ଅନ୍ୟ ସଦସ୍ୟମାନଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ସଭାପତି ଭାବେ ସୂର୍ଯ୍ୟକାନ୍ତି ସ୍ୱାଇଁ, ଉପସଭାପତି ଭାବେ ରାଜେଶ ନାୟକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସଚ୍ଚିଦାନନ୍ଦ ସ୍ୱାଇଁ, ସମ୍ପାଦକ ଭାବେ ଚନ୍ଦନ ନାୟକ, ସହ-ସମ୍ପାଦକ ଭାବେ ମିଳନ ପ୍ରଧାନ, ଏସ୍ଏଫ୍ଏସ୍ ପ୍ରମୁଖ ସୁମେଶ ମହାରଣା, ଏନ୍ଏସ୍ଏସ୍ ପ୍ରମୁଖ ଚିନ୍ମୟ ପଣ୍ଡା, ଏନ୍‌ସିସି ପ୍ରମୁଖ ଶୁଭଲକ୍ଷ୍ମୀ ଖଟୁଆ, ସହ-ପ୍ରମୁଖ ଭାବେ ଦୀପା ମନ୍ତ୍ରୀ, କୁନି ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ୧୫ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ କ୍ୟାମ୍ପସ୍ ୟୁନିଟ୍‌ରେ ନୂତନ ଦାୟିତ୍ୱ ମିଳିଛି। ଆଗାମୀ ଦିନରେ କ୍ୟାମ୍ପସ୍‌ରେ ଥିବା ସମସ୍ତ ସମସ୍ୟାର ସମାଧାନ ପାଇଁ ନୂତନ ଦାୟିତ୍ୱ ପାଇଥିବା ବିଦ୍ୟାର୍ଥୀମାନେ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ସମ୍ପର୍କରେ ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ବୃନ୍ଦାବନ ସୂଚନା ଦେଇଛନ୍ତି।

## ନାବାଳିକା ଦୁଷ୍କର୍ମ ଘଟଣାରେ ଯୁବକ ଗିରଫ

**ଓଡ଼ଗାଁ,୧୨।୯/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ଗୋଡ଼ିପଡ଼ା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଦୁଇ ବର୍ଷ ତଳେ ଗୋଡ଼ିପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ କିଏ ଅପହରଣ କରି ନେଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ନାବାଳିକାର ପତା ମିଳିନଥିଲା। ପରେ ଗୋଡ଼ିପଡ଼ା ହରିଜନସାହିର ଭୋବନା ନାହାକଙ୍କ ପୁଅ ସୁଜଳ ନାହାକ (୨୦) ଜଣେ ନାବାଳିକାକୁ ଅପହରଣ କରି ନେଇଥିବା ଜଣାପଡ଼ିଥିଲା। ଯୁବକ ନାବାଳିକାକୁ ୨ବର୍ଷ ଧରି ବାହାରେ ରଖିବା ପରେ ତାକୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲା। କିଛି ଦିନ ତଳେ ସୁଜଳ ନାବାଳିକାକୁ ସାଙ୍ଗରେ ଧରି ଘରକୁ ଫେରିଥିଲା। ସେତେବେଳକୁ ନାବାଳିକାର ବୟସ ୧୮ ବର୍ଷ ହୋଇଥିଲା। ଏଥିପାଇଁ ସେ ଯୌତୁକ ଦାବିକରି ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇ ଆସୁଥିବା ଝିଅର ମାଆ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶରଣକୁଳ ପୁଲିସ ଘଟଣାର ତଦନ୍ତକରି ପୋକ୍ସୋ ଆକ୍ଟରେ ଯୁବକଙ୍କୁ ଗିରଫକରି ଗତକାଲି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ପୁଲିସ୍ ଆଇନ ୩୦ ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର

**ପୁରୀ,୧୨।୯/ଏନ୍ଏନ୍ଏସ୍:** ପୁଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ଅଗଷ୍ଟ ୨୫ଠାରୁ ନଭେମ୍ବର ୨୨ ତାରିଖ ୯୦ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ସମସ୍ତ ପୁଲିସ ଷ୍ଟେସନ ଅଞ୍ଚଳ, ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଓ ନିମାପଡ଼ା ଏନ୍ଏସି ଅଞ୍ଚଳରେ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ତ୍ରିଲୋଚନ କାନୁନ୍‌ଗୋଙ୍କ ଜୟନ୍ତୀରେ ଗଣଦୌଡ଼



**କଣ୍ଟାପଡ଼ା,୧୨।୯/ଏନ୍ଏନ୍ଏସ୍:** ମହାନ ଜନନେତା ତ୍ରିଲୋଚନ କାନୁନ୍‌ଗୋଙ୍କର ୮୬ତମ ଜନ୍ମତିଥି ପାଳନ ଅବସରରେ ଏକ ଗଣଦୌଡ଼ କଣ୍ଟାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଉଦୟନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ହୋଇଯାଇଛି। ଏଥିରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀମାନଙ୍କ ସହିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ମହଲ, ବର୍ତ୍ତମାନର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତୀନ୍ଦ୍ରନାଥ ବରାଳ, କଣ୍ଟାପଡ଼ା ପଞ୍ଚାୟତ ସରପଞ୍ଚ ନିର୍ମଳ କୁମାର ସାହୁ, ସମିତି ସଭ୍ୟ ପବିତ୍ରମୋହନ ସ୍ୱାଇଁ, ଯୁବ ସମାଜସେବୀ ପବିତ୍ର ମୋହନ ପ୍ରଧାନ, ଶିକ୍ଷକ ଶ୍ରୀଧର ବେହେରା, ୱାର୍ଡସଭ୍ୟ କମଳାକାନ୍ତ ସାହୁ, ଧରଣୀଧର ସ୍ୱାଇଁ, ବବୁଆ ପ୍ରମୁଖ ଗଣଦୌଡ଼ କାର୍ଯ୍ୟକ୍ରମରେ ସାମିଲ ଥିଲେ। ପରେ ପରେ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସରରେ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ବରିଷ୍ଠ ଶିକ୍ଷାବିତ୍ ଓ ବରିଷ୍ଠ ଭାଷାବିତ୍‌ମାନେ ଜନନେତାଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ସହିତ ଶିକ୍ଷକ ଓ କର୍ମଚାରୀଙ୍କ ଦ୍ୱାରା ସ୍ମୃତି ସ୍ୱରୂପ ବୃକ୍ଷରୋପଣ କରାଯାଇଥିଲା।

## କଲେଜ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି

**ଖଣ୍ଡପଡ଼ା,୧୨।୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ସହରାଞ୍ଚଳର ମହିଳା ମହାବିଦ୍ୟାଳୟ ପରିସରରେ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ଦିବଂଗତ ପୂର୍ବତନ ବିଧାୟକ ଅରୁଣ ପଟ୍ଟନାୟକଙ୍କ ୨୯ତମ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କଲେଜ ପରିସର ମଧ୍ୟରେ ଥିବା ପ୍ରତିମୂର୍ତ୍ତିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ବରିଷ୍ଠ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତିଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନଙ୍କ ସହିତ ଶତାଧିକ ଛାତ୍ରୀ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ୧୯୯୨ ମସିହାରେ ସ୍ୱର୍ଗତ ପଟ୍ଟନାୟକ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଏକମାତ୍ର ମହିଳା ଉଚ୍ଚ ଶିକ୍ଷା ଅନୁଷ୍ଠାନ ଭାବେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିଲେ। ଏହି ଉଦ୍ୟମ ସମଗ୍ର ଅଞ୍ଚଳ ପାଇଁ ନାରୀ ଶିକ୍ଷାର ପ୍ରସାର ଦିଗରେ ଏକ ମାଇଲ ଖୁଣ୍ଟ ଥିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ନଳକୂପ ନିର୍ମାଣରେ ନିମ୍ନମାନର ଯନ୍ତ୍ରାଂଶ ବ୍ୟବହାର ଅଭିଯୋଗ

**ନୟାହାଟ,୧୨।୯/ଏନ୍ଏନ୍ଏସ୍:** ନୟାହାଟ ଅଞ୍ଚଳରେ ନିର୍ମାଣ ହୋଇଥିବା ନଳକୂପଗୁଡ଼ିକରେ ନିମ୍ନମାନର ନଳକୂପ ଯନ୍ତ୍ରାଂଶ ବ୍ୟବହାର କରାଯାଇଥିବା ସାଧାରଣରେ ଅଭିଯୋଗ ହେଉଛି। ଗ୍ରାମାଞ୍ଚଳରେ ବସାଯାଇଥିବା ସରକାରୀ ନଳକୂପରେ ନିମ୍ନମାନର ୱାସର୍, ସିଟିବଲ୍, ପଞ୍ଜରା, ରଡ୍ ଏବଂ ପ୍ଲାଷ୍ଟିକ୍ ପାଇପ ବ୍ୟବହାର ଯୋଗୁଁ ସେଗୁଡ଼ିକ ଅଳ୍ପ ଦିନରେ ଅଚଳ ହୋଇପଡୁଛି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣେ ସରକାରୀ କର୍ମଚାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏହିସବୁ ସାମଗ୍ରୀ ବିକ୍ରି କରୁଥିବା ସଂସ୍ଥାକୁ ଠାବ କରାଯାଇ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି।

**୧୦ ବର୍ଷ ଧରି ଗୋଟିଏ ସ୍ଥାନରେ ୪ ସୁପରଭାଇଜର୍**

# କାର୍ଯ୍ୟକାରୀ ହେଉନି ବଦଳି ନୀତି

**ଅସ୍ତରଙ୍ଗ,୧୨।୯/ଏନ୍ଏନ୍ଏସ୍:** ଶୈଶବର ବିକାଶ, ଗର୍ଭବତୀ, ପ୍ରସୂତିଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଧ୍ୟାନ ସହ ଶିଶୁମାନଙ୍କୁ ଅପୁଷ୍ଟିରୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟର ସମସ୍ତ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟ କରୁଛି। ଅଙ୍ଗନବାଡି କେନ୍ଦ୍ର ଗୁଡିକର ସୁପରିଚାଳନା ପାଇଁ ବିଭିନ୍ନ ସ୍ଥାନରେ ସେକ୍ଟରମାନ ଖୋଲାଯାଇଛି। ସେକ୍ଟର୍‌ଗୁଡ଼ିକ ନିୟମିତ ପରିଦର୍ଶନ, ଅଙ୍ଗନବାଡ଼ି କେନ୍ଦ୍ରର ଖାତା ପତ୍ର ଯାଞ୍ଚ, ଛତୁଆ ଏବଂ ପୁଷ୍ଟିକର ଖାଦ୍ୟ ପଦାର୍ଥ ବଣ୍ଟନରେ ସ୍ୱଚ୍ଛତା ଆଦି ଏକାଧିକ ଦାୟିତ୍ୱ ସୁପରଭାଇଜର୍‌ମାନଙ୍କ ଉପରେ ନ୍ୟସ୍ତ ଅଛି। କିନ୍ତୁ କାକଟପୁର ବ୍ଲକ ସମନ୍ୱିତ ଶିଶୁବିକାଶ ବିଭାଗ ଅଧିନରେ ବାଲିଦୋକାନ, ଜଳେଶ୍ୱରପଡ଼ା, ବାଙ୍ଗୁରୀଗାଁ, କୁଣ୍ଢେଇ, କାକଟପୁର, କଟକଣା, ପାଟସୁନ୍ଦରପୁର ଆଦି ୭ଟି ସେକ୍ଟର ପାଇଁ ୬ ଜଣ ଲେଡି ସୁପରଭାଇଜର ଅଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ଲେଡି ସୁପରଭାଇଜର ଆଜକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ଆସ୍ଥାନ ଜମାଇଥିଲେ ମଧ୍ୟ ସେମାନଙ୍କର ଅନ୍ୟତ୍ର ବଦଳି ହେଉନାହିଁ ବୋଲି ଅଭିଯୋଗ ହେଉଛି। ସୁପରଭାଇଜର୍‌ମାନଙ୍କ ବଦଳି ୩ ବର୍ଷ ଅନ୍ତରରେ ହେବାର ନିୟମ ଥିବା ବେଳେ ରାଜନୈତିକ ଛତ୍ରଛାୟା ତଳେ ରହି ଏହି ୪ ଲେଡି ସୁପରଭାଇଜର ଗୋଟିଏ ସ୍ଥାନରେ ୧୦ ବର୍ଷରୁ ଅଧିକ ସମୟ ବିତାଇଲେଣି। ଏମାନଙ୍କ ବଦଳି ହେଉନଥିବାରୁ ସେକ୍ଟର ଅଧିନରେ ଥିବା ଏକାଧିକ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ମନମାନିରେ ଚାଲିଛି। ଏ ନେଇ ବହୁ ଅଭିଯୋଗ ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚିଥିଲେ ମଧ୍ୟ ଅଭିଯୋଗକୁ ଚପାଇ ଦିଆଯାଉଛି। ବହୁ ସ୍ଥାନରେ କେନ୍ଦ୍ର ପରିଚାଳନାକୁ ନେଇ ଅଭିଭାବକ ମହଲରେ ଅସନ୍ତୁଷ୍ଟ ପ୍ରକାଶ ପାଇଛି। ଗୋଟିଏ ସ୍ଥାନରେ ସୁପରଭାଇଜର୍‌ମାନେ ବର୍ଷ ବର୍ଷ ଧରି କାର୍ଯ୍ୟ କରିବା ଫଳରେ ଦୁର୍ନୀତି ଆପଣା ଛାଏଁ ବଢ଼ିଚାଲିଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ପୁରୀ ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେଇ କାକଟପୁର ବ୍ଲକରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆସ୍ଥାନ ଜମାଇଥିବା ସୁପରଭାଇଜର୍‌ମାନଙ୍କ ଅନ୍ୟତ୍ର ବଦଳି ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଓଡ଼ଗାଁ,୧୨।୯/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ କୋମଣ୍ଡ ପଞ୍ଚାୟତ କାର୍ଯ୍ୟାଳୟଠାରେ କଟକ ଅର୍ବାନ ହସ୍ପିଟାଲ ଓ କୋମଣ୍ଡ ପଞ୍ଚାୟତର ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୨୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଆଜି ଅପରାହ୍ଣରେ କଟକ ଆଇ ହସ୍ପିଟାଲକୁ ନିଆଯାଇଛି ଓ ୧୦୩ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। କୋମଣ୍ଡ ସରପଞ୍ଚ ଦୀପିକା ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସେଠୀ, ସମାଜସେବୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତରହି ସମସ୍ତଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। କଟକ ଅର୍ବାନ ହସ୍ପିଟାଲର ଡାକ୍ତର ମହମ୍ମଦ ଜାଭେଦ୍, କ୍ୟାମ୍ପ ମ୍ୟାନେଜର ଚନ୍ଦ୍ରରାଜ୍ ଭଟ୍ଟ, ଟେକ୍ନିସିଆନ୍ ପ୍ରଶାନ୍ତ କୁମାର ବେହେରା ରୋଗୀମାନଙ୍କର ଡାଇବେଟିସ୍, ଆଖି ଓ ରକ୍ତଚାପ ପରୀକ୍ଷା କରିବା ସହିତ ଶିବିରାର୍ଥୀଙ୍କୁ ଔଷଧ ବିତରଣ କରି ଆବଶ୍ୟକ ପରାମର୍ଶ ଦେଇଥିଲେ।



**ନିତି ଭାରତୀ**

ଅବସରକୁ ଭଲ ପାଅ ନାହିଁ। ଗୋଟିଏ ମିନିଟ୍ ମଧ୍ୟ ସମୟ ନଷ୍ଟ କରନାହିଁ। ସାହସୀ ହୁଅ, ସତ୍ୟକୁ ଅନୁଭବ କର।
**- ସ୍ୱାମୀ ଶିବାନନ୍ଦ**

# ବିଚାରଶୀଳତା ଓ ମନୁଷ୍ୟ



**ଅଧ୍ୟାପକ ଗୋପବନ୍ଧୁ**

ସୁପ୍ରସିଦ୍ଧ ଦାର୍ଶନିକ ଆରିଷ୍ଟୋଟଲ ମନୁଷ୍ୟର ସଂଜ୍ଞା ଦେବାକୁ ଯାଇ କହିଥିଲେ ଏମାନେ ହେଉଛନ୍ତି 'ବିଚାର ବୁଦ୍ଧିସମ୍ପନ୍ନ ପ୍ରାଣୀ।' ଏକଥା ମନକୁ ସେ କହି ନାହାନ୍ତି। ଅନେକ ଅନୁଧ୍ୟାନ ଓ ଅନୁଶୀଳନ ପରେ ସେ ଏକଥା କହିଥିଲେ। ମନୁଷ୍ୟ ବିଶ୍ୱର ଶ୍ରେଷ୍ଠତମ ଜୀବ। ଏଇଥିପାଇଁ ଶ୍ରେଷ୍ଠ, ଯେହେତୁ ତା' ନିକଟରେ ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ରହିଛି। ସେ ଯାହା କରେ, କାର୍ଯ୍ୟ କରିବା ପୂର୍ବରୁ ସେ ଭଲ ମନ୍ଦ ବିଚାରି କରେ। ଏ ଗୁଣ ତା'ର ଅନ୍ତର୍ନିହିତ। ପ୍ରତ୍ୟେକ କ୍ଷେତ୍ରରେ ସେ କୌଣସି ପରିସ୍ଥିତିରେ ତା'ର ଏ ଗୁଣ ପ୍ରତିକ୍ରିୟାଶୀଳ ହୁଏ। ତା'ର ପ୍ରତ୍ୟେକ ସିଦ୍ଧାନ୍ତ ମୂଳରେ ଏହି ଗୁଣ କାମ କରେ। ବିଚାର ବୁଦ୍ଧି ଗୁଣରୁ ତର୍କଶକ୍ତ ହେବା, କାରଣିକତା ସମ୍ବନ୍ଧରେ ଅବଗତ ହେବା, ବୈଜ୍ଞାନିକ ଅନୁସନ୍ଧାନ ବଶବର୍ତ୍ତୀ ହେବା ପ୍ରଭୃତି ଅନ୍ୟାନ୍ୟ ଗୁଣ ନିଃସୃତ ହୁଏ। ଏହା ଏପରି ଏକ ଗୁଣ, ଯାହା ଭଲ-ମନ୍ଦ, ଉଚିତ୍-ଅନୁଚିତ୍, ଘଟଣା ପ୍ରବାହରୁ ଭବିଷ୍ୟତ କାର୍ଯ୍ୟ ଇତ୍ୟାଦିର ସୂଚନା ମଧ୍ୟ ପ୍ରଦାନ କରେ। କେବଳ ସେତିକି ନୁହେଁ, ଏହା ସହିତ ସୃଜନଶୀଳତା, ସୁନ୍ଦରତାର ଭାବନା, ନୈତିକତାର ଓ ମାନବିକତାର ଚେତନା ମଧ୍ୟ ଜାଗ୍ରତ କରେ। ଏହି ଗୁଣ ଯୋଗୁଁ ସେ ନିଜକୁ ଅନ୍ୟାନ୍ୟ ପ୍ରାଣୀଠାରୁ ପୃଥକ୍ କରେ ଓ ନିଜର ଶ୍ରେଷ୍ଠତ୍ୱକୁ ସ୍ଥାପନ କରେ।

ଭାରତୀୟ ଦର୍ଶନରେ ପାଖାପାଖି ସମାନ ଅର୍ଥରେ ଏହାକୁ ବୁଦ୍ଧି ବିବେକ, ଅନ୍ତର୍ନିହିତ ଚେତନା ଓ ଅନ୍ତର୍ଦୃଷ୍ଟି ଭାବେ ଉଲ୍ଲେଖ କରାଯାଇଛି। ଯୋଗଜ ଜ୍ଞାନ ଏହାର ଉନ୍ନତ ପରିପ୍ରକାଶ। ସେ ପ୍ରାଚ୍ୟ ହେଉ କି ପାଶ୍ଚାତ୍ୟ ହେଉ, ସମସ୍ତ କ୍ଷେତ୍ରରେ ମନୁଷ୍ୟର ବୌଦ୍ଧିକତାର ପ୍ରୟୋଗ ସାଧାରଣ ବିଷୟ। ମନୁଷ୍ୟ ଯେଉଁ କାର୍ଯ୍ୟ କରେ ଓ ଯାହା ବି କୁହେ, ବୁଝି ବିଚାରି କରେ। ନିଜ ବୁଦ୍ଧିର ପ୍ରୟୋଗ କରି ସେ ଯାହା କହୁଛି ବା କରୁଛି, ତା'ର ପରବର୍ତ୍ତୀ ପରିଣତି କ'ଣ ହେବ, ସେ ବିଷୟରେ ପ୍ରଥମେ ଅବଗତ ହୁଏ। ତେବେ ସମସ୍ତେ ସମାନ ଭାବେ ବିଚାର ବୁଦ୍ଧିସମ୍ପନ୍ନ ଓ ସମସ୍ତେ ସମାନ ଭାବେ ବୁଦ୍ଧି ବିବେକର ପ୍ରୟୋଗ କରନ୍ତି ବୋଲି କହିବା ଭୁଲ୍। ଏଥିରେ ମାତ୍ରାର ପ୍ରଭେଦ ରହିଛି। ତଥାପି ବିଚାର ବୁଦ୍ଧିସମ୍ପନ୍ନ ହେବା ମନୁଷ୍ୟର ଏକ ମୌଳିକ ଗୁଣ, ଯାହା ତାକୁ ଅନ୍ୟାନ୍ୟ ପ୍ରାଣୀଠାରୁ ପୃଥକ୍ କରାଏ। ଏହା ବିନା ସେ ମନୁଷ୍ୟ ପଦବାଚ୍ୟ ହୋଇ ପାରିବ ନାହିଁ।

ସ୍ୱାମୀ ବିବେକାନନ୍ଦଙ୍କ ନିକଟରେ ଏ ଗୁଣ ପ୍ରଖର ଥିଲା। ତେଣୁ ସେ ବିବେକାନନ୍ଦ ହୋଇଗଲେ- ବିବେକ+ଆନନ୍ଦ। ବିବେକ ହେଉଛି ଅନ୍ତର୍ନିହିତ ଚେତନା ବା ଜ୍ଞାନ। ଯେଉଁମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଚେତନା ଯେତେ ଅଧିକ ଜାଗ୍ରତ ହୋଇଥାଏ, ସେମାନେ ସେତେ ବିଚାର ବୁଦ୍ଧିସମ୍ପନ୍ନ ହୋଇଥାନ୍ତି। ଅଭ୍ୟାସ ବଳରେ ଏହି ଚେତନାକୁ ଅଧିକ ଜାଗ୍ରତ ଓ ପ୍ରଖର କରାଯାଇ ପାରେ। ଯୋଗୀମାନଙ୍କ କ୍ଷେତ୍ରରେ ଏହା ଅଧିକ ମାତ୍ରାରେ ଦେଖା ଦିଏ। ନିର୍ବୋଧମାନଙ୍କ କ୍ଷେତ୍ରରେ ଏହା ନିମ୍ନ ସ୍ତରରେ ଥାଏ। ଯୋଗୀମାନେ ବିଭିନ୍ନ ପ୍ରକାର ଘଟଣା ପ୍ରବାହକୁ ଗଭୀର ଭାବେ ଅନୁଧ୍ୟାନ କରି କାର୍ଯ୍ୟ-କାରଣ ନିୟମର ଅନୁସରଣରେ ଭବିଷ୍ୟତରେ କ'ଣ ହେବାକୁ ଯାଉଛି, ତାହାର ପୂର୍ବ ସୂଚନା ଦେଇ ପାରନ୍ତି। ଏହା ଏକ ଅନୁମାନ ପ୍ରକ୍ରିୟା। ତେଣୁ ଏ ଦକ୍ଷତା କୌଣସି ଐଶ୍ୱରିକ ଆଶୀର୍ବାଦ ଯୋଗୁଁ ନୁହେଁ, ବରଂ ନିଜସ୍ୱ ବିଚାର ବୁଦ୍ଧିର ପ୍ରୟୋଗ ଓ ଅଭ୍ୟାସ ବଳରେ ପ୍ରାପ୍ତ ହୋଇଥାନ୍ତି। ଘଟଣା ପ୍ରବାହର ଅନୁଶୀଳନରୁ ସେମାନେ ଏ ଦକ୍ଷତା ପ୍ରାପ୍ତ ହୁଅନ୍ତି। ମୂଳରେ ରହିଛି ବିଚାର ବୁଦ୍ଧିସମ୍ପନ୍ନତା ଗୁଣ।

କମ୍ପ୍ୟୁଟର ହ୍ୟାଙ୍ଗ୍ ବା ପ୍ରତିକ୍ରିୟା ଶୂନ୍ୟ ହେବା ଭଳି ବେଳେବେଳେ ମନୁଷ୍ୟର ବିଚାର ବୁଦ୍ଧିସମ୍ପନ୍ନତାକୁ ମଧ୍ୟ ହ୍ୟାଙ୍ଗ୍ ବା ପ୍ରତିକ୍ରିୟା ଶୂନ୍ୟ କରି ଦିଆଯାଇ ପାରେ। ଏପରି ହେଲେ ମନୁଷ୍ୟର ଏହି ଗୁଣ ଆଉ କାମ କରେ ନାହିଁ। ସେ ବିଚାର କରିବା ଛାଡ଼ି ଦିଏ। ଭୁଲ୍ ହେଲେ ବି ମେଣ୍ଢା ସଦୃଶ ଅନ୍ୟର ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହୁଏ। ସେ ବିବେକ ଶୂନ୍ୟ ହୋଇଯାଏ ଓ ହିତାହିତ ଜ୍ଞାନ ହରାଇ ବସେ। ଏହି ପ୍ରକାର ଅବସ୍ଥା ଅତ୍ୟଧିକ ଉତ୍ତେଜନା ଓ ଉତ୍କଣ୍ଠା ସମୟରେ ଦେଖା ଦିଏ। ଏହିପରି କ୍ଷେତ୍ରରେ ସେ ଭୁଲ୍ କରି ବସେ। ଅତ୍ୟଧିକ ଉତ୍ତେଜନା ଯୋଗୁଁ ଜଣେ ଆଉ ଜଣକୁ ମାରିଦେବାର ଦେଖାଯାଏ। ସେହିପରି ଅତ୍ୟଧିକ ଉତ୍କଣ୍ଠା ଯୋଗୁଁ କେତେକ ଅସାମାଜିକ କାର୍ଯ୍ୟ କରିବାର ମଧ୍ୟ ଦେଖାଯାଏ। ତେଣୁ ମନୁଷ୍ୟର ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ସର୍ବଦା କ୍ରିୟାଶୀଳ ଥାଏ ବୋଲି କହିହେବ ନାହିଁ। ଯେତେବେଳେ ଏହି ମୌଳିକ ଗୁଣ ସୁପ୍ତ ଅବସ୍ଥାକୁ ଚାଲିଯାଏ, ସେତେବେଳେ ତା'ର ପ୍ରାଣୀତ୍ୱ ଗୁଣ ଜାଗିଉଠେ। ସେ ପଶୁତୁଲ୍ୟ ବ୍ୟବହାର ପ୍ରଦର୍ଶନ କରେ। ବେଳେବେଳେ କିଛି ଭ୍ରାନ୍ତ ବିଷୟକୁ ବାରମ୍ବାର କହି ଏପରି ଭାବେ ତା' ମୁଣ୍ଡରେ ପୂରାଇ ଦିଆଯାଏ ଯେ ସେ ଭୁଲ୍ ବିଷୟକୁ ଠିକ୍ ଭାବି ବସେ ଓ ତଦନୁଯାୟୀ ପ୍ରତିକ୍ରିୟା ପ୍ରକାଶ କରେ- ତିନି ତୁଣ୍ଡରେ ଛେଳି କୁକୁର ସଦୃଶ।

ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ବେଳେବେଳେ ମନୁଷ୍ୟର ଏ ମହନୀୟ ଗୁଣକୁ ପ୍ରତିକ୍ରିୟା ଶୂନ୍ୟ କରି ପକାଏ। ସମାଜ ଯାହାକୁ ଅନୁସରଣ କରେ, ବ୍ୟକ୍ତି ତାକୁ ଅନ୍ଧ ଭାବେ ଅନୁସରଣ କରି ଚାଲେ। ଏଗୁଡ଼ିକ ଠିକ୍ କି ଭୁଲ୍, ଉଚିତ୍ କି ଅନୁଚିତ୍, ସମାଜ ପାଇଁ ଲାଭଦାୟକ କି କ୍ଷତିକାରକ ଇତ୍ୟାଦିର ବିଚାର କରେ ନାହିଁ। ବୁଦ୍ଧି ବିବେକ ଶୂନ୍ୟ ଭାବେ ଅନ୍ୟମାନେ ଯାହା କରନ୍ତି, ବ୍ୟକ୍ତି ମଧ୍ୟ ତାହା କରି ଚାଲେ। ଯେଉଁମାନଙ୍କ ନିକଟରେ ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ସକ୍ରିୟ ଥାଏ,





ସେମାନେ ଏଗୁଡ଼ିକୁ ବିରୋଧ କରିଥାନ୍ତି ଓ ଦୂରୀକରଣ ପାଇଁ ଚେଷ୍ଟା କରିଥାନ୍ତି। ସମାଜ ଅନେକ ପ୍ରକାର ଅନ୍ଧବିଶ୍ୱାସର ବଶବର୍ତ୍ତୀ। ସଂସ୍କୃତି ନାମରେ ମଧ୍ୟ ଅନେକ କୁସଂସ୍କାର ପ୍ରଚଳିତ ରହିଛି। ଏଗୁଡ଼ିକୁ ଦୂର କରିବାର ଏକମାତ୍ର ମାଧ୍ୟମ ହେଉଛି ନିଜ ମଧ୍ୟରେ ଥିବା ବିଚାର ବୁଦ୍ଧିସମ୍ପନ୍ନତା ଗୁଣକୁ ଆହୁରି ପ୍ରଖର କରିବା ଓ ସମାଜ ଅନୁସରଣ କରୁଥିବା ବିଷୟଗୁଡ଼ିକୁ ଏହାର କଷଟି ପଥରରେ ତଉଲିବା। ଉପଲବ୍ଧି କରିବା ଯେ ଏଗୁଡ଼ିକ କେତେ ଯଥାର୍ଥ। ଅନ୍ଧ ଅନୁସରଣ ମାନବୀୟ ଲକ୍ଷଣ ନୁହେଁ। ଏହା ତା'ର ମୌଳିକ ଗୁଣର ପରିପନ୍ଥୀ। ତା'ର ବ୍ୟକ୍ତିତ୍ୱ ବିକାଶରେ ବାଧକ।

ମନୁଷ୍ୟର ବିଚାର ବୁଦ୍ଧିସମ୍ପନ୍ନ ଗୁଣକୁ ସର୍ବାଧିକ ଭାବେ ବ୍ୟାହତ କରିଥାଏ ଧର୍ମ। ଭାରତୀୟ ସମାଜରେ ପ୍ରଚଳିତ ଜାତିବାଦ ମଧ୍ୟ ଏହାର ପ୍ରତିବନ୍ଧକ। ଧର୍ମ ସ୍ୱାଧୀନ ଭାବେ ଚିନ୍ତା କରିବାର ଅଧିକାରକୁ ଛଡ଼ାଇ ନିଏ। ଧର୍ମ ପୁସ୍ତକ ଓ ଏହାର ନୀତି ନିୟମ ଭିତରେ ମନୁଷ୍ୟର ଚିନ୍ତାକୁ ବାନ୍ଧି ରଖିବାକୁ ଚେଷ୍ଟା କରେ। ଫଳରେ ମନୁଷ୍ୟର ବୁଦ୍ଧି ବିବେକ ଗୋଟିଏ ରୁଦ୍ଧ କୋଠରୀରେ ଆବଦ୍ଧ ହୋଇଯାଏ। ସଂସ୍କୃତି ଓ ପରମ୍ପରାର ଆଳରେ ଏହାକୁ ବନ୍ଦୀ କରାଯାଏ। ଯେଉଁମାନେ ନିଜସ୍ୱ ବିଚାର ବୁଦ୍ଧିର ପ୍ରୟୋଗରେ ନୂତନ ଦିଗ୍‌ଦର୍ଶନ ଦିଅନ୍ତି, ସେମାନଙ୍କୁ ଧର୍ମଦ୍ରୋହୀ ଆଖ୍ୟା ଦିଆଯାଏ। ଧର୍ମ ସୁରକ୍ଷା ନାମରେ କିଛି ଅନ୍ଧ ଭକ୍ତ ସୃଷ୍ଟି କରାଯାଏ। ଏମାନଙ୍କ ବିଚାରଶୀଳତାକୁ ବନ୍ଦ କରାଯାଇ ଆଜ୍ଞାବହ ଘାତକରେ ପରିଣତ କରାଯାଏ। ଯେଉଁମାନେ ଧର୍ମ ବାହାରେ ପ୍ରଗତିଶୀଳ ମତ ପୋଷଣ କରନ୍ତି, ତାଙ୍କ ଉପରେ ଅତ୍ୟାଚାର କରି ତାଙ୍କୁ ଭୟଭୀତ କରିବା ପାଇଁ ଏମାନଙ୍କୁ ବ୍ୟବହାର କରାଯାଏ। ବେଳେବେଳେ ତାଙ୍କୁ ହତ୍ୟା ମଧ୍ୟ କରାଯାଏ। ଜାତିବାଦ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଦେଖା ଦିଏ। ଏହା ଯେ ଏକ ଭ୍ରାନ୍ତ ବ୍ୟବସ୍ଥା ଓ ଏହାକୁ ଉଠାଇବା କଥା ଯେଉଁମାନେ କୁହନ୍ତି, ସେମାନେ ସମାଜଦ୍ରୋହୀ ଭାବେ ବିବେଚିତ ହୁଅନ୍ତି। ଏଠାରେ ମଧ୍ୟ ପ୍ରଗତିଶୀଳ ଓ ମୁକ୍ତ ଚିନ୍ତନକୁ ବ୍ୟାହତ କରାଯାଏ। ଆଗକୁ ବଢ଼ିବାର ବାଟକୁ ଅବରୋଧ କରଯାଏ। ଉଗ୍ର ଧାର୍ମିକ ଓ ଜାତିଗତ ଭାବନା ଏହି ଗୁଣର ପରିପନ୍ଥୀ।

ସାମାଜିକ ବିକାଶ ପାଇଁ ଆରିଷ୍ଟୋଟଲ ମନୁଷ୍ୟର ମୌଳିକତା ସମ୍ବନ୍ଧୀୟ ଦେଇଥିବା ଉକ୍ତିର ଉପଲବ୍ଧି ଅତ୍ୟନ୍ତ ଜରୁରୀ। ମୁକ୍ତ ଚିନ୍ତନ ତା'ର ଅଧିକାର। ଏ ଦିଗରେ ପ୍ରତିବନ୍ଧକ ସୃଷ୍ଟି କଲେ ମନୁଷ୍ୟର ମୌଳିକତା ବାଧାପ୍ରାପ୍ତ ହେବା ସ୍ୱାଭାବିକ। ଜନ୍ମ ଆଧାରରେ ପ୍ରାପ୍ତ ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ତାକୁ ମୁକ୍ତ ଚିନ୍ତନ ଓ ପ୍ରଗତିଶୀଳତାର ଭାବନା ପ୍ରଦାନ କରେ। ଏହି ଗୁଣ ବିନା ସେ ପଶୁଠାରୁ କୌଣସି ପ୍ରକାରେ ଭିନ୍ନ ନୁହେଁ।■

**ଅବସରପ୍ରାପ୍ତ ଦର୍ଶନ ବିଭାଗ ଅଧ୍ୟାପକ**
**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

# ବସ୍ତ୍ର ହରଣ



**ବିଜୟ ଦାସ**

ବସ୍ତ୍ର ହରଣ କହିଲେ ଦୁଇଟି ଅର୍ଥକୁ ବୁଝାଏ। ପ୍ରଥମଟି, ପିନ୍ଧିଥିବା ବସ୍ତ୍ରକୁ କେହି କାଢ଼ି ଦେବା ବା ଉଲଗ୍ନ କରିବା ଓ ଅନ୍ୟଟି ବସ୍ତ୍ର ଚୋରି କରିବା। ଏହାର ନିଦର୍ଶନ ଓ ପ୍ରମାଣ ଆମେ ମହାଭାରତରୁ ପାଇ ପାରିବା। କୁରୁ ସଭାରେ ଦ୍ରୌପଦୀଙ୍କ ବସ୍ତ୍ର ହରଣ ପ୍ରଥମ କଥାକୁ ପ୍ରତିସିଦ୍ଧ କରାଏ ଓ ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କ ବସ୍ତ୍ର ଚୋରି କରି ହଟହଟା କରିବାର କଥା ଦ୍ୱିତୀୟ ଅର୍ଥକୁ ବୁଝାଏ। ବିବସ୍ତ୍ର କରିବାର ପାପରୁ ନିଶ୍ଚେ ମହାଭାରତ ଯୁଦ୍ଧର ଅୟମାରମ୍ଭ ହୋଇଥିଲା। ଏହା କେତେ ଯେ ଜଘନ୍ୟ ଓ ଅପମାନସୂଚକ, ତାହା ନିଶ୍ଚେ ଆମେ ଅବଗତ। ଏହାର ପରିଣାମ ସ୍ୱରୂପ, ଭୟଙ୍କର ପରିସ୍ଥିତି ଉପୁଜିଛି, ତାହା ସର୍ବଜନ ବିଦିତ। ଅନ୍ୟ ଘଟଣାରେ ଗୋପୀମାନଙ୍କ ସହ ରାସଲୀଳା ରଚିବା ଓ ଯମୁନାରେ ନିବସ୍ତ୍ର ହୋଇ ଗୋପୀମାନଙ୍କ ସ୍ନାନ କରିବା ଘଟଣାରେ ଶ୍ରୀକୃଷ୍ଣଙ୍କର ବସ୍ତ୍ର ଚୋରି କରି କଦମ୍ବ ଡାଳରେ ସ୍ଥାନିତ କରିବା ନିଶ୍ଚେ ଲଜ୍ଜାକର ଘଟଣା ଥିଲା। ମାତ୍ର ଏହା ଭୟଙ୍କର ନଥିଲା ଏଇଥିପାଇଁ ଯେ ଶୃଙ୍ଗାର ରସର ଅନନ୍ୟ ଉଦାହରଣ କୃଷ୍ଣଲୀଳାର। ପୁଣି ଏହି ଗୋପୀମାନେ ଯେ ମୁନି ଋଷିଙ୍କର ସ୍ୱରୂପ, ତାହା ମଧ୍ୟ ବିଚାର୍ଯ୍ୟ।

ସାଧାରଣତଃ ବସ୍ତୁ, ବସ୍ତ୍ର ଓ ବସ୍ତ୍ୟ ହେଉଛି ମାନବ ଜୀବନ ଧାରଣର ଅନନ୍ୟ ଉପାଦାନ। ବସ୍ତୁ ମଧ୍ୟରେ ଖାଦ୍ୟପଦାର୍ଥ ଓ ଆବଶ୍ୟକୀୟ ଜିନିଷପତ୍ର, ବସ୍ତ୍ର ମଧ୍ୟରେ ଲଜ୍ଜା ନିବାରଣ ସକାଶେ ପୋଷାକ ପରିଚ୍ଛଦ ଓ ବସ୍ତ୍ୟ ମଧ୍ୟରେ ବାସଗୃହ, ଯାହାକି ସାଧାରଣତଃ ରୁଟି, କପଡ଼ା ଓ ଘର ବୋଲି କୁହାଯାଏ- ଏହି ତିନିଟି ଜିନିଷ ମୂଳ ଆବଶ୍ୟକତା। ଅନ୍ୟ ଦୁଇଟିକୁ ବାଦ୍ ଦେଇ ଆମେ ଆମର ପ୍ରସଙ୍ଗ ଏହି ବସ୍ତ୍ର ହରଣରେ ବସ୍ତ୍ର ଉପରେ ମନୋନିବେଶ କରିବା। ଆସିଛୁ ଲଙ୍ଗଳା, ଯିବୁ ତୁ ଲଙ୍ଗଳାର ଅର୍ଥ ନିବସ୍ତ୍ରରେ ଜନ୍ମ ଓ ବିବସ୍ତ୍ରରେ ମୃତ୍ୟୁ। ମଝିରେ କେବଳ ବସ୍ତ୍ରର ଆବଶ୍ୟକତା ଲଜ୍ଜା ନିବାରଣ ପାଇଁ। ପୁଣି ଏ ଲଜ୍ଜା ଅନ୍ୟର ଦୃଷ୍ଟି ପାଇଁ, କାରଣ ନିଜେ ନିଜର ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗକୁ ଦେଖୁଥାଇଁ ଓ ଏଥକୁ ଲଜ୍ଜା ନାହିଁ। ଏହା କେବଳ ଅନ୍ୟର ଦୃଷ୍ଟିରୁ ନିଜକୁ ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ। କଥା ଉଠେ- ହାତ, ପାଦ, ମୁଖ ପାଇଁ ବସ୍ତ୍ରର ଆବଶ୍ୟକତା ନଥାଏ ସତ, ମାତ୍ର ଅନେକ ସମୟରେ ବାହ୍ୟ ସଂକ୍ରମଣ ପାଇଁ ତାହାର ମଧ୍ୟ ଆବରଣ ଦରକାର। ମୁଖ୍ୟତଃ ଯୌନାଙ୍ଗ, ଗୁପ୍ତାଙ୍ଗ ଓ କାମ ଉଦ୍ଦୀପକ ଶରୀରର ଆକର୍ଷଣ ନହେବା ପାଇଁ, ବିକର୍ଷଣ ପାଇଁ ହିଁ ବସ୍ତ୍ରର ଆବଶ୍ୟକତା ରହିଛି।

ସାଧୁ ସନ୍ଥ, ନିର୍ବିକାର ପୁରୁଷମାନଙ୍କ ପାଇଁ ହୁଏତ ଏହାର ବ୍ୟବହାର କମ୍। କାରଣ କାମନା ବାସନା ରହିତ ହେଲେ ଶରୀରର ଆକର୍ଷଣ କୌଣସି ମହତ୍ତ୍ୱ ରଖେ ନାହିଁ। ଶରୀର ଏକ ମହାର୍ଘ ବସ୍ତ୍ର ଆତ୍ମା ପାଇଁ ବୋଲି ଯିଏ ବୁଝି ସାରିଛି, ତା' ପାଇଁ ବାହ୍ୟ ଘୋଡ଼ଣିର ଆବଶ୍ୟକତା ନାହିଁ। ଏପରିକି ଖରା ବର୍ଷା କାକରର କୌଣସି ପ୍ରତିକୂଳ ପ୍ରଭାବ ବି ପଡ଼ିବାର ନାହିଁ। ଏଥକୁ ବସ୍ତ୍ର ହରଣର ପ୍ରସଙ୍ଗ ମଧ୍ୟ କୌଣସି ଅର୍ଥ ରଖେ ନାହିଁ। ଅପର ପକ୍ଷରେ, ଆଜିର ସମାଜରେ ବସ୍ତ୍ର ହରଣର ଦୁଇଟି ଦିଗ। ପ୍ରଥମଟି, ବେଶ୍ ଜଣାଶୁଣା। ଅନ୍ୟ ଦ୍ୱାରା କାହାର ଶରୀରରୁ ବସ୍ତ୍ର ଓହ୍ଲାଇ ଦେବା, ଯେମିତିକି ଦୁଃଶାସନର ଦ୍ରୌପଦୀଙ୍କ ବସ୍ତ୍ର ହରଣ ଇତ୍ୟାଦି। ବଳାତ୍କାର, ଧର୍ଷଣ ପ୍ରଭୃତି ଯେଉଁ ଅମାନୁଷିକ ଅଘଟଣମାନ ଘଟି ଚାଲିଛି, ଏଥିରେ ଏହି ବସ୍ତ୍ର ହରଣ କଥା ନିଶ୍ଚେ ଉଲ୍ଲେଖଯୋଗ୍ୟ। କିନ୍ତୁ ଦ୍ୱିତୀୟଟି ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯାହା ଲୋକ ଲୋଚନରେ ପ୍ରତିଭାତ, ଅଥଚ ଆମେ ବିଶେଷ ଧ୍ୟାନ ଦେଇ ନାହାନ୍ତି। ତାହା ହେଉଛି ନିଜେ ନିଜର ବସ୍ତ୍ର ହରଣ କରିବା ବା କରାଇବା। ସୁଦୃଶ୍ୟ, ସ୍ୱୟଂସଂପୂର୍ଣ୍ଣ ଅଙ୍ଗବସ୍ତ୍ର ଓ ପୋଷାକକୁ କାଟି କୁଟି ଛୋଟ କରିଦେବା, ସ୍ୱଳ୍ପ ବସ୍ତ୍ର ପରିଧାନ କରିବା ମଧ୍ୟ ବସ୍ତ୍ର ହରଣ। ଏଥିରେ କ'ଣ ଅଙ୍ଗ ପ୍ରଦର୍ଶନର ଲୁକ୍କାୟିତ ଇଚ୍ଛା ନାହିଁ କି? ଉନ୍ମୁକ୍ତ ଯୌବନ ପ୍ରଦର୍ଶନ ଏକ ବିକାର ମାନସିକତା। ବିପରୀତଲିଙ୍ଗୀଙ୍କୁ ଆକର୍ଷଣ କରିବାକୁ ଏହା ଯଥେଷ୍ଟ ନୁହେଁ କି?

ଯେତେ ଯେତେ ଯୌନ ବ୍ୟଭିଚାରର ଘଟଣାମାନ ଘଟୁଛି, ସେଥିପାଇଁ ଏହି ସ୍ୱୟଂଚାଳିତ ବସ୍ତ୍ର ହରଣ ମଧ୍ୟ ଦାୟୀ। ଲଜ୍ଜା ନିବାରଣ ପାଇଁ ଉଦ୍ଦିଷ୍ଟ ବସ୍ତ୍ରକୁ ଯଦି ପରିହାର କରାଯାଏ ଏବଂ ତା'ର ପ୍ରତିବଦଳରେ ସ୍ୱଳ୍ପ ବସ୍ତ୍ର ପରିଧାନପୂର୍ବକ ଯୌନ ଉଦ୍ଦୀପନା ସୃଷ୍ଟି କରାଯାଏ, ତା'ହେଲେ ଦୋଷ କାହାର? ଫେସନ ବା ନୂଆ ଶୈଳୀ ତଥା ମୁକ୍ତ ଅଧିକାରର ଦ୍ୱାହି ଦେଇ ଯଦି ଅପସଂସ୍କୃତିକୁ ଆପଣେଇବା, ତେବେ 'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ?' ବକ୍କଲ ବସ୍ତ୍ରଠାରୁ ପତ୍ର ବସ୍ତ୍ରରେ ଆରମ୍ଭ ହୋଇଥିବା ଲଜ୍ଜା ନିବାରଣର ତରିକା ନିଶ୍ଚେ ରେଶମ ବସ୍ତ୍ର ପର୍ଯ୍ୟନ୍ତ ବିକଶିତ ହୋଇଛି। ଏହା କେବଳ ଶରୀରକୁ ଢାଙ୍କିବା ପାଇଁ ନୁହେଁ, ବରଂ ସୌନ୍ଦର୍ଯ୍ୟ ବୃଦ୍ଧିର ଏକ ମୁଖ୍ୟ ଉପାଦାନ।'

ପୁଣି ବସ୍ତ୍ର ଏକ ବୟସର, ଏକ ବୃତ୍ତିର, ଏକ ଲିଙ୍ଗ ନିର୍ଦ୍ଧାରଣର ପରିଚାୟକ। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ଖେଳାଳି, କର୍ମଜୀବୀଙ୍କ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପ୍ରକାରର ବସ୍ତ୍ର ହିଁ ଚିହ୍ନଟ କରିପାରେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ। ସମାଜ କର୍ମ ପାଇଁ ସମାନ ପୋଷାକ ନିର୍ଦ୍ଧାରଣ ନିଶ୍ଚେ ଏକ ସୁସ୍ଥ ଓ ଅଗ୍ରଣୀ ସଭ୍ୟତାକୁ ଦର୍ଶାଇ ଥାଏ। ଏହା କିନ୍ତୁ ଗ୍ରହଣୀୟ ରଙ୍ଗ ଓ ସ୍ୱାସ୍ଥ୍ୟ ହିତକର ପଦାର୍ଥରେ ନିର୍ମିତ ହେବା ଆବଶ୍ୟକ। ଖୋଲା ଦେହ ହୁଏତ ବ୍ୟକ୍ତିଗତ ସ୍ତରରେ ଏକ ଆବଶ୍ୟକତା ହୋଇପାରେ, ମାତ୍ର ସମାଜ ପାଇଁ ବର୍ଜିତ। ତା' ନହେଲେ ପଶୁ ପକ୍ଷୀଙ୍କଠାରୁ ମଣିଷର ଗୁରୁତ୍ୱ କିପରି ବେଶୀ ରହିବ! କେମିତି ଏକ ସୁସ୍ଥ ସମାଜରେ ସାମାଜିକ ପ୍ରାଣୀ ବୋଲି ମନୁଷ୍ୟ ଡିଣ୍ଡିମ ପିଟିବ! ସତ କଥା କହିବାକୁ ଗଲେ, ବସ୍ତ୍ର ହରଣ ଏକ ସାମାଜିକ ବିକୃତି। କାରଣ ବସ୍ତ୍ର ହିଁ ଆମର ସମ୍ମାନ ଓ ସମ୍ଭ୍ରମତା। ପୂଜାରେ ମଧ୍ୟ 'ବସ୍ତ୍ରାଭାବେ ସୁତ୍ରଂ ଦଦ୍ୟାତ' ବୋଲି ପ୍ରତୀକାତ୍ମକ ଭାବେ ବସ୍ତ୍ରର ଗୁରୁତ୍ୱକୁ ପ୍ରତିପାଦନ କରେ।■

# ବସ୍ତ୍ର ପ୍ରଦାନ

କୋଟି ବସ୍ତ୍ର ଦେଇ ପ୍ରଭୁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କର ମାନ ରକ୍ଷା କରିଥିଲେ ସେତେବେଳେ, ଯେତେବେଳେ କୁରୁସଭାରେ ତାଙ୍କୁ ବିବସ୍ତ୍ର କରାଯାଉଥିଲା। ଏହି ବସ୍ତ୍ର ପ୍ରଦାନ ଏକ କାହାଣୀର ଦୃଶ୍ୟ ନୁହେଁ, ବରଂ ଏକ ମାର୍ମିକ ଦର୍ଶନ ଓ ଉପଦେଶ ଭଗବାନଙ୍କର। ଏହା ହେଉଛି ସଂପୂର୍ଣ୍ଣ ସମର୍ପଣର ବାର୍ତ୍ତା। ପ୍ରଭୁଙ୍କ ପ୍ରତି ସଂପୂର୍ଣ୍ଣ ବିଶ୍ୱାସର ଗାଥା। ବୁଭୁକ୍ଷୁର କ୍ଷୁଧା ନିବାରଣ ପାଇଁ ଖାଦ୍ୟପେୟ ଦାନ ପରେ ବସ୍ତ୍ର ପ୍ରଦାନର ପ୍ରାଥମିକତା ରହିଛି। ଏପରିକି କୌଣସି କର୍ମକର୍ମାଣିରେ, ଶ୍ରାଦ୍ଧ ଓ ପୂଜାରେ ତଣ୍ଡୁଳ ଇତ୍ୟାଦି ଖାଦ୍ୟଦାନ ପରେ ବସ୍ତ୍ରଦାନ ଅପରିହାର୍ଯ୍ୟ। ମଣିଷ ସମାଜରେ ବସ୍ତୁ, ବସ୍ତ୍ର ଓ ବସ୍ତ୍ୟ (ଘର)ର ଆବଶ୍ୟକତା ମୂଳତଃ ଏକ ଏକ ଅପରିହାର୍ଯ୍ୟ ଅଂଶବିଶେଷ। ବାସଶୂନ୍ୟ ମଣିଷମାନଙ୍କର ଖୋଲା ଆକାଶ ତଳେ ରହଣି ପାଇଁ ଖାଦ୍ୟ ସହିତ ବସ୍ତ୍ର ପ୍ରଦାନ ମହତ କାର୍ଯ୍ୟ ବୋଲି ପରିଗଣିତ କରାଯାଏ।




ବିଶେଷତଃ ଶୀତ ସମୟରେ ବସ୍ତ୍ର ପ୍ରଦାନ ଏକ ଉତ୍ସବ ପରି କିଛି କିଛି ସ୍ୱେଚ୍ଛାସେବୀ ଓ ଅନୁଷ୍ଠାନ ମନେ କରନ୍ତି। ଏହାର ପ୍ରମୁଖ ଲକ୍ଷ୍ୟ ହେଉଛି ନିବସ୍ତ୍ର ମଣିଷକୁ ବସ୍ତ୍ର ଦେଇ ତା'ର ଶରୀର ରୂପକ ପୋଷାକକୁ ସୁରକ୍ଷିତ ରଖିବା। ଆମର ଏହି ଶରୀରର ଆଚ୍ଛାଦନ ବିଭୁ ପ୍ରଦତ୍ତ ବସ୍ତ୍ର ନୁହେଁ ତ ଆଉ କ'ଣ! ଶରୀର ଭିତରେ ଚାଲୁଥାଏ ଜୀବନ ଓ ସୂକ୍ଷ୍ମ ବିଚାରରେ ଏକ ଆତ୍ମା। ଏସବୁର ସଂରକ୍ଷଣ ପାଇଁ ଏକ ସୁନ୍ଦର ବସ୍ତ୍ରର ଆଚ୍ଛାଦନ ହୋଇଥାଏ ଜନ୍ମରୁ। ବସ୍ତ୍ର ଏକ ସୌନ୍ଦର୍ଯ୍ୟ ଓ ସୁନ୍ଦର ନିର୍ମାଣ। ଏହା ପୁଣି ଘରର ଚାରି କାନ୍ଥ ପରି ସହନଶୀଳ। ଯେତେ ଯେତେ ବାହ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ଓ ପ୍ରତିରୋଧ କରିବାକୁ ଏ ବସ୍ତ୍ର ସକ୍ଷମ।

ଆମ ଭାରତୀୟ ପରମ୍ପରା କାହିଁକି, ବିଶ୍ୱର ଅନେକ ପରମ୍ପରାରେ ବସ୍ତ୍ର ପ୍ରଦାନ ଏକ ମହାର୍ଘ ଉପକ୍ରମ। ଅତିଥି ଦେବତାଙ୍କୁ ସମ୍ଭାଷଣପୂର୍ବକ ବସ୍ତ୍ର ପ୍ରଦାନ ଏକ ପରମ୍ପରା। ଆମ ସଂସ୍କୃତିରେ ଶୁଭ ଓ ଅଶୁଭ କ୍ରିୟା କର୍ମରେ ବସ୍ତ୍ର ପ୍ରଦାନ ହେଉଛି ପ୍ରମୁଖ ଉପକ୍ରମ। ଯେ କୌଣସି ସଭା ସମିତିରେ ଅତିଥି ସମ୍ବର୍ଦ୍ଧନାଠାରୁ ପୂଜ୍ୟପୂଜାଙ୍କୁ ସମ୍ମାନ ଜଣାଇବା ଇତ୍ୟାଦିରେ ଅଙ୍ଗ ବସ୍ତ୍ର ପ୍ରଦାନ ଏକ ସମ୍ମାନସୂଚକ ପଦକ୍ଷେପ। ଆମ ପରମ୍ପରାରେ ପୂଜାପାଠରେ ମଧ୍ୟ ବସ୍ତ୍ର ପ୍ରଦାନ ପ୍ରଚଳିତ। କିଛି ନହେଲେ ପ୍ରତୀକାତ୍ମକ ଭାବେ ସୂତାକୁ ମଧ୍ୟ ବସ୍ତ୍ର ସ୍ୱରୂପ ବିଚାର କରି ପ୍ରଦାନ କରାଯାଏ।

ଆଉ ଓଡ଼ିଆ ଘରର ବସ୍ତ୍ର ପ୍ରଦାନ ମଧ୍ୟ ଏକ ଉତ୍ସବ, ଯାହାକୁ ପ୍ରଥମାଷ୍ଟମୀ ବା ପଢୁଆଁ ଅଷ୍ଟମୀ କୁହାଯାଏ। ଘରର ପ୍ରଥମ ଜନ୍ମିତ ସନ୍ତାନକୁ ସମ୍ମାନ ଜଣାଇ ଏପରି ବସ୍ତ୍ର ପ୍ରଦାନ ଉତ୍ସବ। ଏଥିରେ ଏକ ଗୂଢ଼ ରହସ୍ୟ ରହିଛି। ପ୍ରଥମ ସନ୍ତାନଟି ପର ପିଢ଼ିର ମୁଖିଆ ହେବ ବୋଲି ଶିରପା ପରି ବସ୍ତ୍ର ପ୍ରଦାନ କରାଯାଏ। ଏହି ଶିରପା କଥାରୁ ମନେପଡ଼େ ଯେ ଯେତେବେଳେ କୌଣସି ବ୍ୟକ୍ତିଙ୍କୁ ରାଜ ଦରବାରରେ ଏକ ଦାୟିତ୍ୱ ଦିଆଯାଏ, ସେତେବେଳେ ଅଙ୍ଗବସ୍ତ୍ର ସହିତ ମୁକୁଟ ବା ଶିରୋପାରେ ଭୂଷିତ କରାଯାଏ। ବସ୍ତ୍ର ପ୍ରଦାନର ଉତ୍ସବ ପ୍ରଥମାଷ୍ଟମୀରେ ଏହି ବସ୍ତ୍ର ପ୍ରଦାନ ଅବସରରେ ଏକ ସମ୍ପର୍କକୁ ଦୃଢ଼ କରାଯାଏ। ତାହା ହେଉଛି ମାମୁଘର ସହ ଭଣଜାର ସମ୍ପର୍କ। ଏପରିକି ଜ୍ୟେଷ୍ଠା କନ୍ୟା ଯଦି ବିବାହିତା, ତେବେ ମଧ୍ୟ ଜ୍ୟେଷ୍ଠ ସନ୍ତତି ହିସାବରେ ନୂତନ ବସ୍ତ୍ର ଏହି ପରିପ୍ରେକ୍ଷୀରେ ପ୍ରଦାନ କରାଯାଏ।

କେହି କେହି ଏହାକୁ ଶୀତ ଆସିବା ପୂର୍ବରୁ ବସ୍ତ୍ର ସଂରକ୍ଷଣ ନିମିତ୍ତ ଏକ ସୁପ୍ତ କାରଣ ବୋଲି କୁହନ୍ତି। ସେ ଯାହାହେଉ, ବସ୍ତ୍ର ପ୍ରଦାନ ଏକ ବାହାନା ହେଉ ନା କାହିଁକି, ଆମ ସଂସ୍କୃତିରେ ଲଜ୍ଜା ନିବାରଣର ଏକ ସ୍ୱତନ୍ତ୍ର ମାଧ୍ୟମ। ବସ୍ତ୍ର ହେଉଛି ସଂସ୍କୃତିର ପରିଚାୟକ। ଏହା ସତ୍ୟ ନୁହେଁ ଯେ ଯିଏ ଯେତେ ଦାମିକା ବସ୍ତ୍ର ପିନ୍ଧିଲା, ସେ ସେତେ ସମ୍ଭ୍ରାନ୍ତ। ସୂତା ପିନ୍ଧୁଥିବା, ଖଦଡ଼ ବସ୍ତ୍ର ବ୍ୟବହାର କରୁଥିବା କେତେ କେତେ ମହାମନୀଷୀଙ୍କଠାରୁ କ'ଣ କେହି ଅଧିକ ସମ୍ଭ୍ରାନ୍ତ ନା ବେଶୀ ସଂସ୍କୃତିସମ୍ପନ୍ନ? ଏବେ ଖଦଡ଼ର ବ୍ୟବହାର ତ ଏକ ବହୁମୂଲ୍ୟ ବସ୍ତ୍ରର ପରିଧାନ ବୋଲି ବିଶ୍ୱାସ।

ବସ୍ତ୍ର ଆଦାନ ପ୍ରଦାନ ଏକ ପାରିବାରିକ ସମ୍ପର୍କର ଚିହ୍ନ। ଯେପରିକି ବିବାହ କାର୍ଯ୍ୟରେ ଯୋଗ ଦେଲେ ମୁଁ କିଛି ଉପଢୌକନ ଦେବି ବର କନ୍ୟାଙ୍କୁ ଓ ବିଦାୟ ଦେଲା ବେଳେ ସେମାନେ ମଧ୍ୟ ମୋତେ ବସ୍ତ୍ର ଦେଇ ବିଦା କରିବେ। ଏହା ହିଁ ତ ସମ୍ପର୍କର ସୂତା। ସେ ସୂତାରେ ତିଆରି ବସ୍ତ୍ର କେବେ ଚିରିବାର ନାଆଁ ଧରେନି। କାରଣ ମନରେ, ହୃଦୟରେ ଲାଖି ହୋଇଯାଏ, ଜଡ଼େଇ ଯାଏ ଭଲ ପାଇବାର ବସ୍ତ୍ର। ଅନେକ କଥା କାହାଣୀରେ ଅମଳିନ ବସ୍ତ୍ରର କଥା କୁହାଯାଇଛି। ମାତା ସୀତାଙ୍କୁ ଯେଉଁ ଅମ୍ଳାନ ବସ୍ତ୍ର ପ୍ରଦାନ କରିଥିଲେ ମାତା ଅନୁସୂୟା। ଅତ୍ରି ଋଷିଙ୍କ ପତ୍ନୀ ମାତା ଅନୁସୂୟାଙ୍କର ଏହି ଅମ୍ଳାନ ବସ୍ତ୍ର ହେଉଛି ମାଆ ଦୁର୍ଗାଙ୍କର ବସ୍ତ୍ର। ଏହା ଅଗ୍ନିସ୍ନାତ। ଚଉଦ ବର୍ଷ ପାଇଁ ବନବାସ ସମୟରେ ମାତା ସୀତା ଏହାକୁ ବ୍ୟବହାର କରୁଥିଲେ। ବସ୍ତ୍ର ପ୍ରଦାନର ଦୁଇଟି ଅମୂଲ୍ୟ ଘଟଣା ହେଲା ପ୍ରଥମତଃ ଶ୍ରୀକୃଷ୍ଣଙ୍କର ଦ୍ରୌପଦୀଙ୍କୁ କୋଟିବସ୍ତ୍ର ପ୍ରଦାନ ଓ ଅନ୍ୟଟି ମାତା ଅନୁସୂୟାଙ୍କର ସୀତାଙ୍କୁ ଅମ୍ଳାନ ବସ୍ତ୍ର ଦେବା।■

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୯୩୪୮୮୯୩୭୫୨**

ନିତିଦିନ NITIDIN
ଶନିବାର , ୧୩ ସେପ୍ଟେମ୍ବର, ୨୦୨୫

# ଗୋଇଠା ମାରି ବିଷ୍ଟୁ ହେବା

ଦୁନିଆରେ ନିଜକୁ ଶ୍ରେଷ୍ଠ ଦେଖାଇବାକୁ ସମସ୍ତେ କିଛି ନା କିଛି ଉଦ୍ୟମ କରିଥାନ୍ତି। ଆଉ ଏଇ ଶ୍ରେଷ୍ଠ ହେବାର ମୋହ ବେଳେବେଳେ କେବଳ ନିଜକୁ ନୁହେଁ, ନିଜର ପ୍ରିୟ ପରିଜନ, ଏମିତିକି ଗୋଟିଏ ଦେଶର ସବୁ ଲୋକଙ୍କ ପାଇଁ କାଳ ପାଲଟି ଯାଏ, ଠିକ୍ ଯେମିତି ଏବେ ପାଲଟୁଛି ନୋବେଲ୍ ଶାନ୍ତି ପୁରସ୍କାର ଆଶାୟୀ ଡୋନାଲ୍ଡ ଟ୍ରମ୍ପଙ୍କ ଯୋଗୁଁ ଆମେରିକା ନିମନ୍ତେ। ମାଗା (ଆମେରିକାକୁ ପୁଣିଥରେ ମହାନ କରିବା) ଏବଂ ନୋବେଲ୍ ପୁରସ୍କାର ପାଇଁ ତାଙ୍କ ନାମ ଉତ୍ଥାପନ କରିବାକୁ ମିତ୍ର ରାଷ୍ଟ୍ର ଭାରତ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ରୁଷିଆରୁ ତୈଳ ଆମଦାନୀକୁ ଆଳ କରି ଏହା ଉପରେ ଲାଗୁ କଲେ ଢେର୍ ଅଧିକ ପରିମାଣର ଅର୍ଥାତ୍ ୫୦ ପ୍ରତିଶତ ଟାରିଫ୍। ଫଳ ହେଲା ଏୟା ଯେ ଭାରତ ଦୁଇଟିଯାକ କଥାରୁ କିଛି ଗୋଟିଏ ହେଲେ କଲାନାହିଁ, ଓଲଟା ନିଜ ଦେଶ ଭିତରେ ବିରୋଧୀମାନଙ୍କ କଥା ତ ଭିନ୍ନ ନିଜ ଦଳ ତରଫରୁ ମଧ୍ୟ ଏବେ ସମାଲୋଚନାର ଶିକାର ଟ୍ରମ୍ପ୍। ଆଉ ଏହାକୁ ଲୁଚାଇବାକୁ ଏବେ ପୁଣିଥରେ ଭାରତକୁ ଶାନ୍ତିର ଅଲିଭ୍ ଶାଖା ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି ମହାନ ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ୍, ଯାହା କୋଉ ଜେଜ ଅମଳର ଘଣ୍ଟାର ପେଣ୍ଡୁଲମ୍ ଭଳି ତାଙ୍କ ମାନସିକତାର ଦୋଳାୟମାନ ଅବସ୍ଥାକୁ ସୂଚାଉଛି। ତେବେ ଉଲ୍ଲେଖଯୋଗ୍ୟ ଯେ ପ୍ରଥମେ ଭାରତକୁ ତାଙ୍କର ମିତ୍ର ରାଷ୍ଟ୍ର କହିବାର ମାତ୍ର ଚାରି ଦିନର ବ୍ୟବଧାନ ପରେ ଏହି ଆମେରିକାର ରାଷ୍ଟ୍ରପତି ପୁଣିଥରେ ନିଜର ସ୍ୱରକୁ ସମାନ ରଖି ଦ୍ୱିତୀୟ ଥର ପାଇଁ କହିଛନ୍ତି କି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ବନ୍ଧୁତା ସବୁବେଳେ ରହିବ ଏବଂ ଭାରତ ସହିତ ଆମେରିକାର ଏକ ସ୍ୱତନ୍ତ୍ର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଅର୍ଥାତ୍, ଥରେ ଗୋଇଠା ମାରି ସାରିବା ପରେ ଟ୍ରମ୍ପ୍ ଏବେ ସୁଦ୍ଧା ଦୁଇ ଥର ବିଷ୍ଟୁ ହୋଇ ସାରିଲେଣି। ଏଥିରୁ ଯେଉଁ ସୂଚନା ମିଳୁଛି ଯେ ଭାରତ ଓ ଆମେରିକା ମଧ୍ୟରେ ଅଟକି ରହିଥିବା ବାଣିଜ୍ୟିକ କାରବାର ସମ୍ପର୍କିତ ରାଜିନାମା ଉପରେ ଆଲୋଚନା ଖୁବ୍ ଶୀଘ୍ର ପୁଣିଥରେ ଆରମ୍ଭ ହେବାକୁ ଯାଉଛି, ତାହା ହୁଏତ ଭାରତୀୟ ରପ୍ତାନୀକାରୀଙ୍କ କାନକୁ ମଧୁର ସଙ୍ଗୀତ ଭଳି ଶୁଭିପାରେ, ଯେଉଁମାନଙ୍କ ମଧ୍ୟରୁ କେତେକ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦ ପ୍ରତିଶତ ଟାରିଫ୍ ଏବଂ ଅନୁଦାନ ଅବରୋଧ ଦୀର୍ଘଦିନ ପର୍ଯ୍ୟନ୍ତ ବଜାୟ ରହିଲେ କ୍ଷତିଗ୍ରସ୍ତ ହେବେ। ଟାରିଫ୍ ଉପରେ ଆମେରିକୀୟ କୋର୍ଟର ନିର୍ଦ୍ଦେଶନାମା ଏବଂ ଯଥାଶୀଘ୍ର ଏହି ଆଦେଶର ଏକ ସମୀକ୍ଷା କରିବା ପାଇଁ ଏହାର ସୁପ୍ରିମ୍‌କୋର୍ଟର କୁଣ୍ଠାଭାବକୁ ବିଚାରକୁ ନେଲେ ଟ୍ରମ୍ପ୍ ନିଜେ ହୁଏତ ଚାପଗ୍ରସ୍ତ ହୋଇଯିବେ, କାରଣ ତାଙ୍କର ମୁଲଚାଲ କରିବାର ସାଧନ- ଟାରିଫ୍ ଏ ପର୍ଯ୍ୟନ୍ତ ସୁଦ୍ଧା ସନ୍ଦେହର କୁହୁଡ଼ି ବାହାରକୁ ଯାଇ ପ୍ରତିଷ୍ଠିତ ହୋଇ ପାରିନାହିଁ।

ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ ଯେ ବ୍ରାଜିଲ ସହିତ ଭାରତ ଉପରେ ଅଧିକ ହାରର ଟାରିଫ୍ ଲଗାଯିବା ସମ୍ପର୍କିତ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଟ୍ରମ୍ପଙ୍କ ଉପରେ ନିର୍ଭର କରିବ। ତେଣୁ ତାଙ୍କ ଶୁଭ ଦୃଷ୍ଟିରେ ରହିବା ପାଇଁ ଭାରତକୁ ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନ୍‌ସ୍କିଙ୍କ ଭଳି ଖୋସାମତି କରିବାର ଆବଶ୍ୟକତା ରହିଥିବା ନେଇ ଯେ କେହି ବି ଏକ ଭଲ ପରାମର୍ଶ ଦେଇ ପାରନ୍ତି। ଅବଶ୍ୟ ପ୍ରଥମ ଥର ତାଙ୍କ ଉପରେ ବିରକ୍ତି ପ୍ରକାଶ କରାଯିବା ପରେ ଉପରୋକ୍ତ ୟୁକ୍ରେନୀୟ ନେତା ଦ୍ୱିତୀୟ ଥର ପାଇଁ ହ୍ୱାଇଟ୍ ହାଉସ୍ ଆସିବା ବେଳକୁ ତାଙ୍କ ସାଙ୍ଗରେ ୟୁରୋପ୍ ଏବଂ ୟୁକେର ଅନେକ ନେତାଙ୍କ ସମର୍ଥନ ରହିଥିଲା। ତେଣୁ ଟ୍ରମ୍ପଙ୍କୁ ଖୋସାମତି କରିବାରେ କିଛି ଅସୁବିଧା ନାହିଁ, ପରନ୍ତୁ ବାଣିଜ୍ୟିକ କାରବାର ନେଇ ଆଲୋଚନା ହେବା ବେଳେ ଲୋହିତ ରେଖାକୁ ଭାରତ ଅତିକ୍ରମ କରିବା ଉଚିତ ନୁହେଁ, ଯେଉଁଥିରେ ରୁଷିଆରୁ ରିହାତି ଦରରେ ତେଲ କିଣିବା ନେଇ ଫାଟ ସୃଷ୍ଟି ହୋଇଛି, ଯାହାକି ୟୁକ୍ରେନ୍ ସହିତ ରୁଷିଆ ଯୁଦ୍ଧ କରିବା ପରଠାରୁ ଭାରତ ଖର୍ଦ୍ଦି କରି ଆସୁଛି ଏବଂ ଏହା ଦେଶର ଅର୍ଥନୀତି ପାଇଁ ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇ ସାରିଛି। ସେହି ତୈଳର ଦରକୁ ଯଦିଓ ବର୍ତ୍ତମାନର ବଜାର ଦର ସହିତ ତୁଳନା କଲେ, ସେପରି ବିଶେଷ କିଛି କମ୍ ନୁହେଁ, ତେବେ ଭାରତ-ଆମେରିକା ସମ୍ପର୍କ ମଧ୍ୟରେ ତାହା ଏକ ସମ୍ମାନର ପ୍ରଶ୍ନ ହୋଇ ସାରିଛି ଏବଂ ଯେ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ବାଣିଜ୍ୟିକ ପ୍ରସଙ୍ଗର ସମାଧାନ ହୋଇ ନ ସାରିଛି, ସେଯାଏଁ ଭାରତ ଏହି ଖର୍ଦ୍ଦିର ପ୍ରସ୍ତାବକୁ ତ୍ୟାଗ କରିବା ଉଚିତ ନୁହେଁ।

ପୁନଶ୍ଚ, କେବଳ ଅଧିକ ହାରର ଟାରିଫ୍ ଏକମାତ୍ର ପ୍ରସଙ୍ଗ ନୁହେଁ ଭାରତ-ଆମେରିକାର ସମ୍ପର୍କ କ୍ଷେତ୍ରରେ ଫାଟ ସୃଷ୍ଟି କରିବା ପାଇଁ। ଏହା ବାଦ୍ ଆମେରିକା ଭାରତ ବିରୁଦ୍ଧରେ ଭିସା ଏବଂ ଏକ ଟିକସ ଲାଗୁ କରିବା ଉପରେ ଗୁରୁତ୍ୱାରୋପ କରିବାକୁ ମସୁଧା ଚଳାଇଛି, ଯାହା ସଫ୍ଟୱେର ରପ୍ତାନୀ ଏବଂ ତଟୀୟ ଠିକାକାମକୁ ପ୍ରଭାବିତ କରିପାରେ। ସାମଗ୍ରୀଗୁଡ଼ିକର ରପ୍ତାନୀ କ୍ଷେତ୍ରରେ ଭାରତ ଉଦ୍‌ବୃତ୍ତ ଲାଭ ଅର୍ଜନ କରୁଛି ଯେତେବେଳେ କି ଆମେରିକା ସେବାଗୁଡ଼ିକ କ୍ଷେତ୍ରରେ ଭାରତଠାରୁ ତାହା ଅଧିକ ଅର୍ଜନ କରୁଛି ବୋଲି ଦେଖାଇବା ହୁଏତ ଟ୍ରମ୍ପଙ୍କୁ ଅସଲ ଛବି ଦେଖାଇବାରେ ସକ୍ଷମ ହୋଇପାରେ। ଆଗାମୀ ସମୟରେ ରାଷ୍ଟ୍ରପତି ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଯେଉଁ ଭିଡିଓ ଫୋନ୍ କଲ୍‌ଗୁଡ଼ିକ ହେବାକୁ ଯାଉଥିବା କୁହାଯାଉଛି, ସେ ସମୟରେ ତାଙ୍କ କାନରେ ଏକଥା ପକାଇବା ହୁଏତ ଅଧିକ ଗୁରୁତ୍ୱ ବହନ କରିପାରେ। ଆଉ ଏହା କେବଳ ବାଣିଜ୍ୟ ବ୍ୟବସାୟଜନିତ କାରବାରର ସମାଧାନ ଯାହାକି ସ୍ୱଳ୍ପ ସମୟ ଭିତରେ କରାଯିବା ଉପରେ ପର୍ଯ୍ୟବସିତ ହେବ ବୋଲି କୁହାଯାଉଛି, ସେତିକିରେ ସୀମିତ ରହିବା ଉଚିତ ନୁହେଁ। ରଣନୀତିକ ଭାଗିଦାରୀଠାରୁ ଆରମ୍ଭ କରି ପ୍ରତିରକ୍ଷା ଏବଂ ତୈଳ ଓ ଗ୍ୟାସ୍ ଖର୍ଦ୍ଦିଠାରୁ ବାଣିଜ୍ୟିକ କାରବାର ଉପରେ ଟାରିଫ୍ ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗ ଉପରେ ଆମେରିକା ସହିତ ଆଲୋଚନା କରାଯିବାର ଆବଶ୍ୟକତା ରହିଛି। ଭାରତ ସ୍ମରଣ ରଖିବା ଉଚିତ ଯେ ଟାରିଫ୍‌କୁ କମ୍ କରିବା ପାଇଁ କୃଷି ଏବଂ ଦୁଗ୍ଧଚାଷ କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରୁଥିବା କେତେକ ଲୋହିତ ରେଖାକୁ କୌଣସି ପରିସ୍ଥିତିରେ ମଧ୍ୟ ଅତିକ୍ରମ କରିବା ଅନୁଚିତ। ଆମେରିକାର ରାଷ୍ଟ୍ରପତି ଭାରତ ପାଇଁ ଗୋଟିଏ ଦ୍ୱାର ଦେଖୁଥିବା ବେଳେ ତିଆନ୍‌ଜିନ୍‌ଠାରେ ଏହା ପାଇଁ ଏକାଧିକ ଦ୍ୱାର ଦେଖିବା ପରେ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଛନ୍ତି, ଯାହା ଭାରତ ମନେ ରଖିବା ସଙ୍ଗେ ସଙ୍ଗେ ଆମେରିକା ସହିତ ସବୁକିଛି ଠିକ୍‌ଠାକ୍ କରିବାକୁ ଏବେ ସମୟ ଅନୁକୂଳ ରହିଥିବା ଗ୍ରହଣ କରି ସମ୍ପର୍କର ପ୍ରତ୍ୟେକ ଦିଗ ଉପରେ ବିଶଦ ଆଲୋଚନା କରିବା ବିଧେୟ।■

# ସେବକର ଅଭିମାନ

ଭଲ କାମଟିଏ କଲେ ମିଳିଥାଏ ପ୍ରଶଂସା। ପ୍ରଶଂସା ପାଇଲେ ସେହି କାର୍ଯ୍ୟ କରିବାକୁ ପ୍ରେରଣା ମିଳିଥାଏ। ସେହି ପ୍ରେରଣାରୁ କିଛି ମଣିଷଙ୍କ ଭିତରେ ସୃଷ୍ଟି ହୁଏ ସ୍ୱାଭିମାନ। ସେହି ସ୍ୱାଭିମାନ ସଫଳତାର ଉଚ୍ଚତର ସୋପାନରେ ପହଞ୍ଚାଇ ଥାଏ। ମାତ୍ର କେବେ କେବେ ପ୍ରଶଂସା ମଣିଷ ଭିତରେ ସ୍ୱାଭିମାନ ବଦଳରେ ସୃଷ୍ଟି କରିଥାଏ ଅଭିମାନ। ଅଭିମାନ ଆସିଲେ କାର୍ଯ୍ୟ ଦକ୍ଷତା କମିଯାଏ। ସଫଳତା ନୁହେଁ; ବରଂ ବିଫଳତା ଆଡ଼କୁ ଖସି ଖସି ଆସେ ମଣିଷ। କାହାରି ନିନ୍ଦା ବା ପ୍ରଶଂସା ଶୁଣି ଆମେ ନିଜ ସ୍ଥିତିରେ ରହିବା ଉଚିତ୍। ଆଜି ଅନେକ ମଣିଷ ପ୍ରଶଂସା ପାଇବା ପାଇଁ କେତେ କେତେ ଯୋଜନା ମଧ୍ୟ କରୁଛନ୍ତି। ହେଲେ ପ୍ରଶଂସାର ନିଶା ଟିକିଏ ବି ଥିଲେ ଈଶ୍ୱରୀୟ ଦରବାରର ଦ୍ୱାର ବନ୍ଦ ହୋଇଯାଏ।

ସେଦିନ ଲଙ୍କାର ରଣାଙ୍ଗନ। ବୀର ଲକ୍ଷ୍ମଣ ମେଘନାଦ ସହ ଯୁଦ୍ଧ କରି ଚେତା ହରାଇ ଆହତ ଅବସ୍ଥାରେ ଶୋଇଥିଲେ। ଶକ୍ତିଭେଦ ହୋଇଥିଲା ତାଙ୍କର। ଭାଇକୁ ହରାଇବାର ଦୁଃଖରେ ଶୋକାତୁର ଥିଲେ ପ୍ରଭୁ ଶ୍ରୀରାମ। ରାବଣର ରାଜବୈଦ୍ୟ ସୁଷେଣଙ୍କ ସହ ଯୋଗାଯୋଗ କରାଗଲା ଲକ୍ଷ୍ମଣଙ୍କ ସୁସ୍ଥତା ନେଇ। ରାଜବୈଦ୍ୟ ପରାମର୍ଶ ଦେଲେ ହିମାଳୟରୁ ବିଶଲ୍ୟକରଣୀ ବୃକ୍ଷ ଆଣିବା ପାଇଁ। ତାହା ପୁଣି ରାତିକ ଭିତରେ। ସ୍ୱଳ୍ପ ସମୟ ମଧ୍ୟରେ ଲଙ୍କାରୁ ହିମାଳୟ ଯାତ୍ରା କରି ବିଶଲ୍ୟକରଣୀ ବୃକ୍ଷ ନେଇ ଫେରିବା ଅସମ୍ଭବ ଥିଲା କୌଣସି ମନୁଷ୍ୟ ପକ୍ଷେ। ସେଭଳି ଏକ ଦୁଃସାହସିକ କାର୍ଯ୍ୟ କରିବାର ସାମର୍ଥ୍ୟ ଥିଲା କେବଳ ହନୁମାନଙ୍କର। ଏତିକି ବେଳେ ହନୁମାନଙ୍କ ଭିତରେ ସେବକ ଭାବରେ ଅଭିମାନ ଆସିଗଲା। ପ୍ରଭୁ ଶ୍ରୀରାମଙ୍କ ଆଜ୍ଞା ନେଇ ବାହାରିଲେ ହନୁମାନ। ଘାତ ପ୍ରତିଘାତ ସହି ହିମାଳୟରେ ପହଞ୍ଚିଲେ। ବିଶଲ୍ୟକରଣୀ ତ ପାଇଲେ ନାହିଁ। ଗନ୍ଧମାର୍ଦ୍ଦନ ପର୍ବତକୁ ଉଠାଇ ଆଣିଲେ। ଆକାଶ ମାର୍ଗରେ ଆସୁ ଥାଆନ୍ତି। ଅପର ପକ୍ଷରେ ଅଯୋଧ୍ୟାର ନନ୍ଦିଗ୍ରାମରେ ଅତନ୍ଦ୍ର ନୟନରେ ଭାଇ ଭରତ ରାମଙ୍କ ଫେରିବା ବାଟକୁ ଚାହିଁ ଦିନ ଗଣୁଥିଲେ। ଚଉଦ ବର୍ଷ ପର୍ଯ୍ୟନ୍ତ ଅଯୋଧ୍ୟାକୁ ସୁରକ୍ଷା ଦେବା ଦାୟିତ୍ୱ ଥିଲା ଭରତଙ୍କର। ଆକାଶ ମାର୍ଗରେ ବେଗବାନ୍ ହନୁମାନଙ୍କର ରୂପକୁ ଦେଖି ଭାବିଲେ କେହି ଅସୁର ଅଯୋଧ୍ୟାକୁ ଆକ୍ରମଣ କରିବାକୁ ଚେଷ୍ଟା କରୁଛି। ବାଟୁଳି ମାରିଲେ। ସେହିଠାରେ ଚେତା ହରାଇ ପଡ଼ିଗଲେ ମହାବୀର ହନୁମାନ। ଚେତା ଫେରିବା ପରେ ଉଭୟଙ୍କ ପରିଚୟ ହେଲା। ପୁଣି ଯାତ୍ରା ଆରମ୍ଭ କଲେ ହନୁମାନ। ଠିକଣା ସମୟରେ ପହଞ୍ଚି ଲକ୍ଷ୍ମଣଙ୍କୁ ବିପଦ ମୁକ୍ତ କଲେ।

ଗୋଟିଏ ପାଖରେ ବୀର ଲକ୍ଷ୍ମଣ। ଅନ୍ୟ ପାଖରେ ମହାବୀର ହନୁମାନ। ଏକ ସମୟରେ ଚେତା ହରାଇ ପଡ଼ିଥିଲେ। କାରଣ ଉଭୟଙ୍କ ଭିତରେ ସୂକ୍ଷ୍ମ ଅହମିକା ବସା ବାନ୍ଧିଥିଲା। ନିଜକୁ ପ୍ରଭୁଙ୍କର ପାଖ ଲୋକ ଭାବିଥିଲେ। ଭରତ କିନ୍ତୁ ଥିଲେ ବହୁ ଦୂରରେ। ସେ ମଧ୍ୟ ଥିଲେ ପ୍ରଭୁ ଭକ୍ତ। ଚେତାଶୂନ୍ୟ ଲକ୍ଷ୍ମଣଙ୍କୁ ଉଦ୍ଧାର କଲାବାଲା ହନୁମାନ ମଧ୍ୟ ଚେତା ହରାଇଲେ ଭରତଙ୍କ ନିକଟରେ- ପ୍ରଭୁଙ୍କ ନିକଟରେ ଥାଅ କି ଦୂରରେ। ଅହଙ୍କାରକୁ ହୃଦୟରେ ଧରି ତାଙ୍କର ଯେତେ ପାଖରେ ଥିଲେ ମଧ୍ୟ ଯୋଜନ ଯୋଜନ ଦୂରରେ ଅଛେ ବୋଲି ଜାଣିବାକୁ ହେବ।■

ପଦାରବିନ୍ଦ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ବିଦେଶୀ ମଦ ଜବତ, ୩ ଗିରଫ



**ରାଉରକେଲା,୧୨।୯/ଏନ୍‌ଏନ୍‌ଏସ୍‌:** ରାଉରକେଲା ଅବକାରୀ ବିଭାଗ ସିଭିଲ୍ ଟାଉନ୍‌ସିପ୍‌ରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବେନ୍ଦ୍ର ସିଂହ, ଲକ୍ଷ୍ମୀକାନ୍ତ ଦାସ ଓ ସୋନୁ କୁମାର। ଏହି ବେଆଇନ୍ ମଦ କାରବାର ସମ୍ପର୍କରେ ପୂର୍ବରୁ ଅବକାରୀ ବିଭାଗ ନିକଟରେ ସୂଚନା ଥିଲା। ଏହାକୁ ଆଧାର କରି ଅବକାରୀ ବିଭାଗ ସମ୍ପୃକ୍ତ ସ୍ଥାନରେ ଅତର୍କିତ ଭାବେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଅଭିଯୁକ୍ତଙ୍କଠାରୁ ୯.୨୫୫ ଲିଟର୍ ବିଦେଶୀ ମଦ ଜବତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଅଭିଯୁକ୍ତମାନେ ଦୀର୍ଘଦିନ ଧରି ଏ ଅଞ୍ଚଳରେ ବ୍ୟବସାୟ କରି ବେଆଇନ୍ ଭାବେ ବିଦେଶୀ ମଦ ବିକ୍ରି କରିଆସୁଥିଲେ। ଏହି ଚଢ଼ଉ ଅବକାରୀ ଇନ୍ସପେକ୍ଟର୍ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଆକାଶ କୁମାର ସାହୁ, ସୌମ୍ୟରଞ୍ଜନ ସାହୁ, ହେମାମଞ୍ଜରୀ ବିଶ୍ୱାଳ, ଦିଲ୍ଲୀପ ପାତ୍ର, ଅମର ରଞ୍ଜନ ମହାରଣା, ରେଣୁ କିରୋ ଓ ସୀମା କେର୍କେଟା ପ୍ରମୁଖ ସାମିଲ୍ ଥିଲେ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର



**ମାଲକାନଗିରି,୧୨।୯/ଏନ୍‌ଏନ୍‌ଏସ୍‌:** ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା କାଲିମେଲା, ମାଥିଲି ଓ କୋରକୁଣ୍ଡା ବ୍ଲକ୍‌ର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ନେଇ ତାଲିମ୍ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବର୍ତ୍ତନ ସ୍ୱେଚ୍ଛାସେବୀ ସଂଗଠନର ପ୍ରଶିକ୍ଷକମାନେ ସମସ୍ତ ବ୍ଲକ୍‌ର ପିଇଓଙ୍କୁ ତାଲିମ ପ୍ରଦାନ କରିଥିଲେ। ବିପର୍ଯ୍ୟୟ ପରିଚାଳନା ପାଇଁ ଆବଶ୍ୟକ ଜ୍ଞାନକୌଶଳ ଉପରେ ଆଲୋଚନା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ଉପସ୍ଥିତ ଥିଲେ। ଜରୁରିକାଳୀନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିଲେ।

# ବଜ୍ରପାତରୁ ସୁରକ୍ଷା ନିମନ୍ତେ ସଚେତନତା ରଥ



**ଭବାନୀପାଟଣା,୧୨।୯/ଏନ୍‌ଏନ୍‌ଏସ୍‌:** କଳାହାଣ୍ଡି ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ବଜ୍ରପାତରୁ ସୁରକ୍ଷା ନିମନ୍ତେ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲ୍ଲାର ୧୩ଟି ବ୍ଲକ୍ ଓ ୪ଟି ୟୁଏଲ୍‌ବି ଅଞ୍ଚଳ ପରିକ୍ରମା କରି ବଜ୍ରପାତ ସମୟରେ ଲୋକେ କିପରି ସଚେତନ ହୋଇ ନିଜକୁ ସୁରକ୍ଷିତ ରଖିବେ ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରସାର ପ୍ରଚାର କରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର୍ ମନୀଷା ଗୁପ୍ତା, ଡେପୁଟି କଲେକ୍ଟର୍ ଅଭିଷେକ ବଗର୍ତ୍ତୀ ଓ ସହକାରୀ ଜିଲ୍ଲାପାଳ ସୁଶାନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ମ.ରାମପୁର ଉଦ୍ୟାନ ବିଭାଗ

# ହଳଦୀ ଚାଷରେ ଦୁର୍ନୀତି ଗନ୍ଧ, ଯୋଜନା ବାଟବଣା

**ମ.ରାମପୁର,୧୨।୯/ଏନ୍‌ଏନ୍‌ଏସ୍‌:** ଚାଷୀଙ୍କ ମେରୁଦଣ୍ଡକୁ ଦୃଢ଼ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସବୁ ଯୋଜନାରେ ଉପଯୁକ୍ତ ହିତାଧିକାରୀ ଚୟନ ସହିତ ସୁବିଧା ସୁଯୋଗ ଦିଆଯିବାର ନିୟମ ରହିଛି। ମାତ୍ର ଏସବୁ ଯୋଜନାରେ ଅନେକ ତ୍ରୁଟି ଓ ବିଚ୍ୟୁତି ଦେଖାଯାଉଛି। କେଉଁଠି ମୁନାଫାଖୋର୍ ଅଧିକାରୀଙ୍କ ନିଚ ମାନସିକତା ଯୋଜନାକୁ ସଫଳ ହେବାରୁ ବଞ୍ଚିତ କରୁଛି ତ ଆଉ କେଉଁଠି ଉପଯୁକ୍ତ ହିତାଧିକାରୀ ଚୟନ କରିବା ବଦଳରେ କାଗଜ କଲମରେ ଚୟନ କରି ଚାଷ କରାଯାଉଥିବା ଦେଖାଯାଉଛି। ମ.ରାମପୁର ଉଦ୍ୟାନ ବିଭାଗରେ ଏବେ ହଳଦୀ ଚାଷରେ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ଗତ ମେ' ଓ ଜୁନ୍ ମାସରେ ହଳଦୀ ଚାଷ ପାଇଁ ତାଲିକା ପ୍ରସ୍ତୁତ କରାଯିବା ସହିତ ଚାଷୀଙ୍କୁ ଚୟନ କରାଯାଇ ହଳଦୀ ବିହନ ଦିଆଯିବାର ପ୍ରକ୍ରିୟା ଆରମ୍ଭ ହେଇଥିଲା। ପ୍ରତି କେଜି ୧୯ ଟଙ୍କା ୫୦ ପଇସା ରହିଥିବାବେଳେ ୧୬୦ କେଜି ହଳଦୀ ବିହନ ସହିତ ଫାର୍ମର୍ ସେଆର୍ ୩,୧୨୫ ଟଙ୍କା ରହିଛି। ଜଣେ ଚାଷୀକୁ ସବ୍‌ସିଡି ଆକାରରେ ୬,୩୯୨ ଟଙ୍କା ଓ ୨୮୦ କେଜି ହଳଦୀ ଦେବାସହ ଫାର୍ମର ସେଆର୍ ୬,୩୯୨ ରହିଥିବାବେଳେ ଚାଷୀଙ୍କୁ ୧୧,୧୦୯ ଟଙ୍କା ସବ୍‌ସିଡି ଦେବାର ନିୟମ ରହିଛି।

ଚଳିତ ବର୍ଷ ମୋହନଗିରି, ମଦନପୁର, ଉର୍ଲାଦାନୀ, ମାଣିକେରା ଓ ମ.ରାମପୁର ପଞ୍ଚାୟତରେ ଚାଷୀଙ୍କୁ ହଳଦୀ ବିହନ ଯୋଗାଇ ଦିଆଯାଇଥିବା କୁହଯାଉଛି। ହେଲେ ସେଥିମଧ୍ୟରୁ କେତେ ପ୍ରତିଶତ ଅସଲି ଚାଷୀ ଓ କେତେ ପ୍ରତିଶତ ସମ୍ପୂର୍ଣ୍ଣ ନକଲି ଚାଷୀ ତାହା

**ମୁନାଫାଖୋର୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ସମ୍ପୂର୍ଣ୍ଣ ଭାବେ ତଦନ୍ତ ସାପେକ୍ଷ। ଉର୍ଲାଦାନୀ ପଞ୍ଚାୟତର ଜୁରାଖମନ ଗ୍ରାମର ଜଣେ ଚାଷୀ ଭିକାରୀ ମାଝୀ ଗତବର୍ଷ ଲଗାଇଥିବା ହଳଦୀ ଗଛ ପାଖରେ ଏଥର ହଳଦୀ ଚାଷ କରିଛନ୍ତି ଏବଂ ମାସେ ତଳେ ସମସ୍ତ କାଗଜପତ୍ର ସହିତ ଫଟୋ ଓ ଚାଷୀ ଅଂଶଧନ ଦେଇ ସବ୍‌ସିଡି ଟଙ୍କାକୁ ଅପେକ୍ଷା କରିଛନ୍ତି। କାରଣ ବର୍ତ୍ତମାନ ସମୟରେ ଚାଷୀଟିଏ ନିଜର ସମସ୍ତ ଟଙ୍କା ଚାଷରେ ବିନିଯୋଗ କରୁଛି, ଏହି ସମୟରେ ସବ୍‌ସିଡି ମିଳିଲେ କିଛି କାମରେ ଆସିପାରିବ ବୋଲି ସେ କହିଛନ୍ତି। ଓଭରସିଅର୍‌ଙ୍କ କହିବା ମୁତାବକ ୧୦ରୁ ୧୨ ବ୍ୟାଗ୍ ହଳଦୀ ବଳକା ଥିଲା ଯାହାକୁ ଫାର୍ମରେ ଚାଷ କରାଯାଇଛି। ସେହି ବିହନକୁ ନେଇ ଯେଉଁ ଚାଷୀଙ୍କ ନାମରେ କାଗଜପତ୍ର ପ୍ରସ୍ତୁତ ହୋଇଛି ସେମାନେ କେତେ ଅସଲି ଚାଷୀ ତାହା ସହଜରେ ଅନୁମାନ କରାଯାଇପାରେ। ଚଳିତ ବର୍ଷ ୪୩ ଜଣ ହିତାଧିକାରୀଙ୍କଠାରୁ କାଗଜପତ୍ର ସହିତ ଚାଷୀ ଅଂଶଧନ ଆଦାୟ କରାଯାଇ ସାରିଛି ଯାହାର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଉକ୍ତ ଟଙ୍କା ଚାଷୀଙ୍କ ପାଖରୁ ଆଣି ଜିଲ୍ଲା ଉଦ୍ୟାନ ବିଭାଗରେ ଜମା କରିବାର ନିୟମ ରହିଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ ଟଙ୍କାଟିଏ ମଧ ଜମା ଦିଆନଯାଇ କୃଷି ଓଭରସିଅର୍ କେମିତି ନିଜ ପାଖରେ ରଖିଛନ୍ତି ତାହା ତଦନ୍ତ ସାପେକ୍ଷ।

କେବଳ ସେତିକି ନୁହେଁ, ମାସେ ତଳେ ସମସ୍ତ ଚାଷୀଙ୍କ ପାଖରୁ ହଳଦୀ ଚାଷର ସଫଳ ରୂପାୟନ ପାଇଁ ଆବଶ୍ୟକ ଫଟୋ ଓ କାଗଜପତ୍ର (ଆଧାରକାର୍ଡ, ବ୍ୟାଙ୍କ ପାଶ୍ ବହି) ଆଦି ଅଣାଯାଇ ସାରିଛି ଏହା ତୁରନ୍ତ ଜିଲ୍ଲା କାର୍ଯ୍ୟାଳୟରେ ଜମାଦେଲେ ଚାଷୀମାନେ ସବ୍‌ସିଡି ଟଙ୍କା ପାଇବାରେ ସହାୟକ ହେବ। କିନ୍ତୁ ଉକ୍ତ ରିପୋର୍ଟ କାଗଜ କଲମରେ ପ୍ରସ୍ତୁତ ହୋଇସାରିଥିଲେ ମଧ ଏଯାବତ୍ ତାହା ଜିଲ୍ଲାକୁ ପଠାଯାଇ ନାହିଁ। ହୁଏତ ଏହି ଖବର ପ୍ରକାଶ ପାଇବା ପରେ ଚାଷୀ ତାଲିକାରେ ପରିବର୍ତ୍ତନ ହୋଇପାରେ। କିନ୍ତୁ ପରେ ମଧ ଚାଷୀ ତାଲିକା ସୂଚନା ଅଧିକାର ଆଇନ୍ ବଳରେ ଅଣାଯାଇ ତା'ର ସତ୍ୟତାକୁ ଯାଞ୍ଚ କରାଯାଇପାରିବ ବୋଲି ଚାଷୀମାନେ କହିଛନ୍ତି। ଏତେ ସବୁ ଅନିୟମିତତା ପରେ ବି କର୍ମଚାରୀମାନେ ବେଫିକର୍ ରହିବା ସହିତ ଚୋର ମୁହଁ ଟାଣ ନ୍ୟାୟରେ ନିଜକୁ ସଚ୍ଚୋଟ ବୋଲି କହି ବୁଲୁଛନ୍ତି। ରାଜ୍ୟ ସରକାର ଅଯୋଗ୍ୟ କର୍ମଚାରୀଙ୍କ ପ୍ରତି ଉଚିତ୍ କାର୍ଯ୍ୟାନୁଷ୍ଠାନ କଥା କହୁଥିବାବେଳେ ଏପରି କର୍ମଚାରୀଙ୍କ ପ୍ରତି କେବେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏନେଇ କୃଷି ଓଭରସିଅର୍ ନରେଶ ତାଣ୍ଡିଙ୍କୁ ପଚାରିବାରୁ ଆମେ ଉପଯୁକ୍ତ ଚାଷୀଙ୍କୁ ହଳଦୀ ଦେଇଛୁ। ହଳଦୀ କେଉଁଠି ବି ନଷ୍ଟ କରିନାହୁଁ। ପ୍ରାୟ ୧୦ରୁ ୧୨ ବ୍ୟାଗ୍ ହଳଦୀ ରହିଯାଇଥିଲା ତାହାକୁ ଆମ ଫାର୍ମରେ ଲଗେଇଛୁ ଏବଂ ଫାର୍ମର ସେୟାର୍ ମୋ ପାଖରେ ଅଛି। ଏହି ଚାଷ ଅମଳ ପୂର୍ବରୁ ଆମେ ଚାଷୀଙ୍କୁ ସବ୍‌ସିଡି ପ୍ରଦାନ କରିବୁ ବୋଲି କହିଥିଲେ।



# 'ସ୍ୱଚ୍ଛ ପରିବେଶ, ସ୍ଥାୟିତ୍ୱ ଓ ପ୍ରଯୁକ୍ତିବିଦ୍ୟା ଉପଯୋଗ ଶିଳ୍ପକୁ ସମୃଦ୍ଧ କରିବ'

**ରାଉରକେଲା,୧୨।୯/ଏନ୍‌ଏନ୍‌ଏସ୍‌:** ନବୀକୃତ ଶକ୍ତି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପରିବେଶ, ସ୍ଥାୟିତ୍ୱ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ 'ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ରେ କ୍ଲିନ୍ ଏନର୍ଜି ଆକ୍ସେସ୍ ପାଇଁ ଡିମାଣ୍ଡ ଏଗ୍ରିଗେସନ୍' ଶୀର୍ଷକ ଉପରେ ଏକ କାର୍ଯ୍ୟକ୍ରମ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଆୟୋଜନ କରାଯାଇଥିଲା। ଗ୍ରୀଡ୍‌କୋର୍ ମୁଖ୍ୟ ସରକାରୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲାର ବିଭିନ୍ନ ଶିଳ୍ପ ସଂସ୍ଥା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରୀଡ୍‌କୋ ନବୀକରଣ ଶକ୍ତି ନଡାଲ୍ ଏଜେନ୍ସିର ସହାୟତାରେ ଚାହିଦା ଏକତ୍ରୀକରଣ ଓ ପାଇଲଟ୍ ସ୍କେଲ୍ କାର୍ଯ୍ୟାନ୍ୱୟନ ପାଇଁ ସହଯୋଗକୁ ଉତ୍ସାହିତ କରିବା ଉପରେ ଶିଳ୍ପ ଇଷ୍ଟେଟ୍ ସଦସ୍ୟ ଓ ଏମ୍‌ଏସ୍‌ଏମ୍‌ଇ ଉପରେ ସଚେତନତା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ନବୀକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯିବା ସହ ଏହାକୁ ଗ୍ରହଣ କରିବା କ୍ଷେତ୍ରର ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଲୋଚନା ଓ ପର୍ଯ୍ୟାଲୋଚନା ଦ୍ୱାରା ଅର୍ଥନୀତିରେ ଅଭିବୃଦ୍ଧି, କ୍ରୟ ଖର୍ଚ୍ଚ ହ୍ରାସ, ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଓ ସ୍ଥାୟୀ କମ୍ କାର୍ବନ୍‌ରେ ଶିଳ୍ପର ଅଭିବୃଦ୍ଧିରେ ପରିବର୍ତ୍ତନକୁ ସହଜ କରିବା ଉପରେ ଯତ୍ନବାନ ହେବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ରାଉରକେଲା ଚାମ୍ବର୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ଆଲୋକ ଏମ୍ ଲୋସାଲକା ଏହା ଉପରେ ଆଲୋକପାତ କରି ସହଯୋଗମୂଳକ ପ୍ରୟାସ ଶିଳ୍ପ ଗୁଡ଼ିକୁ ସୁଲଭ ଓ ନିର୍ଭରଯୋଗ୍ୟ ସ୍ୱଚ୍ଛ ଶକ୍ତି ପ୍ରଦାନରେ ସହାୟକ ହେବାସହ ଏହାର ସ୍ଥାୟିତ୍ୱ ତଥା ଲକ୍ଷ୍ୟ ପୂରଣରେ ପ୍ରତିଦ୍ୱନ୍ଦିତାକୁ ଉତ୍ସାହିତ କରିବ। ଏହି ବୈଠକରେ ଆର୍‌ସିସିଆଇର ଉପସଭାପତି ବିଶ୍ୱନାଥ ଦେ କହିଲେ ଯେ ଏପରି ଏକ ଅନ୍ତର୍ଦୃଷ୍ଟିସମ୍ପନ୍ନ ତଥା ମୂଲ୍ୟବାନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ବାସ୍ତବରେ ପ୍ରଶଂସନୀୟ। ସାଧାରଣ ସମ୍ପାଦକ ଶୁଭମ୍ କପୁର୍ କହିଲେ ଯେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଏହା ଅଧିକ ସମୃଦ୍ଧଶାଳୀ ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ତଥା ସମ୍ମାନିତ ଅତିଥିଙ୍କ ସମେତ ଅନ୍ୟୁନ ୪୦ ବ୍ୟବସାୟିକ ନେତୃତ୍ୱ ଅଂଶଗ୍ରହଣ କରିଥିଲେ।



ଗଣପତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୃହ ଉଦ୍‌ଘାଟିତ

# 'ଏକତା, ଶୃଙ୍ଖଳା ଓ ଶିକ୍ଷା ଦ୍ୱାରା ବିକାଶ ସମ୍ଭବ'

**ବଲାଙ୍ଗୀର,୧୨।୯/ଏନ୍‌ଏନ୍‌ଏସ୍‌:** ଅଞ୍ଚଳର ଲୋକଙ୍କ ଭିତର ଏକତା ଓ ଶୃଙ୍ଖଳା ରହିବା ଦ୍ୱାରା ଭାଇଚାରା ପ୍ରତିଷ୍ଠା ହୋଇପାରିବ। ଏହାସହ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କଲେ ନିଜର ତଥା ନିଜ ଅଞ୍ଚଳର ସାମଗ୍ରିକ ବିକାଶ ସମ୍ଭବ ହେବ ବୋଲି ଶିକାଛିଡ଼ା ପଞ୍ଚାୟତରେ ଗଣପତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କୋଠା ଉଦ୍‌ଘାଟନ ଅବସରରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏ ଅଞ୍ଚଳର ଛୋଟ ଛୋଟ ଛୁଆଙ୍କ ବିଦ୍ୟା ଅଧ୍ୟୟନ ପ୍ରତି ଧ୍ୟାନ ଦିଅନ୍ତୁ। ସ୍କୁଲ୍ ଓ କଲେଜର ଅଭାବ ଯେପରି ପୂରଣ ହୋଇପାରିବ ସେ ଦିଗରେ ଏକତ୍ରିତ ହୋଇ କାମ କରନ୍ତୁ କାରଣ ଆପଣମାନେ ବିଭାଜିତ ହେଲେ ଅଞ୍ଚଳର ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହେବ ବୋଲି ଶ୍ରୀ ମିଶ୍ର କହିଥିଲେ। ଉକ୍ତ ଅଞ୍ଚଳରେ ଧାନକିଣା କେନ୍ଦ୍ର ନଥିବାରୁ ଏଠାରୁ ବହୁ ଦୂରରେ ଥିବା ଖୁଜେନପାଲି ଧାନକିଣା କେନ୍ଦ୍ରକୁ ବିକ୍ରି ପାଇଁ ଯାଉଥିବା ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହାର ସମାଧାନ ପାଇଁ ଏଠାରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କିଣିବା ଲାଗି ସମବାୟ ବିଭାଗକୁ ଅର୍ଜି ଲେଖୁ ସେ ଦିଗରେ ସେ ନିଶ୍ଚିତ ଭାବେ ସହଯୋଗ କରିବେ ବୋଲି ଶ୍ରୀ ମିଶ୍ର ଉପସ୍ଥିତ ମହିଳାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ସେଠାରେ ଥିବା ବିଜୁଳି ଓ ପାଣି ଏସବୁ ଉପରେ ମଧ ଆଲୋଚନା ହୋଇଥିଲା। ଆଗାମୀ ୧୫ ତାରିଖ ଗଣପତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ହେବାକୁ ଥିବା ନୂଆଁଖାଇ ଭେଟଘାଟ୍ ପାଇଁ ଆଲୋଚନା ହେବାସହ ଅନୁଷ୍ଠାନର ଏକ ଲୋଗୋକୁ ମୁଖ୍ୟଅତିଥି ଶ୍ରୀ ମିଶ୍ର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଆଦିକନ୍ଦ ବଗର୍ତ୍ତି, ସମ୍ପାଦକ ରମାକାନ୍ତ ନାଏକ, ଅଟଳ ବିଶି, ପ୍ରଦୀପ ଦେହେରି, ରିଙ୍କୁ ରାଉତ, ସନ୍ତୋଷ ଦେହେରି, ରଞ୍ଜିତ କରନ, ମନୋଜ ବିଶ୍ୱାଳ, ସୁବଳ ମେହେର, ଗୁପ୍ତେଶ୍ୱର ପାତ୍ର, ପରମେ ବଗର୍ତ୍ତି, ରାଜ କୁମାର ଭାଟି, ସାମାଜିକ କର୍ମୀ ସନ୍ଦୀପ ବାଗ ଓ ବିନୋଦ କାଲସାଏ ପ୍ରମୁଖ ପରିଚାଳନା କରିଥିଲେ।



# କୋରାପୁଟରେ ଯଶୋଦା ଯୋଜନା ଆରମ୍ଭ

**ଜୟପୁର,୧୨।୯/ଏନ୍‌ଏନ୍‌ଏସ୍‌:** ମାତୃପିତୃ ହୀନ, ଏକକ ଅଭିଭାବକ ଓ ଅବହେଳିତ ଶିଶୁଙ୍କ ଥଇଥାନ ନିମନ୍ତେ ଓଡ଼ିଶା ସରକାରଙ୍କ ଯଶୋଦା ଯୋଜନା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଦ୍ୱାରା କୋରାପୁଟରେ ଆରମ୍ଭ ହୋଇଛି। ଏହି ଯୋଜନାରେ ଶିକ୍ଷା ଏବଂ ସୁକନ୍ୟା ସମୃଦ୍ଧି ଯୋଜନାରେ କିପରି ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ସଂଯୁକ୍ତ କରିହେବ ଜିଲ୍ଲାପାଳ ତାର ଏକ କାର୍ଯ୍ୟସୂଚୀ ମାର୍ଗଦର୍ଶିକା ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଜ୍ୟୋସ୍ନା ପାଢ଼ୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୁରକ୍ଷା ଅଧିକାରୀ ବାଳକୃଷ୍ଣ ମଲ୍ଲିକ ଯଶୋଦା ଯୋଜନାର ବିଭିନ୍ନ ପର୍ଯ୍ୟାୟକୁ ସମସ୍ତ ଜିଲ୍ଲା ଅଧିକାରୀ ଏବଂ ସିଡିପିଓଙ୍କୁ ସଂକ୍ଷେପରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସୁବ୍ରତ ସାହୁ ଡେପୁଟି କଲେକ୍ଟର, ଡ଼ଃ ଦେବଦତ୍ତ ମଲ୍ଲିକ ଡେପୁଟି ଡିରେକ୍ଟର ପ୍ଲାନିଂ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତି, ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବଏଲ୍ ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି



**ପାଟଣାଗଡ଼,୧୨।୯/ଏନ୍‌ଏନ୍‌ଏସ୍‌:** ପାଟଣାଗଡ଼ର ପ୍ରସିଦ୍ଧ ଐତିହାସିକ ବଏଲ୍ ଯାତ୍ରା ପାଇଁ ପାଟଣାଗଡ଼ ଦେବୋତ୍ତର ତଥା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ସୁନୀଲ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ମହାରାଜ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ମାଁ ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କ ବଏଲ୍ ଯାତ୍ରା କିପରି ସୁରୁଖୁରୁରେ ହେବ ସେନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହରର ଦେବୋତ୍ତର କମିଟିର ସଦସ୍ୟ ବିସମ୍ବର ପାଣିଗ୍ରାହୀ, ବିଜୟ ପାଣିଗ୍ରାହୀ, ସଦାଶିବ ସରାଫ, ଦିନବନ୍ଧୁ ପାଣିଗ୍ରାହୀ, ଦିନ ଠାକୁର, ରାଧେ ଦରୁଆଁନ, ସନ୍ତୋଷ ମେହେର, ରାଜେଶ ପୁରୋହିତ, ଓମ୍ ପ୍ରକାଶ ଯୋଶୀ, ଲକ୍ଷ୍ମୀକାନ୍ତ ମିଶ୍ର, ରମା ହୋତା, ମୋତି ଚନ୍ଦ୍ର ବୁଢ଼େକ, ଅଭୟ ତ୍ରିପାଠୀ, ରୋହିତ ମେହେର, ନବୀନ ମେହେର, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ପାଟଣାଗଡ଼ ବିଡିଓ ସୁମନ କୁମାର ମିଞ୍ଜ, ପାଟଣାଗଡ଼ ପୁଲିସ ମଣ୍ଡଳ ଅଧିକାରୀ ସଦାନନ୍ଦ ପୂଜାରୀ, ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ, ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଦେବଦତ୍ତ ମହାପାତ୍ର, ସହକାରୀ ଉପଜିଲ୍ଲାପାଳ ପଦ୍ମନାଭ ମାହାନା ଓ ପାଟଣାଗଡ଼ ଏନ୍‌ଏସି ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୪ ତାରିଖରେ ମୂଳାଷ୍ଟମୀ ଦିନରୁ ମା' ପାଟଣେଶ୍ୱରୀଙ୍କ ପାଟ ଖଣ୍ଡା ଧୁଆଯାଇ ସେହିଦିନଠାରୁ ମା'ଙ୍କ ଷୋହଳ ପୂଜା ଆରମ୍ଭ ହୋଇ ଆସନ୍ତା ୨୧ ତାରିଖ ମହାଳୟାରେ ମା' ପାଟନେଶ୍ୱରୀଙ୍କ ଝର୍ ବଏଲ୍ ଯାତ୍ରା ହେବ। ତା' ପରଦିନ ମା' ସମଲେଶ୍ୱରୀଙ୍କ ଝର୍ ବଏଲ୍ ଯାତ୍ରା ହେବ। ଆସନ୍ତା ୩୦ ତାରିଖ ମହାନବମୀରେ ଐତିହାସିକ ବଏଲ୍ ଯାତ୍ରା ଅନୁଷ୍ଠିତ ହେବ ବୋଲି ଦେବୋତ୍ତର ଅଧିକାରୀ ସୁନିଲ କୁମାର ମେହେର କହିଛନ୍ତି। ଏହି ବଏଲ୍ ଯାତ୍ରାରେ ମା'ଙ୍କ ହଜାରେ ବର୍ଷର ପରମ୍ପରାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଥିବାରୁ ତାକୁ ହଟାଯାଇ ଅନ୍ୟଜଣଙ୍କୁ ଦାୟିତ୍ୱ ଦେବା ପ୍ରସ୍ତାବକୁ ମଞ୍ଜୁର କରିବାକୁ ଗ୍ରହଣ କରାଯାଇଥିଲା। ଏହି ବଏଲ୍ ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ଦୃଷ୍ଟିରୁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ପାଟଣାଗଡ଼ ପୁଲିସ ମଣ୍ଡଳ ଅଧିକାରୀ ସଦାନନ୍ଦ ପୂଜାରୀ କହିଛନ୍ତି। ଏହି ବୈଠକରେ ମା'ଙ୍କ ସମସ୍ତ ପୂଜାରୀ ସହ ସେବକ ଯୋଗ ଦେଇଥିଲେ। ଦେବୋତ୍ତର ସଦସ୍ୟ ରାଜେଶ୍ କୁମାର ପୁରୋହିତ ପାଟଣାଗଡ଼ ସହକାରୀ ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ପି ଦ୍ୱାରା ଆଦର୍ଶ ସାହିତ୍ୟ ଘର ଓ ଭଞ୍ଜ ଭବନ ଦଖଲ

**ରାଉରକେଲା,୧୨।୯/ଏନ୍‌ଏନ୍‌ଏସ୍‌:** ସେକ୍ଟର୍-୫ସ୍ଥିତ ଭଞ୍ଜ ଭବନ ଏବଂ ଏହା ପରିସରରେ ଥିବା ଆଦର୍ଶ ସାହିତ୍ୟ ଘରକୁ ରାଉରକେଲା ଇସ୍ପାତ୍ କାରଖାନା ପକ୍ଷରୁ ଦଖଲ କରାଯାଇଛି। ଏହା ଭଞ୍ଜ ସଂସ୍କୃତିର ପ୍ରଚାର ପ୍ରସାର ତଥା ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ବେଳେ ଏଠାରେ କେବଳ ଓଡ଼ିଆ ଅସ୍ମିତା ଓ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏସବୁ ଏଠାରେ କରାଯାଉ ନଥିବାରୁ ଆର୍‌ଏସ୍‌ପିର ମହତ୍ୱାକାଂକ୍ଷା ପୂରଣରେ ବାଧା ସୃଷ୍ଟି ହୋଇଥିଲା। ଅନ୍ୟପଟେ ଏହାର ଲିଜ୍ ଅବଧି ୨୦୦୪ରୁ ସମ୍ପୂର୍ଣ୍ଣ ହୋଇଥିଲା। ଲିଜ୍‌ଧାରୀ ଲିଜ୍‌ର ନବୀକରଣ ନ କରିବା ଦ୍ୱାରା ଦୀର୍ଘଦିନ ଧରି ଏହାର ପ୍ରାୟ ୧.୫ କୋଟି ଟଙ୍କା ବକେୟା ରାଶି ଥିଲା। ଏନେଇ ଲିଜ୍‌ଧାରୀ ଅଦାଲତଙ୍କ ଆଶ୍ରୟ ନେଇଥିଲେ। କିନ୍ତୁ ଯେହେତୁ ଲିଜ୍ ଅବଧି ସମ୍ପୂର୍ଣ୍ଣ ହୋଇସାରିଥିଲା ସେ ଦୃଷ୍ଟିରୁ ଏହା ଉପରେ କୌଣସି ନିଷ୍ପତ୍ତି କେବଳ ଆର୍‌ଏସ୍‌ପି ନେଇପାରିବ ବୋଲି କହିଥିଲେ। ଇତ୍ୟବସରରେ ଲିଜ୍‌ଧାରୀଙ୍କୁ ଦୀର୍ଘଦିନ ବିତିଯାଇଥିଲେ ମଧ ଏହାର କୌଣସି ସମାଧାନ ହୋଇପାରି ନଥିଲା। ଆର୍‌ଏସ୍‌ପି ପକ୍ଷରୁ ଏହାକୁ ଖାଲି କରିବାକୁ ବାରମ୍ବାର କୁହାଯାଉଥିଲେ ମଧ ଲିଜ୍‌ଧାରୀ ଏହାକୁ ଆଦୌ କର୍ଣ୍ଣପାତ କରୁନଥିଲେ। ତେଣୁ ବାଧହୋଇ ରାଉରକେଲା ଇସ୍ପାତ୍ କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ପୁଲିସ୍ ସହଯୋଗରେ ଏହାକୁ ନିଜ ଅକ୍ତିଆରକୁ ନେଇଛି। ଏନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ମତପ୍ରକାଶ ପାଇଥିବା ବେଳେ ସହରର ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ତେବେ ଆର୍‌ଏସ୍‌ପି ଏହାକୁ ଅକ୍ତିଆରକୁ ନେବା ପରେ ଏହାର ନବୀକରଣ କରି କେବଳ ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଭାବେ ଗଢ଼ି ତୋଳାଯିବ ବୋଲି କାରଖାନାର ଲୋକସମ୍ପର୍କ ଅଧିକାରୀ ଅର୍ଚ୍ଚନା ଶତପଥୀ ସୂଚନା ଦେଇଛନ୍ତି। ତେବେ ଘଟଣାସ୍ଥଳରେ ଦିଲ୍ଲୀପ ପଟ୍ଟନାୟକ ନାମକ ଜନୈକ ବ୍ୟକ୍ତି ପହଞ୍ଚି ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ପ୍ରତିନିଧିର ପରିଚୟ ଦେଇ ସମସ୍ତଙ୍କ ଉପସ୍ଥିତିରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ, ପୁଲିସ ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗାଳିଗୁଲଜ କରିବା ସହ ଅତ୍ୟନ୍ତ ଅଶାଳୀନ ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ଗଣମାଧ୍ୟମ ପ୍ରତିନିଧି ତୀବ୍ର ନିନ୍ଦା କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସେକ୍ଟର୍-୭ ଥାନାରେ ଏକ ମାମଲା ଦାୟର କରାଯାଇଛି। ଏଥିସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ ଗଣମାଧ୍ୟମ ପ୍ରତିନିଧିମାନେ ଦାବି କରିଛନ୍ତି।



# ସହିଦ୍ ଯବାନଙ୍କ ପରିବାରକୁ ଭେଟିଲେ ସାଂସଦ



**ଢେଙ୍କାନାଳ,୧୨ା୯/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ଗ୍ରାମରେ ଗଣେଶ୍ୱର ସାହୁଙ୍କ ପୁଅ ବୀର ଯବାନ ହାବିଲଦାର ସୁଶାନ୍ତ କୁମାର ସାହୁ ସହିଦ୍ ହୋଇଛନ୍ତି । ଏହି ଦୁଃଖଦ ଖବରପାଇ ସାଂସଦ ରୁଦ୍ର ନାରାୟଣ ପାଣି ଗଭୀର ଶୋକ ପ୍ରକାଶ କରିଛନ୍ତି । ବାଙ୍ଗୁରସିଂହ ସ୍ଥିତ ସହିଦଙ୍କ ନିବାସରେ ପହଞ୍ଚି ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ସହିଦଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରିଛନ୍ତି । ଏହି ଦୁଃଖଦ ସମୟରେ ମହାପ୍ରଭୁ ଜଗନ୍ନାଥ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ସହୀଦ ଯବାନ ଆସାମ ଗୌହାଟୀରେ କାର୍ଯ୍ୟରତ ଅବସ୍ଥାରେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେ ଚିକିତ୍ସିତ ଅବସ୍ଥାରେ ସେ ସହିଦ ହୋଇଥିଲେ । ତାଙ୍କର ମରଶରୀର ବିମାନ ଯୋଗେ ତାଙ୍କ ଜନ୍ମଭୂମି ବାଙ୍ଗୁରସିଂହ ଗ୍ରାମରେ ପହଞ୍ଚିଥିଲା । ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ଏବଂ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହିଦଙ୍କ ମରଶରୀରକୁ ଅନ୍ତିମ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସହୀଦଙ୍କ ଅକାଳ ବିୟୋଗରେ ବାଙ୍ଗୁରସିଂହ ଗ୍ରାମ ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବିଦ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ

**ନିଯୁକ୍ତି ପ୍ରସଙ୍ଗ**



**ମାର୍ଶାଘାଇ,୧୨ା୯/ଏନ୍‌ଏନ୍‌ଏସ୍:** ନିଯୁକ୍ତି ପ୍ରସଙ୍ଗକୁ ନେଇ ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଅରୁଣ କୁମାର ରଥ ନାମକ ଜୈନିକ କର୍ମଚାରୀ ଆଜି ଆତ୍ମାହୁତି ଦେବାପାଇଁ ପ୍ରସ୍ତୁତି ହେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ପ୍ରଶାସନ ତାହାକୁ ପଣ୍ଡ କରିଛି । ଶ୍ରୀ ରଥ ପୂର୍ବରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲ୍ଲା ପ୍ରଶାସନଙ୍କୁ ଚଳିତ ମାସ ୧୦ ତାରିଖ ମଧ୍ୟରେ ଯଦି ତାଙ୍କ ଦାବି ପୂରଣ କରାନଯାଏ ସେ ୧୨ ତାରିଖ ଦିନ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ । ଆଜି ଦିନ ପ୍ରାୟ ଗୋଟିଏ ସମୟରେ ଶ୍ରୀ ରଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ହାତରେ ଏକ ବୋତଲରେ ପେଟ୍ରୋଲ ଆଣି ପହଞ୍ଚିଥିଲେ । ମାତ୍ର ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଡ଼ା, ମାର୍ଶାଘାଇ ଥାନା ଆଇଆଇସି ତପନ ନାୟକ, ଅଗ୍ନିଶମ ବାହିନୀ ଡାକ୍ତରୀ ଦଳ ତାଙ୍କୁ ସେଥିରୁ ନିବୃତ୍ତ କରି ବୁଝାସୁଝା କରିଥିଲେ । ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ତହସିଲଦାର ତାଙ୍କୁ କହିଥିଲେ । ଶ୍ରୀ ରଥଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆରମ୍ଭ ଦିନରୁ ସେ ସେଠାରେ ଜୁନିୟର କ୍ଲର୍କ ଭାବେ କାମ କରୁଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚକ୍ରାନ୍ତ କରି ଅନ୍ୟ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ଜାଗଜପତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଠାଯାଇ ନାହିଁ । ଆଉକୁ ଠିକ ଏକବର୍ଷ ପୂର୍ବେ ସମାନ ଅଭିଯୋଗ ନେଇ ସେ ଆମରଣ ଅନଶନରେ ବସିଥିଲେ । ସେତେବେଳେ ତାଙ୍କୁ ବୁଝାସୁଝା କରି ଅନଶନ ପ୍ରତ୍ୟାହୃତ କରାଯାଇଥିଲା । ଇତି ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳି ନ ଥିବା ଯୋଗୁ ସେ ଆତ୍ମାହୁତି ଦେବାପାଇଁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି ।

# ସହର ସମସ୍ୟା ସମ୍ପର୍କରେ କର୍ମୀଙ୍କ ସହ ସାଂସଦଙ୍କ ଆଲୋଚନା



**ଢେଙ୍କାନାଳ,୧୨ା୯/ଏନ୍‌ଏନ୍‌ଏସ୍:** ସାଂସଦ ରୁଦ୍ରନାରାୟଣ ପାଣି ଦିଲ୍ଲୀ ଏମ୍ସରୁ ଚିକିତ୍ସା ହୋଇ ଢେଙ୍କାନାଳ ଫେରିବା ପରେ ଆଜି ଏକ ଦିନିଆ ଗସ୍ତରେ ଆସି ଢେଙ୍କାନାଳ ହନୁମାନ ବାଟିକା ଠାରେ ସହରର ସମସ୍ୟା ସମ୍ପର୍କରେ ବିଭିନ୍ନ କର୍ମୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ସହରକୁ ବିକଶିତ କରି ଗଢିତୋଳିବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ପାଣି ଢେଙ୍କାନାଳର ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ନରେଶ ମହାପାତ୍ର, ରମେଶ ସାମଲ, ସନାତନ ବେହେରା, ରୁଦ୍ରନାରାୟଣ ତ୍ରିପାଠୀ, ମାଦୁଦ୍ରସାଦ ନନ୍ଦ, ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ, କାଉନସିଲର ନିରୋଦ କୁମାର ସାହୁ, ଅଭୟ କୁମାର ଲେଙ୍କାଙ୍କ ଭଳି ଅନେକ ବହୁ ବୁଦ୍ଧିଜୀବୀଙ୍କ ଗହଣରେ ଚା ପେ ଚର୍ଚ୍ଚାରେ ଏହି ଆଲୋଚନା କରିଥିଲେ ।

# କୋଇଲା ଖଣିରୁ ଯନ୍ତ୍ରାଂଶ ଚୋରି, ୪ ଗିରଫ

**ତାଳଚେର,୧୨ା୯/ଏନ୍‌ଏନ୍‌ଏସ୍:** ତାଳଚେର ଥାନା ଅନ୍ତର୍ଗତ ଲିଙ୍ଗରାଜ କୋଇଲା ଖଣି ପରିଶ୍ରାଗାରରୁ ବହୁମୂଲ୍ୟବାନ୍ ଯନ୍ତ୍ରାଂଶ ଚୋରି କରିବା ଅଭିଯୋଗରେ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ପୁଲିସ ଗିରଫ କରିଛି । ଏହି ଅଭିଯୁକ୍ତମାନେ ହେଲେ ରାଜେଶ ସାହୁ (୩୪) ଓ୍ୱାର୍ଡ ନଂ- ୧୨ ରେମୁଁଆ, ସୁମନ୍ତ ସାମଲ (୩୪) ଓ ତୋଫାନ ଓରଫ ସୁନିଲ ବରାହ (୨୮) ବାସୁଆବୋଲି ଏମଡ଼ି ଅଫଜଲ (୪୭)ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଲିଙ୍ଗରାଜ ପରୀକ୍ଷାଗାର ବାୟିତ୍ୱରେ ଥିବା ମାଙ୍ଗିରାମ ଚୌଧୁରୀ ୧୦ଟି କୁଲର ମଟର, ଗୋଟିଏ ପଲଭାଇଜର, ଗୋଟିଏ ମଟର, କୁଲରମଟର ସେଟ୍, କୁଲର ମାଉଥ କଭର, ଗୋଟିଏ ୟୁପିଏସ୍, ଦୁଇଟି ପିଭେ ଚୋରି ହୋଇଥିବା ଜାଣିବାପରେ ସେ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ଘଟଣାର ତଦନ୍ତକରି ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରିଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି ।


O-766

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail - sencrwangul@yahoo.co.in ☎ 06764 - 236404

No.2669 Dt.11.09.2025

**2nd Corrigendum to Bid Identification No. Building Online-AGL-11/2025-26**

Due to some technical error in website of wamis, the last date of Online for bidding and opening of the date has been modified as follows in respect of tender for the work "Construction of 02 Nos. Twin 'F' type Staff Quarters of R.W. Division Boudh for the year 2024-25" invited vide Tender Call Notice Bid Identification No. Building Online-AGL- 11/2025-26 by the Procurement officer Chief Construction Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening |
|---|---|---|
| From | To | Technical Bid |
| 26.08.2025 at 10.00 A.M | 20.09.2025 upto 5.00 PM | 22.09.2025 at 09.00 AM |

All other terms and conditions remain unchanged. Sd/- Chief Construction Engineer, Rural Works Circle, Angul

OIPR-25180/11/0071/2526


# ବ୍ରାଉନ୍‌ସୁଗର୍ ଜବତ, ବ୍ୟବସାୟୀ ଗିରଫ



**ଜଗତସିଂହପୁର,୧୨ା୯/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ସଦର ପୁଲିସ, ନିକଟସ୍ଥ ଓଡିଶ ହାଟ ଛକ ଠାରେ ଅଚାନକ ଚଢଉ କରି ୩୬.୭୦ ଗ୍ରାମ ଓଜନର ବ୍ରାଉନ୍‌ସୁଗର୍ ଜବତ କରିବା ସହିତ ଜଟିଆ ନାମକ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି । ଜବତ ହୋଇଥିବା ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୪ଲକ୍ଷ ହେବ ବୋଲି ଶୁକ୍ରବାର ଅପରାହ୍ନରେ ସଦର ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି । ଏଥି ସହିତ ଗିରଫ ବ୍ୟବସାୟୀ ଜଣଙ୍କ ଓଡିଶା ପଞ୍ଚାୟତ ଅଭିବାନନ୍ଦପୁର ଗ୍ରାମର କ୍ରୁଜନୀ ପ୍ରଧାନଙ୍କ ପୁଅ ଜଟିଆ ଓରଫ ଦେବିପ୍ରସାଦ ପ୍ରଧାନ(୪୬) । ସେ ଏହା ପୂର୍ବରୁ ୩ଟି ଅବକାରୀ ଓ ଏକ ଆର୍ମସ ଆକ୍ଟ ମୋଟ ୪ଟି ମାମଲାରେ ଜଡିତ ଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ପ୍ରଦାନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅତ୍ୟାମାନଙ୍କ ମଧ୍ୟରେ ଜଗତସିଂହପୁର ଏସ୍‌ଡିପିଓ ଆଭିଜ୍ୟ ବି ମାନେ ଓ ସଦର ଥାନା ଆଇଆଇସି ସରୋଜକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ, ଅପରେସନ ପ୍ରହାରରେ ଜଗତସିଂହପୁର ଏସ୍‌ଡିପିଓ ଶ୍ରୀ ମାନେଙ୍କ ନିର୍ଦ୍ଦେଶରେ ସଦର ଆଇଆଇସି ଶ୍ରୀ ସାମଲଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ମିତ୍ରଭାନୁ ଓଝା ଓ ସ୍ୱତନ୍ତ୍ର ପୁଲିସ ଟିମ୍ ଶୁକ୍ରବାର ପୂର୍ବାହ୍ନ ସମୟରେ ଓଡିଶା ହାଟ ଛକରେ ବ୍ରାଉନ୍‌ସୁଗର୍ ବ୍ୟବସାୟ ହେଉଥିବା କୌଣସି ପ୍ରକାର ସୂଚନା ପାଇ ଚଢଉ କରିଥିଲେ । ଚଢଉରେ ବ୍ରାଉନ୍‌ସୁଗର୍ ବ୍ୟବସାୟୀ ଜଟିଆକୁ ରଙ୍ଗେ ହାତରେ ଗିରଫ କରିବା ସହିତ ତା ଠାରୁ ୩୬.୭୦ଗ୍ରାମ ଓଜନର ବ୍ରାଉନ୍‌ସୁଗର୍ ଜବତ କରିଥିଲେ । ଏସ୍‌ଆଇ ଶ୍ରୀ ଓଝାଙ୍କ ଓଭିଯୋଗ ମୁତାବକ ପୁଲିସ ଜଟିଆ ବିରୋଧରେ ଦଫା ୧୧୧(୨)(ବି) ଏନ୍‌ଡିପିଏସ୍ ପିଡବ୍ଲ୍ୟୁଏସ୍୨୧(ବି)/୨୯(୧) ଏନ୍‌ଡିପିଏସ୍ ରେ ମାମଲା ନଂ. ୭୨୨/୨୦୨୫ ରୁଜୁ କରାଯାଇ ଅପରାହ୍ନରେ କୋର୍ଟଚାଲାଣ କରା ଯାଇଥିବା ଜଣାପଡ଼ିଛି ।


**HDFC BANK**
We understand your world

Registered Office: HDFC Bank House, Senapati Bapat Marg, Lower Parel (West), Mumbai - 400 013 and having one of its office as Retail Portfolio Management at HDFC Bank Ltd, 1st Floor, I-Think Techno Campus, Kanjurmarg (East),Mumbai – 400042.

**ଏଚଡିଏଫସି ବ୍ୟାଙ୍କ ଲିମିଟେଡ ନିକଟରେ ବନ୍ଧକ ଥିବା ସମ୍ପତ୍ତି (ପ୍ରତିବନ୍ଧ ସିକ୍ୟୁରିଟିଜ୍) ବିକ୍ରୟ ପାଇଁ ବିକ୍ରୟ ସୂଚନା ଏବଂ ସାର୍ବଜନୀନ ନୋଟିସ**

[illegible]

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣଗ୍ରହୀତାଙ୍କ ନାମ | ୧୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ମୋଟ ବକେୟା ରାଶି | ବିକ୍ରୟ ତାରିଖ |
|---|---|---|---|---|
| 1 | XXXXXXXXXX3892 | PRAVAT CHANDRA SAHOO | 7,02,149.56 | 11-09-2025 |
| 2 | XXXXXXXXXX2028 | MURARI PRASAD BEHERA | 2,11,513.71 | 11-09-2025 |
| 3 | XXXXXXXXXX8500 | RANJAN KUMAR MOHANTY | 2,89,689.82 | 11-09-2025 |
| 4 | XXXXXXXXXX5627 | JAYANARAYAN PADHEE | 1,26,055.13 | 11-09-2025 |
| 5 | XXXXXXXXXX2660 | SEKH IJAJUL KALAPAHAD | 69,582.81 | 11-09-2025 |
| 6 | XXXXXXXXXX7078 | PARESH CHANDRA GIRI | 8,29,569.45 | 11-09-2025 |
| 7 | XXXXXXXXXX4051 | PAWAN KUMAR VATTIPALLI | 8,89,529.81 | 11-09-2025 |
| 8 | XXXXXXXXXX7148 | MADHULITA SENAPATI | 1,92,047.95 | 11-09-2025 |
| 9 | XXXXXXXXXX8412 | CHAMBRU PALEYA | 2,40,507.01 | 11-09-2025 |
| 10 | XXXXXXXXXX5823 | DIBYASHREE NAYAK | 57,342.00 | 11-09-2025 |
| 11 | XXXXXXXXXX7029 | PRASANTA KUMAR PRADHAN | 4,30,961.11 | 11-09-2025 |
| 12 | XXXXXXXXXX1979 | BHOLANATH MAJHI | 63,876.31 | 11-09-2025 |
| 13 | XXXXXXXXXX6566 | SUMITA DAS | 4,27,774.59 | 11-09-2025 |
| 14 | XXXXXXXXXX5910 | SHUVASMITA PRATIHARI | 4,31,920.82 | 11-09-2025 |
| 15 | XXXXXXXXXX8020 | SRIKUMAR KHANDAI | 96,073.92 | 11-09-2025 |
| 16 | XXXXXXXXXX5780 | SANGEETA AGRAWAL | 77,326.00 | 11-09-2025 |
| 17 | XXXXXXXXXX2090 | GURNAM SINGH | 2,15,525.00 | 11-09-2025 |
| 18 | XXXXXXXXXX3291 | SANJIB SAHU | 4,08,874.82 | 11-09-2025 |
| 19 | XXXXXXXXXX6010 | MAHAMMAD GUFRAN KHAN | 10,06,529.82 | 11-09-2025 |
| 20 | XXXXXXXXXX7492 | ANURAG TRIPATHI | 1,33,189.82 | 11-09-2025 |
| 21 | XXXXXXXXXX0920 | PRASHANTA KU NAYAK | 73,476.82 | 11-09-2025 |
| 22 | XXXXXXXXXX4336 | ASISH KUMAR PUJARI | 38,350.00 | 11-09-2025 |

ତାରିଖ: ୧୩.୦୯.୨୦୨୫ ସ୍ଥାନ: ଓଡ଼ିଶା ସ୍ୱାକ୍ଷର/-ଏଚଡିଏଫସି ବ୍ୟାଙ୍କ ଲିମିଟେଡ



# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

V-22

**ଘୋଷଣା**

ନଥି ନଂ. IX(C) - 20/2025-253 ତା: 13.06.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ, ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା-ବଡବିଲ, ୟୁନିଟ ନଂ.୭**, ଥାନା-ବଡବିଲ, ତହସିଲ-ବଡବିଲ, ଜିଲ୍ଲା-କେନ୍ଦୁଝର ରେ ନିମ୍ନ ସୂଚୀର 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା - ବଡଜାମଦା ଓ ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି.ନଂ-ଆର୍.ବି.କେ.୬୧) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୫୯ ତା.୧୩.୦୬.୨୦୨୪ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା-ବଡବିଲ, ୟୁନିଟ ନଂ.୭**, ଥାନା-ବଡବିଲ, ତହସିଲ-ବଡବିଲ, ଜିଲ୍ଲା-କେନ୍ଦୁଝର ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.revenueodisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - "କ"**

ଜିଲ୍ଲା : କେନ୍ଦୁଝର (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ : ବଡବିଲ

| ଗ୍ରାମର ନାମ | ଗ୍ରାମଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ମୌଜା-ବଡବିଲ ୟୁନିଟ୍ ନଂ.୭** | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ୦.୮୭୬ | ୦.୭୨୪ | ସଂଲଗ୍ନ |

**ତଫସିଲ - "ଖ"**

ଜିଲ୍ଲା : କେନ୍ଦୁଝର (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ : ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |

ପ୍ରଯୁଜ୍ୟ ନୁହେଁ

**ଅଧିସୂଚନାର ବୈଧ ତାରିଖ : ୧୩.୦୬.୨୦୨୪**

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ :- ବଡଜାମଦା-ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି.ନଂ - ଆର୍.ବି.କେ ୬୧) ନିର୍ମାଣ
ମୌଜା : ବଡବିଲ, ୟୁ.ନଂ.୭, ଥାନା : ବଡବିଲ, ତହସିଲ: ବଡବିଲ, ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ. | ପ୍ରକାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୭୨ | ଦେବୀ ପ୍ରସାଦ ଭଟାଚାର୍ଯ୍ୟ, ସୁକୁମାର ଭଟାଚାର୍ଯ୍ୟ, ବାଦଲ କୁମାର ଭଟାଚାର୍ଯ୍ୟ, ଗିତାରାଣୀ ଭଟାଚାର୍ଯ୍ୟ, ବାସସ୍ଥାନ- ନିଉ ବାରିକପୁର, ସବିତା ମୁଖାର୍ଜୀ, ବାସସ୍ଥାନ- ବାଲଗଞ୍ଜ, ନମିତାରାଣୀ ଚାଟାର୍ଜୀ, ବାସସ୍ଥାନ - ଚକୁଲ ପୁଷ୍କରୁ, କଲିକତା, ଭାରତୀରାଣୀ ପାକଲାସୀ, ବାସସ୍ଥାନ- ବିବେକାନନ୍ଦ, ହୁଗୁଳି, ରିତା ଭଟାଚାର୍ଯ୍ୟ, ପିତା-ସିଦ୍ଧେଶ୍ୱର ଭଟାଚାର୍ଯ୍ୟ, ପିତା-ସିଦ୍ଧେଶ୍ୱର ଭଟାଚାର୍ଯ୍ୟ, ଲିଜାବତୀ ଭଟାଚାର୍ଯ୍ୟ, ସ୍ୱାମୀ-ସିଦ୍ଧେଶ୍ୱର ଭଟାଚାର୍ଯ୍ୟ, ଜାତି-ବ୍ରାହ୍ମଣ, ବାସସ୍ଥାନ-ନିଜଗାଁ | ୬୦୪ | ଘରବାରି ଏକ | ୦.୦୩୧ | ୦.୦୦୬ |
| ୨ | ୪୪୮/ ୧୫୪୫ | ମାଙ୍ଗିଲାଲ ରୁଙ୍ଗଟା, ପି:ହରଚରଣ ଦାସ ରୁଙ୍ଗଟା, ଜା: ଅଗ୍ରୱାଲ, ବା: ଚାଇବସା, ଜିଲ୍ଲା-ସିଂହଭୂମି ବିହାର | ୬୧୩ | ଘରବାରି ଏକ | ୦.୨୧୮ | ୦.୦୪୯ |
| ୩ | ୪୪୮/ ୧୦୦୦ | ଗୁରୁଦୟାଲ ସିଂହ, ପି: ବଚନ ସିଂହ, ଜା: ଶିଖ, ବା: ବଡବିଲ | ୬୦୫ | ଘରବାରି ଏକ | ୦.୦୩୦ | ୦.୦୩୦ |
| ୪ | ୪୪୮/ ୧୦୦୨ | ମହମ୍ମଦ ଆଲାମ, ପି: ମଲ୍ଲିକ ଅବଦୁଲ ରହମାନ, ଜା: ମୁସଲମାନ, ବା: ନିଜଗାଁ | ୬୦୬ | ଘରବାରି ଏକ | ୦.୦୪୦ | ୦.୦୪୦ |
| ୪ | ୪୪୮/ ୧୦୦୨ | ମହମ୍ମଦ ଆଲାମ, ପି: ମଲ୍ଲିକ ଅବଦୁଲ ରହମାନ, ଜା: ମୁସଲମାନ, ବା: ନିଜଗାଁ | ୬୦୬ | ଘରବାରି ଏକ | ୦.୦୪୦ | ୦.୦୪୦ |
| ୫ | ୪୮୩ | ଭାରତ ପ୍ରୋସେସ ଏଣ୍ଡ ମେକାନିକାଲ ଇଞ୍ଜିନିୟରସ, ଲିମିଟେଡ୍,ତାକୁରାଣୀ | ୬୧୪ | ଘରବାରି ଏକ | ୦.୧୧୩ | ୦.୦୦୯ |
| | | | ୬୧୨/ ୨୦୫୭ | ଘରବାରି ଏକ | ୦.୦୭୬ | ୦.୦୪୬ |
| | | | ୬୧୧ | ଘରବାରି ଏକ | ୦.୩୩୩ | ୦.୦୮୨ |
| | | | ୬୧୦ | ଘରବାରି ଏକ | ୦.୦୦୪ | ୦.୦୦୪ |
| | | | ୬୦୭ | ଘରବାରି ଏକ | ୦.୦୧୦ | ୦.୦୦୭ |
| | | | ମୋଟ- | | ୦.୮୭୬ | ୦.୭୨୪ |

AMIN L.A. (Gen.) Section Collectorate, Keonjhar — Land Acquisition Inspector L.A. (Gen.) Section Collectorate, Keonjhar — ଭୂ-ଅର୍ଜନ ଅଧିକାରୀ ଜିଲ୍ଲାପାଳ କାର୍ଯ୍ୟାଳୟ କେନ୍ଦୁଝର

OIPR-24045/14/0041/2526


# ପୋଖରୀରେ ବୁଡ଼ି ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ

**ହିନ୍ଦୋଳ,୧୨ା୯/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସିର ଧର୍ମପରାୟଣ ବ୍ୟକ୍ତିଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ । ପ୍ରକାଶ, ହିନ୍ଦୋଳ ଏନ୍‌ଏସି ଓ୍ୱାର୍ଡ ନଂ ୬ ଗୋବିନ୍ଦଚେରେଣ ସାହିର ବିନୟ କୁମାର ପତି(୬୮) ଆଜି ସକାଳ ଗ୍ରାମ ପୋଖରୀରେ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ଖସି ଯିବାରୁ ଗଭୀରପାଣିରେ ବୁଡି ଯାଇଥିଲେ ତେବେ ଗ୍ରାମବାସୀ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନାକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତେୟଷ୍ଟିକ୍ରିୟା ଶେଷ ହୋଇଥିଲା । ସ୍ୱର୍ଗତ ବିନୟ ପତି ଜଣେ ରାଜନୈତିକ ବ୍ୟକ୍ତିତ୍ୱ ସହ ପରୋପକାରୀ, ମେଳାପୀ ସହ ସମାଜସେବୀ ଥିଲେ । ତାଙ୍କ ବିୟୋଗ ଖବରପାଇ ପୂର୍ବତନ ଢେଙ୍କାନାଳ ସାଂସଦ ଗଭୀର ଶୋକପ୍ରକାଶ କରିବାସହ କ୍ଷତିପୂରଣ ନିମନ୍ତେ ସରକାରଙ୍କୁ ଅନୁରୋଧ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ବିଜେଡି ନେତା ପ୍ରଦ୍ୟୁମ୍ନ ବେହେରା, ରମେଶ ସାହୁ,ବିଜେପି ନଗରସଭାପତି କୁବେର ବେହେରା, ବିଜେପି କାର୍ଯ୍ୟକର୍ତ୍ତା ସନ୍ତୋଷ ବେହେରା,ପ୍ରମୋଦ ଶଙ୍କର ବେହେରା, ସୁମନ ଦାସ, ରମେଶ ମିଶ୍ର, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସର ପ୍ରମୁଖ ଶୋକପ୍ରକାଶ କରିଥିଲେ । ସ୍ୱର୍ଗତ ଙ୍କ ବିୟୋଗ ଖବର ପ୍ରଚାର ହେବାମାତ୍ରେ ହିନ୍ଦୋଳ ଏନ୍‌ଏସି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର



**ଅନୁଗୁଳ,୧୨ା୯/ଏନ୍‌ଏନ୍‌ଏସ୍:** ଅନୁଗୁଳ ମ୍ୟୁନିସିପାଲିଟିକୁ ମିଳିଲା ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର-୨୦୨୫ । କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗଙ୍ଗା ଅବବାହିକାରେ ଆୟୋଜିତ ଏକ ସମାରୋହରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପିନ୍ଦର ଯାଦବ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମ୍ୟୁନିସିପାଲିଟି ଚେୟାରମ୍ୟାନ ଅଭୟ ସାମଲ ଏବଂ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଛନ୍ତି । କେନ୍ଦ୍ର ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ସାରା ଦେଶର ୩ ଲକ୍ଷ ଜନସଂଖ୍ୟା, ୩ ଲକ୍ଷରୁ ୧୦ଲକ୍ଷ ଜନସଂଖ୍ୟା ଏବଂ ୧୦ଲକ୍ଷରୁ ଅଧିକ ଜନ ସଂଖ୍ୟା ଥିବା ୧୩୦ଟି ପୌରାଞ୍ଚଳକୁ ନେଇ ସର୍ଭେ କରାଯାଇଥିଲା । ୩ଲକ୍ଷ ଜନସଂଖ୍ୟା ଥିବା ପୌରାଞ୍ଚଳ ମଧ୍ୟରେ ସାରା ଦେଶରେ ଅନୁଗୁଳ ୨୦୦ରୁ ୧୯୭ ପଏଣ୍ଟ ପାଇ ୩ୟ ସ୍ଥାନ ଅଧିକାର କରିଛି । ଶିଳ୍ପ ଓ ଖଣି ବହୁଳ ଅନୁଗୁଳ ପାଇଁ ଏହା ଆଗାମୀ ଆଶିବେଛନ୍ତି ବୋଲି ଅନୁଗୁଳ ବିଧାୟକ ଓ ମ୍ୟୁନିସିପାଲିଟି ଚେୟାରମ୍ୟାନ କହିଛନ୍ତି ।


**AFFIDAVIT**

By virtue of an affidavit sworn before the Executive Magistrate Hatadihi NJS-no 11dated 25/8/2025. I undersigned Dali Mallik D/o-Basudev Mallik, at Talagarh, Po- Nuaguan, Ps-Korei Dist-Jajpur, Pin-755019 Orissa declared that I have changed my name Dali Jena (old name) to Dali Mallik (new name). Henceforth, he shall be known as **Dali Mallik** for all purpose.

**AFFIDAVIT**

By virtue of an affidavit sworn before **Executive Magistrate, Notary Public, Khordha, dt. 11.09.2025**, I, Basanta Manjari Hota of Vill - Budhibagicha, Khordha, Po/Ps/Dist - Khordha, Pin- 752055, Odisha, declare that I have changed my name from **Basant Manjari Hota**, to **Basanta Manjari Hota**. Henceforth, I shall be known as **Basanta Manjari Hota** for all purposes.
Basanta Manjari Hota

**AFFIDAVIT**

By virtue of an affidavit sworn before the Executive Magistrate, Kanika; I Manika Dei D/o Dayanidhi Das resident of Vill- Burudia, P.O.- Taras, P.S.- Rajkanika, Dist.- Kendrapara hereby declare that my actual name is Manika Malik W/o- Balaram Malik of Vill- Burudia, P.O.- Taras, P.S.- Rajkanika, Dist.- Kendrapara. But in my Aadhaar Card bearing No.- 453206154928, my name has wrongly been initiated as Manik Malik instead of Manika Malik. Prior to issue of Aadhaar Card id in my ICICI Prudential Life Insurance Policy No.- 18384704 my name has been recorded as Manika Dei. So Manika Dei alias Manik Malik alias Manika Malik D/o Dayanidhi Das & W/o- Balaram Malik of above address is one and same person.

**AFFIDAVIT**

By virtue of an affidavit sworn before the Executive Magistrate, Astarang, I, Barenya Kumar Nayak, aged about 18 years, S/o-Sanjib Nayak of Vill - Badagola, Po- Sisua, Ps-Astarang, Dist- Puri do hereby declare that my actual name is Barenya Kumar Nayak & Date of birth 14.03.2006 but my Aadhaar card name has been wrongly mention as Baranya Nayak & Date of birth 01.01.2004. Henceforth, I shall be known as **Barenya Kumar Nayak**, Date of birth **14.03.2006** is one and same person.



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୭୬୫୩/ଭୁ.ଉ.କ.,ଭୁବନେଶ୍ୱର ତା.୧୦.୦୯.୨୦୨୫ରିଖ

KNL-432/93

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ରଜେକ୍ଟ,ଭେଲେଲେପମେଣ୍ଟ ସିମ୍, ମୌଜା-ଘଟ୍ଟିକିଆ, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ-K-4-1489 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା - ୨୧୦୦୦/ଏ.ଭ.ତା-୨୧.୦୭.୧୯୯୮ ରିଖ ଅନୁଯାୟୀ ବ୍ରତୀଯପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ରବିନାରାୟଣ ମହାନ୍ତି, ପିତା-ସ୍ୱର୍ଗତ ଯୋଗେନ୍ଦ୍ର ନାଥ ମହାନ୍ତି, ଗ୍ରାମ-ବସନ୍ତପୁର, ପୋଷ୍ଟ-ନରଦା, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା, ରାଜ୍ୟ-ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ରବିନାରାୟଣ ମହାନ୍ତି ଗତ ତା.୧୨.୧୧.୨୦୧୨ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No. 26965 dated 18.12.2012) ରବିନାରାୟଣ ମହାନ୍ତିଙ୍କ ସ୍ତ୍ରୀ-ନର୍ମଦା ମହାନ୍ତି ମଧ୍ୟ ତା.୩୧.୦୭.୨୦୧୭ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No. 4695/2017 dated 31.08.2017)

Legal heir certificate Misc. Case No. E-LHC/2024/116317 dated 04.07.2024 ଅନୁଯାୟୀ ରବିନାରାୟଣ ମହାନ୍ତିଙ୍କର ଉତ୍ତରାଧିକାରୀ (୧) ବସୁମାନା ମହାନ୍ତି (ବିବାହିତ କନ୍ୟା), (୨) ନିହାରୀକା ମହାନ୍ତି (ବିବାହିତ କନ୍ୟା), (୩) ଶୁଧୁସୁଦନ ମହାନ୍ତି (ପୁତ୍ର) ଓ (୪) ରଞ୍ଜିତ୍ କୁମାର ମହାନ୍ତି (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ରଞ୍ଜିତ୍ କୁମାର ମହାନ୍ତି, ନିହାରୀକା ମହାନ୍ତି ଓ ଶୁଧୁସୁଦନ ମହାନ୍ତି ପଞ୍ଜିକୃତ ନାକାଟି ପତ୍ର (Registered deed of Relinquishment - Document No. 11082407811 dated 14.08.2024) ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର/ଅଂଶକୁ ବସୁମାନା ମହାନ୍ତିଙ୍କୁ ହସ୍ତାନ୍ତର କରିଅଛନ୍ତି ।

ରବିନାରାୟଣ ମହାନ୍ତିଙ୍କର ଉତ୍ତରାଧିକାରୀମାନେ ବସୁମାନା ମହାନ୍ତିଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ମାଲିକାନାସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ସୂଚନା ପ୍ରକାଶନର ପନର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ବସୁମାନା ମହାନ୍ତିଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR-13033/11/0377/2526 CAD-1751 ସ୍ୱା/-ଅବଣ୍ଟନ ଅଧିକାରୀ-୧ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

# ଜାଳିଦେଲେ ବ୍ଲକ୍ ଚେୟାରମ୍ୟାନ୍‌ଙ୍କ ଗାଡ଼ି



**ନୟାଗଡ଼,୧୨।୯/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ଲକର ଚେୟାରମ୍ୟାନ୍‌ଙ୍କ ଗାଡ଼ିକୁ କେହି ଦୁର୍ବୃତ୍ତ ଜାଳି ଦେଇଥିବା ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ହୋଇଛି। ନୟାଗଡ଼ ବ୍ଲକ ଅନ୍ତର୍ଗତ ଚେୟାରମ୍ୟାନଙ୍କ ଗାଁ ଭାଟସାହି ପଞ୍ଚାୟତ କାର୍ଯ୍ୟାଳୟଠାରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ବୋଲେରୋ ଗାଡ଼ିଟି ଭାଟସାହି ପଞ୍ଚାୟତ କାର୍ଯ୍ୟାଳୟଠାରେ ରଖାଯାଇଥିଲା। ଚେୟାରମ୍ୟାନ୍‌ଙ୍କ ପତ୍ନୀ ଭାଟସାହି ପଞ୍ଚାୟତର ସରପଞ୍ଚ ରହିଥିବାରୁ ସେ ତାଙ୍କ ଗାଡ଼ିଟିକୁ ନେଇ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ପରେ ସେ ଗାଡ଼ିଟିକୁ ପଞ୍ଚାୟତ କାର୍ଯ୍ୟାଳୟଠାରେ ରଖିଥିଲେ। ଗତକାଲି ମଧ୍ୟରାତ୍ରିରେ ତାଙ୍କ ଗାଡ଼ିଟି ନିଆଁରେ ଜଳୁଥିବା କେହି ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ଆସି ଦେଖିଲାବେଳକୁ ଗାଡ଼ିର ସମ୍ମୁଖ ଭାଗ ଅଧାରୁ ଅଧିକ ପୋଡ଼ିଯାଇଥିଲା। ଏହାକୁ ନେଇ ସେ ନୟାଗଡ଼ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିବା ବେଳେ ଏହାର ଅନୁସନ୍ଧାନ ଚଳାଇଛି।

## ପ୍ରଥମ ପୃଷ୍ଠାରୁ

### ଆଜି ମଣିପୁର ଆସୁଛନ୍ତି ...

ପ୍ରଧାନମନ୍ତ୍ରୀ ବୈରାବି-ସାଇରାଙ୍ଗ ନୂତନ ରେଳ ଲାଇନ୍‌ର ଉଦ୍‌ଘାଟନ କରିବେ, ଯାହା ପ୍ରଥମ ଥର ପାଇଁ ମିଜୋରାମକୁ ଭାରତୀୟ ରେଳ ନେଟ୍‌ୱାର୍କ ସହିତ ସଂଯୋଗ କରିବ।

ପିଏମ୍‌ଓ ଅନୁସାରେ ମଣିପୁର ପରେ ପ୍ରଧାନମନ୍ତ୍ରୀ ମୋଦୀ ଆସାମ ଗସ୍ତ କରିବେ। ଆସାମର ଗୌହାଟୀରେ ଭାରତ ରତ୍ନ ଡ. ଭୂପେନ ହଜାରିକାଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନରେ ଯୋଗଦେବେ। ସେ ଆସାମରେ ୧୮,୩୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ। ଆସାମ ପରେ ପ୍ରଧାନମନ୍ତ୍ରୀ ମୋଦୀ କୋଲକାତା ଏବଂ ବିହାର ଯାଇ ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି।

### ଭିଜିଲାନ୍ସ ଜାଲରେ ଶ୍ରମ ...

ମାଗିଥିଲେ। ଏହିପରି ୨୨ଟି ଶ୍ରମ କାର୍ଡ କରିବା ପାଇଁ ସେ ୬ ହଜାର ୬୦୦ ଟଙ୍କା ଦାବି କରିଥିଲେ। ସେ ଆଜି ୨୧ଟି କାର୍ଡ କରାଇଦେବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଥିଲା ନୟାଗଡ଼ ଭିଜିଲାନ୍ସ ଟିମ୍। ପରେ ତାଙ୍କର ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ଉ ଚାଲିଛି।

### କ୍ୟାପିଟାଲ୍ ହସ୍ପିଟାଲ୍‌ରେ ...

୨୦ରୁ ୩୦ଟି ଆଇସିୟୁ ବେଡ୍ ରହିଛି। କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଥିବା ଟ୍ରମା କେୟାର୍ ୟୁନିଟ୍ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇରହିଛି। ରାଜ୍ୟରେ କ୍ୟାପିଟାଲ୍ ହସ୍ପିଟାଲ୍ ଟ୍ରମା ସେଣ୍ଟର୍ ପ୍ରଥମ ସ୍ଥାନରେ ରହିଛି। କ୍ୟାପିଟାଲ୍ ହସ୍ପିଟାଲ୍‌ରେ ସୋମବାର ଠାରୁ ଗୁରୁବାର ମଧ୍ୟରେ ୫ ହଜାର ରୋଗୀଙ୍କ ନାମ ପଞ୍ଜିକରଣ କରାଯାଉଛି। ହେଲେ ଶୁକ୍ରବାର, ଶନିବାର ଓ ରବିବାର ଦିନଗୁଡ଼ିକରେ ଦୈନିକ ପାଖାପାଖି ୪ ହଜାର ରୋଗୀଙ୍କ ନାମ ପଞ୍ଜିକରଣ ହେଉଛି। ତେବେ ଦୈନିକ ପାଖାପାଖି ୪ରୁ ୫ ହଜାର ରୋଗୀ ହସ୍ପିଟାଲ୍‌କୁ ଆସୁଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, 'ଟ୍ରମା କେୟାର୍ ସେଣ୍ଟର୍ ଲୋକମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ। ଯାହା ଦ୍ୱାରା ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଓଡ଼ିଶାରେ ସରକାରୀ ଭାବରେ ୮୯ଟି ଟ୍ରମା କେୟାର୍ ସେଣ୍ଟର୍ ରହିଛି। ଏଗୁଡ଼ିକ ସମସ୍ତ ଜିଲ୍ଲାରେ ରହିଛି। ତେବେ ବର୍ତ୍ତମାନ ସମୟରେ କିଭଳି ଭାବରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଚିକିତ୍ସା ଯୋଗାଇ ଦିଆଯିବ ସେନେଇ ଏପରି ପଦକ୍ଷେପ ନିଆଯାଇଛି। 'ଚିକିତ୍ସାଳୟକୁ ଦୁର୍ଘଟଣା ଜନିତ ୫୦ ପ୍ରତିଶତ ମାମଲା ଆସୁଛି। ଏପରିକି ଏହି ଚିକିତ୍ସାଳୟ ଜାତୀୟ ରାଜପଥ ନିକଟରେ ରହିଛି। ପ୍ରତି ୫୦ କିଲୋମିଟର ଦୂରତା ମଧ୍ୟରେ ୫୫ଟି ଟ୍ରମା କେୟାର୍ ସେଣ୍ଟର୍ ରହିଛି। ୧୭ଟି ଘରୋଇ ହସ୍ପିଟାଲ୍‌ରେ ମଧ୍ୟ ଏପରି ବ୍ୟବସ୍ଥା କରାଯାଇଛି। ଏଭଳି ୧୦୬ଟି ହସ୍ପିଟାଲ୍ କାର୍ଯ୍ୟକ୍ଷମ ରହିଛି।

### ପୁଣି ଲଘୁଚାପ, ୧୫ ଯାଏ ...

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସାରା ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ଝଟକା ପବନ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ବହିବାର ସମ୍ଭାବନା ରହିଛି। ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୪ ତାରିଖରେ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ଓ ୩୦-୪୦ କିମି ବେଗରେ ଝଟକା ପବନ ପାଇଁ ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି।

### ଅଭିଯାନରେ ସାମିଲ ...

ହେବାକୁ ଥିବା ଏହି ଅଭିଯାନରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଓଡିଶା ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚଳିତ ବର୍ଷ ମୋଦିଜୀ ଜନ୍ମଦିବସକୁ ସ୍ମରଣୀୟ କରାଯିବ। ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ମା' ପାଇଁ ଗଛଟିଏ' ଅଭିଯାନକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେପ୍ଟେମ୍ବର ୧୭ରେ ମୋଦିଜୀଙ୍କ ୭୫ ତମ ଜନ୍ମଦିନରେ ୭୫ ଲକ୍ଷ ବୃକ୍ଷ ଚାରାରୋପଣ କରାଯିବ।

### ଶପଥ ନେଲେ ସୁଶୀଳା ...

ରାମଚନ୍ଦ୍ର ପାଉଡେଲ ତାଙ୍କୁ ଶପଥ ପାଠ କରାଇଛନ୍ତି। ତେବେ ବର୍ତ୍ତମାନ ସମୟ ପାଇଁ ଅନ୍ୟ କାହାକୁ ମନ୍ତ୍ରୀ କରାଯାଇନାହିଁ। ନେପାଳରେ ଯୁବଗୋଷ୍ଠୀଙ୍କ ସରକାର ବିରୋଧୀ ହିଂସକ ବିକ୍ଷୋଭ ପ୍ରଦର୍ଶନ ପରେ କ୍ଷମତା ପରିବର୍ତ୍ତନ ହୋଇଥିଲା। ପରେ ସୁଶୀଳା କାର୍କିଙ୍କ ସହ ଆଉ କିଛି ନେତାଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାକୁ ଆସିଥିଲେ ମଧ୍ୟ ଶେଷରେ ସୁଶୀଳାଙ୍କ ନାମରେ ମୋହର ବାଜିଥିଲା। ନେପାଳର ଯୁବପିଢ଼ି (ଜେନ୍-ଜେଡ୍), ସେନାବାହିନୀ, ରାଷ୍ଟ୍ରପତିଙ୍କ ମିଳିତ ବୈଠକରେ ସୁଶୀଳାଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମିଳିତ ସମର୍ଥନ ସହକାରେ ସୁଶୀଳା କାର୍କି ଆଜି ଶପଥ ଗ୍ରହଣ କରିଛନ୍ତି।

ସୁଶୀଳା କାର୍କି ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଭାବେ ଦୀର୍ଘ ସମୟ ଧରି ଦାୟିତ୍ୱ ନିର୍ବାହ କରିଆସିଛନ୍ତି। ସେ ଜଣେ ଭ୍ରଷ୍ଟାଚାର ତଥା ଦୁର୍ନୀତି ବିରୋଧୀ ବ୍ୟକ୍ତିତ୍ୱ ଭାବେ ପରିଚିତ। ଏଥିସହ ତାଙ୍କର ଭାରତ ପ୍ରତି ଆଭିମୁଖ୍ୟ ମଧ୍ୟ ଅନେକମାତ୍ରାରେ ସକାରାତ୍ମକ ରହିଛି। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଏସବୁ ମଧ୍ୟରେ ରାଷ୍ଟ୍ରପତି ପାଉଡେଲ୍ ଘୋଷଣା କରିଛନ୍ତି ଯେ ସୁଶୀଳାଙ୍କ ନେତୃତ୍ୱରେ ଏବେ ନେପାଳର ସରକାର ଚାଲିବ। ଆଗାମୀ ୬ ମାସ ମଧ୍ୟରେ ସଂସଦର ନୂତନ ନିର୍ବାଚନ ଅନୁଷ୍ଠିତ ହେବ। ଅନ୍ୟପକ୍ଷେ ଜେନ୍-ଜେଡ୍ ନେତାମାନେ ଏହି ସରକାରରେ ଯୋଗ ଦେବାକୁ ମନା କରିଦେଇଛନ୍ତି। ସେମାନେ କହିଛନ୍ତି ଯେ ସେମାନେ ସରକାରରେ ଯୋଗଦେବେ ନାହିଁ, କିନ୍ତୁ ସରକାରଙ୍କ କାର୍ଯ୍ୟଧାରା ଉପରେ ନଜର ରଖିବେ।

**୬ ମାସରେ ମଧ୍ୟରେ ଅନୁଷ୍ଠିତ ହେବ ନିର୍ବାଚନ: ରାଷ୍ଟ୍ରପତି**

ପ୍ରକାଶ, ନେପାଳରେ ଗତ ୯ ତାରିଖରେ ଜେନ୍-ଜେଡ୍ ଆନ୍ଦୋଳନକାରୀମାନଙ୍କ ବିକ୍ଷୋଭ ଯୋଗୁଁ ସେଠାକାର ସରକାର ଇସ୍ତଫା ଦେଇଥିଲେ। ଆନ୍ଦୋଳନକାରୀମାନେ ସଂସଦ, ରାଷ୍ଟ୍ରପତି ଭବନ ଏବଂ ବିଦାୟୀ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବ୍ୟକ୍ତିଗତ ବାସଗୃହକୁ ନିଆଁ ଲଗାଇ ଦେଇଥିଲେ। ଏହି ହିଂସାରେ ଏପର୍ଯ୍ୟନ୍ତ ୫୧ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଥିବା କୁହାଯାଉଛି।

### ଅର୍ଚ୍ଚନା ନାଗଙ୍କ ଘର ...

କାର୍ଯ୍ୟକଳାପ ଓ କଳାଟଙ୍କା ପ୍ରସଙ୍ଗ ସମ୍ମୁଖକୁ ଆସିବା ପରେ ଇଡି ଘଟଣାର ତଦନ୍ତ କରିଥିଲା। ୨୦୨୨, ଡିସେମ୍ବର ୧୩ରେ ଇଡି ଅର୍ଚ୍ଚନାଙ୍କୁ ଗିରଫ କରିଥିଲା। ଗିରଫ ହେବାର ୧୪ ମାସ ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ନାଗ ଝାରପଡ଼ା ଜେଲରୁ ବାହାରି ଥିଲେ।

# ୪ କେନ୍ଦ୍ରରେ ହୋଇଛି ହବିଷ୍ୟାଳୀଙ୍କ ରହଣି ବ୍ୟବସ୍ଥା

**ପୁରୀ,୧୨।୯/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ୭ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ତେବେ ଏହା କେବଳ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରାଯିବ। ହବିଷ୍ୟାଳୀମାନଙ୍କୁ ୪ଟି ରହଣି କେନ୍ଦ୍ର ଯଥା ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟସ୍ଥଳରେ ରଖାଯିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି।

ଆଜି ପୂର୍ବାହ୍ନରେ ସର୍କିଟ୍ ହାଉସ୍‌ଠାରେ ହବିଷ ବ୍ରତ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ହବିଷ୍ୟାଳୀମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ହବିଷ୍ୟାଳୀ କେନ୍ଦ୍ରଗୁଡ଼ିକ ହବିଷ ବ୍ରତ ଆରମ୍ଭ ପୂର୍ବରୁ ପ୍ରସ୍ତୁତ ରଖିବା, ଉତ୍ତମ ରହଣି ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଇତ୍ୟାଦିକୁ ସୁନିଶ୍ଚିତ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ ଯେ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟ ସ୍ଥଳଠାରେ ହବିଷ୍ୟାଳୀମାନଙ୍କର ରହଣି ବ୍ୟବସ୍ଥା କରାଯାଉଛି। ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଅଧିକାରୀମାନେ ଏହାକୁ ଅନୁଧ୍ୟାନ କରିଛନ୍ତି ବୋଲି କହିଥିଲେ। ହବିଷ୍ୟାଳୀ ଯୋଜନା ଆଧାରରେ ବୟସ୍କା ମା'ମାନେ ଏହି ବ୍ରତରେ ସାମିଲ ହେଉଛନ୍ତି। ତେଣୁ ସରକାରଙ୍କ ପରାମର୍ଶକ୍ରମେ ଜିଲ୍ଲା ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇବାକୁ ବ୍ୟବସ୍ଥା କରୁଛି। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା



ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗଗୁଡ଼ିକୁ ପରାମର୍ଶ ଦେଇଥିଲେ। ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯିବ। ହବିଷ୍ୟାଳୀମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି ଚାଲିବାକୁ ଥିବାରୁ ବିଭାଗ, ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ। ତେଣୁ ଏହି କାର୍ଯ୍ୟକୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ. ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡିଆଇବି ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

## ୧୪ରେ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ବୈଠକ

**କଣ୍ଟିଲୋ,୧୨।୯/ଏନ୍‌ଏନ୍‌ଏସ୍:** ଆସନ୍ତା ୧୪ ତାରିଖରେ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। କେତେକ ସମସ୍ୟାକୁ ନେଇ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ବାର୍ଷିକ ମହାସଭା ଗତ ୨୦୨୦ ମସିହାଠାରୁ ହୋଇ ପାରୁ ନଥିଲା। କଲ୍ୟାଣ ସଦନ ଗୃହକୁ ପରିଚାଳନା କରିବା ପାଇଁ କଣ୍ଟିଲୋର କେତେକ ନିରପେକ୍ଷ ଯୁବକଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆ ଯାଇଥିଲା। ସେହି ଅନୁସାରେ କଲ୍ୟାଣ ସଦନର ଅସ୍ଥାୟୀ ସଭାପତି ବହୁ ପରିଶ୍ରମ କରି ଗତ ଜୁନ ୮ ତାରିଖରେ ୪୫ ଥାନର ଥାନପତି, ପୂର୍ବତନ କର୍ମକର୍ତ୍ତା, କିଛି ଥାନ ଗୋସାଇଁମାନଙ୍କ ଉପସ୍ଥିତିରେ ବୈଠକ କରି ସର୍ବସମ୍ମତ ସହମତି ଭିତ୍ତିରେ ଆପୋଷ ଭାବେ ଗୋଟିଏ ମାସ ମଧ୍ୟରେ ମହାସଭା କରିବା ପାଇଁ 'ଖ' ବ୍ଲକ କର୍ମକର୍ତ୍ତା ବେଲପଡ଼ାଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। କିନ୍ତୁ ବୈଠକ କୌଣସି କାରଣରୁ ହୋଇ ନପାରି ବାରୁ ପୁନର୍ବାର କଲ୍ୟାଣ ସଦନ ଅସ୍ଥାୟୀ ସଭାପତି ପବିତ୍ର କୁମାର ମହାରଣା ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୦ଟାରେ ଦ୍ୱିତୀୟ ଥର ପାଇଁ ଆଉ ଏକ ବୈଠକ କଂସାରି ସମାଜ କଲ୍ୟାଣ ସଦନ ଗୃହରେ ବାପୁଜୀ ନଗରଠାରେ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସମସ୍ତେ ଏକଜୁଟ ହୋଇ ମିଳିମିଶି ଜାତିର ଗୌରବ ବଜାୟ ରଖିବା ପାଇଁ ଅନୁରୋଧ କରାଯାଇଛି।

## ଦାସିଆ ଅଜା ତିରୋଧାନ ଦିବସ

**ନୟାଗଡ଼,୧୨।୯/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଶରଣକୁଳ ନିକଟବର୍ତ୍ତୀ ପଞ୍ଚିରିଡା ମାନପୁରସ୍ଥ ଲୋକ ନୋଡାଲ ବିଦ୍ୟାପୀଠରେ ଦାସିଆ ଅଜା ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ଆୟୋଜିତ ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ଆୟୋଜିତ ସଭାରେ ପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ମହାପ୍ରଭୁ ଜଗନ୍ନାଥ ଓ ଦାସିଆ ଅଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।


ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦାସିଆ ଅଜା ତିରୋଧାନ ଦିବସ ପାଳନ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ହରିହର ସାହୁ ଯୋଗ ଦେଇ 'ଦାସିଆ ଅଜା'ଙ୍କର ଜୀବନର ବିଶେଷତା କଥା ଛଳରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୈକୁଣ୍ଠ ନାଥ ପ୍ରଧାନ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାର ସହିତ ସମସ୍ତ କାର୍ଯ୍ୟ କରିବାକୁ ପ୍ରରୋଚିତ କରିଥିଲେ। ଦାସିଆ ଅଜା ପୁସ୍ତକର ଲେଖକ ତଥା ଏହି ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ଼. ସୁରେଶ ଚନ୍ଦ୍ର ବରାଡ଼ ପାଠାଗାର ଆନ୍ଦୋଳନର ବିନ୍ଧାଣି ଦାସିଆ ଅଜାଙ୍କର ଅସୀମ ଧୈର୍ଯ୍ୟ ଓ ନିଷ୍ଠାର କାହାଣୀ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ସ୍ମୃତି ରଞ୍ଜନ ରାଉତ, ମାନସ ରଞ୍ଜନ ସାହୁ, ରମେଶ ଚନ୍ଦ୍ର ମହାନ୍ତି, କୃପାସିନ୍ଧୁ ମିଶ୍ର, ଶିକ୍ଷୟିତ୍ରୀ ସୋନାଲିନ୍ ନାୟକ ଭରପୁର ସହଯୋଗ କରିଥିଲେ। ସେହିପରି ଭାବେ ନୟାଗଡ଼ର ଦଶପଲ୍ଲା ଛକଠାରେ ଅବସ୍ଥିତ ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ନାବାଳିକା ଅପହରଣ ମାମଲାରେ ଜଣେ ଗିରଫ

**ବାରଙ୍ଗ,୧୨।୯/ଏନ୍‌ଏନ୍‌ଏସ୍:** ନାବାଳିକା ଅପହରଣ ମାମଲାରେ ବାରଙ୍ଗ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ବଡ଼ଗଡ଼ ଥାନା ଅନ୍ତର୍ଗତ ବାହାରପୁର ଗ୍ରାମର ଅନୀଲ ନାୟକ ଓରଫ ରାହୁଲ (୨୩)। ବାରଙ୍ଗ ଅଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ନାବାଳିକାର ଡାକ୍ତରୀ ମାଇନା କରାଯାଇଥିବା ବେଳେ ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ବାଣପୁର ବସ୍‌ଷ୍ଟାଣ୍ଡ ନାମକରଣକୁ ନେଇ ମିଶ୍ର ପ୍ରତିକ୍ରିୟା

**ଚିଲିକା,୧୨।୯/ଏନ୍‌ଏନ୍‌ଏସ୍:** ୧୬ ନମ୍ବର ଜାତୀୟ ରାଜପଥ ଉପରେ ନାଚୁଣୀ ଥାନା ପାର୍ଶ୍ୱ ଜଗତି ପାହାଡ଼ ପାଦଦେଶରେ ରାଜ୍ୟ ପରିବହନ ନିଗମ ପକ୍ଷରୁ ନିର୍ମାଣାଧୀନ ଏକ ବସ୍‌ଷ୍ଟାଣ୍ଡର ନାମକରଣକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଣପୁର ବ୍ଲକର ନାଚୁଣୀ ପଞ୍ଚାୟତ ଅଧୀନ ସୁନାଖଳା ଏବଂ ବଡ଼ପଦର ରାଜସ୍ୱ ମୌଜାର ମଧ୍ୟରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡର ନାମକରଣ ବାଣପୁର ବସ୍‌ଷ୍ଟାଣ୍ଡ ବୋଲି ବୋର୍ଡ ମରାଯିବାକୁ ନେଇ ଅଞ୍ଚଳରେ ଜନ ସାଧାରଣଙ୍କ ମନରେ ଦ୍ୱିଧା ମନୋଭାବ ପ୍ରକାଶ ପାଇଛି।




ବାଣପୁର ବ୍ଲକ ହେଡ୍‌କ୍ୱାର୍ଟର ଏହିଠାରୁ ୧୭ କିଲୋମିଟର ଦୂରରେ ଅବସ୍ଥିତ। କେହି କେହି ବ୍ଲକ୍ ଅନ୍ତର୍ଗତ ଏହି ବସ୍‌ଷ୍ଟାଣ୍ଡର ନାମକରଣ ବ୍ଲକ ନାମ ଅନୁସାରେ ବାଣପୁର ବସ୍‌ଷ୍ଟାଣ୍ଡ ବୋଲି କରାଯାଇପାରିଥାଏ ବୋଲି ମତ ପୋଷଣ କରୁଥିବା ବେଳେ କେତେକ ଏହି ନାମକରଣକୁ ଅଯଥାର୍ଥ ବୋଲି ଦାବି କରୁଛନ୍ତି। ତେବେ ରାଜ୍ୟର ରାଜଧାନୀ ଭୁବନେଶ୍ୱର ବ୍ୟତୀତ ବ୍ରହ୍ମପୁର ପୂର୍ବରୁ ୨୦୦ କିଲୋମିଟର ଜାତୀୟ ରାଜପଥ ଉପରେ ଏଭଳି ମଧ୍ୟବର୍ତ୍ତୀ ବସ୍ ରହଣି ଏବଂ ଯାତ୍ରୀମାନଙ୍କର ବିଶ୍ରାମ ପାଇଁ ବସ୍‌ଷ୍ଟାଣ୍ଡର ଆବଶ୍ୟକତା ଅନୁଭୂତ ହେଉଥିଲା। ଅତୀତରେ ରାଜଧାନୀରୁ ଆସୁଥିବା ପ୍ରଶାସନିକ ଅଧିକାରୀ ଏବଂ ରାଜନେତାଙ୍କର ସ୍ୱଳ୍ପ ସମୟ ରହଣି ପାଇଁ ସୁନାଖଳା ପୂର୍ତ୍ତ ଡ଼ାକ ବଙ୍ଗଳା ବ୍ୟତୀତ ଆଉ କିଛି ସୁବିଧା ନ ଥିଲା। ତେବେ ଏହି ସ୍ଥାନରେ ନିର୍ମାଣାଧୀନ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ବାଲୁଗାଁଠାରେ ସ୍ଥାନାଭାବରୁ ଏବଂ ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଏଠାକୁ ସ୍ଥାନାନ୍ତରିତ ହେବା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ଅପରପକ୍ଷରେ ବାଣପୁର ରାଜସ୍ୱ ଉପଖଣ୍ଡ ଦାବି କରି ଆସୁଥିବା ଆନ୍ଦୋଳନକାରୀମାନେ ଏହାକୁ ଭିନ୍ନ ଦୃଷ୍ଟି ରେ ଦେଖୁଛନ୍ତି। ତେବେ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ପ୍ରଶାସନ ଏହି ନାମକରଣକୁ ନେଇ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ଟାଙ୍ଗୀ ଅଞ୍ଚଳରେ ବଢୁଛି ମଦ କାରବାର

**ଟାଙ୍ଗୀ,୧୨।୯/ଏନ୍‌ଏନ୍‌ଏସ୍:** ସରକାରଙ୍କ ଦ୍ୱାରା ପଞ୍ଜୀକୃତ ମଦ ଦୋକାନ ବ୍ୟତୀତ ଟାଙ୍ଗୀ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମଦ କାରବାର ରୋକିବା ପାଇଁ ସ୍ଥାନୀୟ ବରିଷ୍ଠ ବିଜେପି ନେତା ହିମାଂଶୁ ମହାନ୍ତି ଏକ୍ସାଇଜ୍ ଡିପାର୍ଟମେଣ୍ଟ ପ୍ରିନ୍ସିପାଲ ସେକ୍ରେଟାରୀ ଭାସ୍କର ଜ୍ୟୋତି ଶର୍ମାଙ୍କ ଭେଟି ଆଲୋଚନା କରିଛନ୍ତି। ଟାଙ୍ଗୀ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ ବିକ୍ରୟ ବୃଦ୍ଧି ପାଉଥିବାରୁ ମଦ୍ୟପାନ ଯୋଗୁ ଅନେକ ଲୋକଙ୍କ ମୃତ୍ୟୁ ଆଶଙ୍କା ରହୁଛି। ଏଥିପାଇଁ ପରିବାରରେ ହିଂସାକାଣ୍ଡ ଦେଖାଯାଉଛି। ଅନେକ ପାରିବାରଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ିବା ନଜିର ରହିବା ସହ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏଭଳି ବେଆଇନ ମଦ କାରବାର ରୋକିବା ପାଇଁ ପୁଲିସ ପ୍ରଶାସନ ଓ ଅବକାରୀ ବିଭାଗ ତତ୍ପରତା ଦେଖାଇବାକୁ ନିର୍ଦ୍ଦେଶ ଦେବା ପାଇଁ ମହାନ୍ତି ବିଶେଷ କରି ଆଲୋଚନା କରିଥିଲେ ବୋଲି ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ପ୍ରଶାନ୍ତ ସ୍ୱାଇଁ, ମୁରଲୀଧର ମଲିକ, ଶଶିକାନ୍ତ ମହାନ୍ତି, ମନୋଜ ବିଶ୍ୱାଳ, ବଂଶୀଧର ସ୍ୱାଇଁ ଓ ଅମିତ୍ ସିଙ୍କୁ ପ୍ରମୁଖ ଉପସ୍ଥିତ ଥିଲେ।

**ମା' ମଙ୍ଗଳଙ୍କ ପାର୍ବଣ ପୂଜା ପାଇଁ ପ୍ରସ୍ତୁତି ଶେଷ**

## ୧୪ରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ



**କାକଟପୁର,୧୨।୯/ଏନ୍‌ଏନ୍‌ଏସ୍:** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କର ଶାରଦୀୟ ପାର୍ବଣ ପୂଜା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟି ଅଙ୍କିତା ଅନିନ୍ଦିତାଙ୍କ ପୌରୋହିତ୍ୟରେ ଟ୍ରଷ୍ଟ ସଦସ୍ୟ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, କାକଟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପଦେଷ୍ଟା କମିଟି ସଦସ୍ୟ କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ଷୋଡ଼ଶ ଉପଚାର ପୂଜାପଣ୍ଡା ପ୍ରକାଶ ଚନ୍ଦ୍ର ପଣ୍ଡା, ଷୋଳ ଦିନର ପାଳିଆ ସେବକ ପ୍ରମୁଖ ଯୋଗଦେଇ ଆସନ୍ତା ୧୪ ତାରିଖ ମୂଳାଷ୍ଟମୀ ଦିନଠାରୁ ମା'ଙ୍କର ଷୋଡ଼ଦିନାତ୍ମକ ପୂଜାନୀତି କିଭଳି ଭାବରେ ପାଳନ କରାଯିବ ସେଥିପ୍ରତି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି।

ମୂଳାଷ୍ଟମୀ ଦିନ ମା'ଙ୍କର ସହସ୍ର କୁମ୍ଭାଭିଷେକ ନୀତି ଆରମ୍ଭ ହେବା ସହିତ ୨୨ ତାରିଖ ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ମା'ଙ୍କର ନବଦିନାତ୍ମକ ପୂଜାନୀତି ପାଳନ କରାଯିବ। ୨୬ ତାରିଖ ପଞ୍ଚମୀ ଦିନ ତୀରକମାଣ ବେଶ, ଷଷ୍ଠୀ ଦିନ କାତିଖର୍ପର ବେଶ, ସପ୍ତମୀ ଦିନ ସିଂହବାହିନୀ ବେଶ, ଅଷ୍ଟମୀ ଦିନ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବା ସହିତ ନବମୀ ତିଥିରେ ଶାନ୍ତି ବେଶ ଅନୁଷ୍ଠିତ ହୋଇ ଦଶମୀ ଦିନ ହରଦୁର୍ଗା ଭେଟ କରାଯାଇ ଶାରଦୀୟ ପାର୍ବଣ ପୂଜାର ପରିସମାପ୍ତି ଘଟିବ। ଏହି ପାର୍ବଣ ପୂଜା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ମାତୃଭକ୍ତମାନେ ମା'ଙ୍କର ସାନିଧ୍ୟ ଲାଭ କରିବା ପାଇଁ ଆସିବାକୁ ଥିବାବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଶିଶୁ ଯତ୍ନ ଅନୁଷ୍ଠାନରେ ଶିଶୁ ମହୋତ୍ସବ 'ଉତ୍ସାହ'



**ଖୋର୍ଦ୍ଧା,୧୨।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନ (ସିସିଆଇ)ରେ ରହୁଥିବା ଅନ୍ତେବାସୀଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଏକ ଶିଶୁ ମହୋତ୍ସବ 'ଉତ୍ସାହ' ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ମହୋତ୍ସବରେ ପ୍ରାୟ ଦେଢ଼ ଶହରୁ ଊର୍ଦ୍ଧ୍ୱ ଶିଶୁ ଯୋଗଦେଇ ବିଭିନ୍ନ କ୍ରୀଡ଼ାରେ ନିଜର ପ୍ରତିଭା ଦେଖାଇଥିଲେ।


ପୂର୍ବାହ୍ନରେ ସ୍ଥାନୀୟ ଷ୍ଟାଡିୟମ୍ ପରିସରରେ ପିଲାମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଯଥା ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼ ଉଚ୍ଚ ଡିଆଁ, ଲମ୍ବଡିଆଁ, ଚେସ୍ ଏବଂ କ୍ୟାରମ ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ, ସଦସ୍ୟ କିଶୋର ନ୍ୟାୟ ବୋର୍ଡ ଓ ଅତିରିକ୍ତ କିଶୋର ନ୍ୟାୟ ବୋର୍ଡ ଏବଂ ଶିଶୁ ମଙ୍ଗଳା ସମିତିର ଅଧ୍ୟକ୍ଷା ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନେ କିପରି ଆଗାମୀ ଦିନରେ ଭଲ ମଣିଷ ହୋଇ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବେ ଏହା ଶିଶୁଯତ୍ନ ଅନୁଷ୍ଠାନର ଦାୟିତ୍ୱ ବୋଲି କହିଥିଲେ। ଏହି ମହୋତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଉପରେ ଗୁରୁତ୍ୱାରୋପ କରି ଏହି ପ୍ରତିଭାକୁ କିପରି ଭାବେ ଲୋକଲୋଚନକୁ ଆଣିହେବ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ କରିହେବ ସେହି ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ସଚିନ୍ଦ୍ର ନାଥ ସାହୁ, ପ୍ରୋବେଶନ ଅଧିକାରୀ ସୌମେନ୍ଦ୍ର ନାୟକ, ଅଣଆନୁଷ୍ଠାନିକ ଅଧିକାରୀ ଅଶୋକ ସେଠୀ, ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ରୀତାଞ୍ଜଳି ମହାନ୍ତି, ଅରୁଣ ଏନ୍‌ଜିୟର କନ୍ସଲ୍ଟ, ନିରାଳି ପ୍ରଧାନ, ଅର୍ଚ୍ଚନା ରାୟ, ସୁକାନ୍ତ କୁମାର ପୃଷ୍ଟି, ଶିବାଶିଷ ମହାନ୍ତି, ସତ୍ୟ ସାମନ୍ତରା, ସଚିଦାନନ୍ଦ ସେଠୀ, ପ୍ରସୁନ ଶୁକ୍ଳ ପ୍ଲାନ ଇଣ୍ଡିଆର ପ୍ରମୁଖ କର୍ମଚାରୀ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତ୍ରୀ ମାନସ୍ୱିନୀ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।



150

ନିରନ୍ତର ବିକାଶ ଜୀବନର ଏକ ନିୟମ। ଯେଉଁ ବ୍ୟକ୍ତି ନିଜକୁ ସଠିକ୍ ବୋଲି ପ୍ରମାଣିତ କରି ନିଜର ରୁଢ଼ିବାଦିତାକୁ ବଜାୟ ରଖିବାକୁ ଚେଷ୍ଟା କରେ, ସେ ନିଜକୁ ଭୁଲ୍ ସ୍ଥିତିରେ ପହଞ୍ଚାଇ ଦିଏ।

- ଗାନ୍ଧୀ ବାଣୀ



## କାଶତଣ୍ଡୀ



ଶରତ କୁମାର ଦାସ

ଅଶିଣ ଆକାଶେ ଧୋବଲା ବଉଦ
ଝୁଲିଝୁଲି ପରା ଖେଳୁଛି ଦୋଳି
ଧରଣୀ ବୁକୁରେ ଖୁସିର ମହକ
କାହିଁ କିଏ ଆଣି ଦେଉଛି ବୋଳି।
ସବୁଜ ଘାସର ଗାଲିଚା ଉପରେ
ଧୋବ ଫରଫର ଚାଦର ଢାଙ୍କି
କିଏ ସେ ଯତନେ ମୋହୁଛି ମନକୁ
ସ୍ନେହ-ଶରଧାର ରଙ୍ଗକୁ ମାଖି।
କାଶତଣ୍ଡୀ ଫୁଲ ପସରାକୁ ମେଲି
ଶରତ ସାଥିରେ ଆସିଛି ଧାଇଁ,
ପରଶେ ତାହାର ହସୁଛି ମରତ
ତା ପରି ଆଉ ତ କିଏ ବା କାହିଁ।
ଭରିଛି ତା ଦେହେ ସରଗ ସୁଷମା
କାହୁଁ ପାଇଲା ସେ ନାହିଁଟି ଜଣା
ଧଳା ଓଢ଼ଣିରେ ଦିଶେ କି ସୁନ୍ଦର
ସଭିଏ ହୁଅନ୍ତି ତା ପାଇଁ ବଣା।
ଭାରି ମନଲୋଭା ତା ରୂପର ଶୋଭା
ଭାବିଲେ ଥରେଟି ଚକିତ ଲାଗେ
କୋଉ କାରିଗର କୋଉ କଳା ବଳେ
ଗଢ଼ିଛି ତାହାକୁ ଏମିତି ବାଗେ।
ବିଲମାଳ ହେଉ ଅବା ନଈପଠା
ଅପନ୍ତରା ଜାଗା ଅଛିଟି ଯହିଁ
ମନ ହରଷରେ ଗାଉଥାଏ ଗୀତ
ହସିହସି ନାଚୁଥାଏଟି ତହିଁ।
ପାରବଣ ଋତୁ ପାଦ ବଢ଼ାଇଲେ
ଚୁପିଚୁପି ଆସି କାନରେ କହେ
ଶୁଭବେଳା ଆସି ଛୁଇଁଲାଣି ମାଟି
ଆଶିଷର ସୁଅ ସରଗୁ ବହେ।

**ଅଧ୍ୟାପକ,**
**ବଡ଼ବିଲ ମହାବିଦ୍ୟାଳୟ, କେନ୍ଦୁଝର**
**ମୋ: ୮୨୪୯୧୩୭୦୯୧**

## ଚଷାପୁଅ ମୁଁ କରୁଛି ଚାଷ



ଜୟକୃଷ୍ଣ ସାହୁ

ଚଷା ପୁଅ ମୁଁ କରୁଛି ଚାଷ
ମୋ ପାଇଁ ଗରବ କରଇ ଦେଶ
ଦିନ ରାତି ଖଟୁଥାଏ
ମୁଁ ନ ଖଟିଲେ ତୁମ ସମସ୍ତଙ୍କୁ
ଆହାର ଦେବରେ କିଏ ?
ସକାଳ ପହରୁ ଲଙ୍ଗଳ ଧରେ
ଲଙ୍ଗଳରେ ବିଲ ଚାଷ ମୁଁ କରେ
ଅମଳ କରଇ ଶଷ୍ୟ
ନିଜେ ବଞ୍ଚି ମୁଁ ତୁମକୁ ବଞ୍ଚାଏ
ମୁଖରେ ଫୁଟାଇ ହସ।
କ୍ଷେତରେ ପରିବା ଚାଷ ମୁଁ କରେ
ତାକୁ ବିକିବାକି ପଇସା ଧରେ
ଖୁସିରେ ଚଳାଏ ଘର,
ହାତ ପତେଇବା ଜୀବନେ ଶିଖିନି
କରିନି ଉଧାରଧାର।
ପ୍ରିୟ ଖାଦ୍ୟ ମୋର ପଖାଳ ଭାତ
ଦେହ ପାଇଁ ପରା ବହୁତ ହିତ
ବେଳାଏ ପଖାଳ ଖାଇ,
ହଳ ବେଉଷଣ ଧାନ ରୁଆ ରୋଇ
ଖୁସିରେ କରଇ ଯାଇ।
ମୋ ସୁନା କ୍ଷେତରେ ପାଚିଲେ ଧାନ
ଖୁସିରେ କୁରୁଳି ଉଠଇ ମନ
ଖଳାରେ ସାଇତେ ଆଣି,
ଯତନରେ ଖଳା ଲିପି ଦେଇଥାଏ
ସକାଳୁ ଘରଣୀ ରାଣୀ।

**କପିଳ ପ୍ରସାଦ, ଭୁବନେଶ୍ୱର-୨**
**ମୋ: ୯୯୩୭୦୯୨୩୯୭**

## ଦୁଇଟି ଚିହ୍ନର ଦୁଇଟି କଥା



ନନ୍ଦକିଶୋର ସିଂହ

### ନାଗ ଫଣାରେ କଠଉ



ଆମେ ନାଗସାପ ଫଣାରେ କଠଉ ଚିହ୍ନ ଦେଖନ୍ତି। ଏ ଚିହ୍ନ ଜଣାଇ ଦିଏ ଦ୍ୱାପର ଯୁଗର ନନ୍ଦ ସୁତ କଳା କହ୍ନେଇ କଥା।

ଗୋପପୁର ନାଗ ଯୋଗୁଁ କାଳିନ୍ଦୀ ହ୍ରଦର ଜଳ ଖୁବ୍ ବିଶାକ୍ତ ହୋଇ ପଡ଼ିଥାଏ। କାରଣ ଏହି ହ୍ରଦରେ କାଳୀୟ ନାଗ ତା ପରିବାର ସହ ବାସ କରିଥାଏ।

କୃଷ୍ଣ ଏହି କାଳିନ୍ଦୀ ହ୍ରଦୁ ଡେଇଁ ପଡ଼ି ପହଁରିବାକୁ ଲାଗିଲେ। ଏ ଖବର କାଳୀୟ ନାଗ ପାଖରେ ପହଞ୍ଚିଗଲା। ସେ ତାର ସାତଟା ଫଣା ଟେକି ହ୍ରଦ ଉପରକୁ ମୁଣ୍ଡ ଉଠେଇଲା। କୃଷ୍ଣଙ୍କୁ ତା ବିଷ ଫୁତ୍କାରରେ ଜାଳି ଦେବାକୁ ବସିଲା। କୃଷ୍ଣ ତ ଡରିବା ପିଲା ନୁହେଁ। କଂସ ପଠାଇଥିବା କେଡ଼େ ବଡ଼ ବଡ଼ ରାକ୍ଷସକୁ ସାବାଡ଼ କରି ଦେଇଛି।

ଏଣୁ କୃଷ୍ଣ କାଳୀୟ ନାଗ ଫଣା ଉପରକୁ ଉଠି ନାଚିବାକୁ ଲାଗିଲେ। ପାଦରେ କଠଉ ଥୋଇ ବି କୃଷ୍ଣ ନାଚିନାଚି ନାଗଟାକୁ ଆତରା କାତରା କରିଦେଲେ। ଶେଷରେ ନାଗ କୃଷ୍ଣଙ୍କ ପାଖରେ ଶରଣ ପଶିଲା। କୃଷ୍ଣଙ୍କ କଥାମାନି ସେ କାଳିନ୍ଦୀ ହ୍ରଦ ଛାଡ଼ି ଦେଇ ଏକ ଅଜଣା ଦ୍ୱୀପକୁ ଚାଲିଗଲା। ସେଇ ଦିନୁ ନାଗ ବଂଶର ଫଣାରେ କଠଉ ଚିହ୍ନ ରହି ଆସିଛି ଆଉ ଦ୍ୱାପର ଯୁଗର କଥା ମନେପକାଇ ଦେଉଛି।



### ଗୁଣ୍ଡୁଚି ପିଠିରେ ତିନି ଗାର

ଇୟେ ତ୍ରେତୟା ଯୁଗର କଥା। ବାପାଙ୍କ ସତ୍ୟରକ୍ଷା କରିବା ପାଇଁ ପୁଅ ବଣକୁ ଗଲା। ସାଙ୍ଗରେ ସାନ ଭାଇ ଲକ୍ଷ୍ମଣ ଆଉ ସ୍ତ୍ରୀ ସୀତା। ଚଉଦ ବର୍ଷ ବଣରେ ରହିବା ପରେ କପଟୀ ରାବଣ ସୀତାକୁ ପଞ୍ଚବଟୀ କୁଡ଼ିଆରୁ ଜୋର ଜବରଦସ୍ତ ନେଇଗଲା। ଦୁଇ ଭାଇ ବଣରେ ବୁଲୁବୁଲୁ ସୁଗ୍ରୀବ ସାଙ୍ଗରେ ବନ୍ଧୁତା ହେଲା। ଭାଲୁ ମାଙ୍କଡ଼ ସେନା ବଳରେ ରାବଣକୁ ବଧ କରିବା ପାଇଁ ସାହସ ବାନ୍ଧିଲେ। ସାଗର ସୁତା ସହାନୁଭୂତି ଦେଖାଇ ତା ପିଠିରେ ସେତୁବନ୍ଧ ତିଆରି କରିବାକୁ ଅନୁମତି ଦେଲେ। ଭାଲୁ ମାଙ୍କଡ଼ ମିଳିମିଶି ବନ୍ଧ ତିଆରିରେ ଲାଗି ପଡ଼ିଲେ। ରାମ ଲକ୍ଷ୍ମଣ ଦୁଇ ଭାଇ ସେସବୁ ଦେଖୁଥାନ୍ତି। ହଠାତ୍ ରାମଙ୍କ ଆଖି ପଡ଼ିଲା ଗୋଟେ ପୁଣ୍ଡୁଚି ମୂଷା ଉପରେ। ସେ ଦରିଆ ପାଣିରେ ବୁଡ଼ିଯାଉଥାଏ ପୁଣି ଉଠି ଆସି ବାଲିରେ ଗଡ଼ି ଯାଉଥାଏ। ତାପରେ ବନ୍ଧ ଉପରକୁ ଯାଇ ଝାଡ଼ି ହୋଇ ବାଲିତକ ପକାଇ ଦେଉଥାଏ ବନ୍ଧ ଉପରେ।

ରାମଚନ୍ଦ୍ର ଏହି ଛୋଟିଆ ଜୀବଟିର ସାହାଯ୍ୟ ମନୋବୃତ୍ତି ଦେଖି ଖୁବ୍ ଖୁସି ହେଲେ। ତାକୁ ପାଖକୁ ଡାକି ଆଦରରେ ତା ପିଠିକୁ ଆଉଁସି ଦେଲେ। ଆଉ ସେଇ ଦିନଠୁ ଗୁଣ୍ଡୁଚି ମୂଷା ବଂଶରେ ପିଠିରେ ତିନିଟି ଗାର ଶୋଭା ପାଉଛି।

**କୋରେଇ, ଯାଜପୁର-୨୨, ମୋ: ୯୮୬୧୪୩୫୨୯୯**


## ମୋ ଗାଆଁ



ଦେବେନ୍ଦ୍ରନାଥ ମହାଳିକ

ମନ୍ତେଇ ନଈ ଯାଉଛି ବହି
ତା କୂଳେ ଆମ ଗାଆଁ
ଭୁଗୋଳ ପୋଥି ପତରେ ପରା
ନ ଥାଉ ତା'ର ନାଆଁ।
ଘରଟି ଆମ ନଡ଼ାଛପର
ଆହା କି ଶାନ୍ତିଦିଏ
ମାଆ ହାତରୁ ବାସୀ ତୋରାଣି
ସୁଧାଠୁଁ ବଳି ଯାଏ।
ସକାଳ ହେଲେ ସୁରୁଜ ଉଏଁ
କୋଇଲି ଗୀତ ଗାଏ
ନଈ କୂଳିଆ ଶୀତଳ ବାଆ
ଦେହକୁ ଛୁଇଁ ଯାଏ।
ନଈ କୂଳରେ ବଗିଚା ଆମ
ଫୁଟିଛି ନାନା ଫୁଲ
ପରଜାପତି ହରଷ ମନେ
ଫୁଲକୁ କରେ ଗଲେ।
ସେନେହ ବୋଳା ପଣତ ତା'ର
ଘୋଡ଼େଇ ଅଛି ମୋତେ
ଆମ ଗାଆଁ ପରି ଗାଁଟେ ନାହିଁ
ପୀରତି କରେ କେତେ।
ସଂଜ ନଇଁଲେ ଆମ ଗାଁ ହସେ
ଜହ୍ନ ଜୋଛନା ପାଇ
ବୋହୂ ବୋହୂ କା ଖେଳ ଖେଳନ୍ତି
ପିଲାଏ ମେଳ ହୋଇ।
ସାଙ୍ଗ ସାଥିରେ ଖେଳିଛି କେତେ
ଦେହରେ ବୋଳି ମାଟି
ତା ପାଣି ପିଇ ମଣିଷ ଆଜି
ପଡ଼ିନି କେବେ ଝୁଣ୍ଟି।
ଗାଆଁ ମୁଣ୍ଡରେ ମାଆ ମଙ୍ଗଳା
ସଦା ସବୁରି ସାହା
ତାଙ୍କ କରୁଣା ଜଗତେ ଥାଉ
ଜୀବନେ ଭରି ରାହା।

**ମଙ୍ଗଳପୁର, ପୀରହାଟ, ଭଦ୍ରକ**
**ମୋ: ୬୩୮୦୭୦୬୦୭୯**



## ଜୀବଜଗତ

### ଉତ୍ତର ଆମେରିକୀୟ ଝିଙ୍କ



ଝିଙ୍କର ଦେହ ସାରା ଲମ୍ୱା କଣ୍ଟା ଭଳି ମୁନିଆ ଖାଡ଼ି ରହିଥାଏ ଏବଂ ଦେହର ଚମଡ଼ା ମଧ୍ୟ ବେଶ୍ ବହଳ। ମୋଟ ୧୨ ଜାତିର ଝିଙ୍କ ଦେଖାଯାନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ଉତ୍ତର ଆମେରିକୀୟ ଝିଙ୍କ। ଏହାର ମୁଣ୍ଡ ପାଖାପାଖି ଥିବା କଣ୍ଟା ଅଧିକ ଲମ୍ୱା।

କାନାଡ଼ା ଏବଂ ଆମେରିକାର ଆଲାସ୍କା, ନ୍ୟୁମେକ୍ସିକୋ ଆଦି ଅଞ୍ଚଳ ଏମାନଙ୍କ ବାସସ୍ଥଳୀ। ଜଙ୍ଗଲରେ ହିଁ ଏମାନଙ୍କୁ ଦେଖିବାକୁ ମିଳେ। ଏମାନେ ସାଧାରଣତଃ ରାତ୍ରୀଚର। ଦେହର ଲମ୍ୱ ୪୬ରୁ ୫୬ ସେଣ୍ଟିମିଟ ଏବଂ ଲାଞ୍ଜର ଲମ୍ୱ ୧୮ରୁ ୨୩ ସେଣ୍ଟିମିଟର। ଗଛର କଅଁଳ ପତ୍ର, ମୁକୁଳ ଓ ନରମ ଛାଲି ଉତ୍ତର ଆମେରିକୀୟ ଝିଙ୍କଙ୍କ ପ୍ରଧାନଖାଦ୍ୟ। ଏହା ଛଡ଼ା ଏମାନ କେତେକ ଗଛର ମୂଳ ଓ ଶସ୍ୟ ମଧ୍ୟ ଖାଇଥାନ୍ତି। ୭ ମାସ ମା' ପେଟରେ ରହିବା ପରେ ଛୁଆ ଜନ୍ମ ନେଇଥାଏ। ମା' ଝିଙ୍କଠାରୁ ଥରକେ ସାଧାରଣତଃ ଗୋଟିଏ ଛୁଆ ଜନ୍ମ ହୋଇଥାଏ। ସବୁଠୁ ମଜା କଥା ହେଉଛି ଜନ୍ମ ହେବାର ମାତ୍ର କେତେ ଘଣ୍ଟା ପରେ ହିଁ ଛୁଆଟି ଗଛ ଚଢ଼ିବା ସହ କଠିନ ଖାଦ୍ୟ ଖାଇବା ଆରମ୍ଭ କରି ଦେଇଥାଏ।

## ମାଆ ହୁଅ ବାରେ ସାହାଗୋ



ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

କଇଁ ଫୁଟିଲାଣି ପୋଖରୀ ପାଣିରେ
ଧଳାବଉଦର ମେଳଣ
ବାଡ଼ ଦେହେ ଥାଇ ଅପରାଜିତାଟି
ଆରମ୍ଭ କଲାଣି ଝୁଲଣ।
କାଶତଣ୍ଡୀ ଫୁଲ ନଈପଠା ପରେ
ମୁହଁକୁ ଦେଲାଣି ଦେଖେଇ
ନିରିମଳ ପାଣି ମାଠିଆରେ ଭରି
ଆଣୁଛି ଟୁକୁନି କାଖେଇ।
ସକାଳୁ ସକାଳୁ ଝରିପଡୁ ଅଛି
ଗଛ ମୂଳେ କେତେ ଶେଫାଳି
ଶରତ ଆସିଛି ଧରାପରେ ପରା
ଜଣାଏ ବିହଗ କାକଳି।
ଯୁଦ୍ଧ ଘନଘଟା ତୁଟିଯାଇ ନାହିଁ
ଏବେ ବି ଚାଲିଛି ଲଢ଼େଇ
ନିରୀହ ଶିଶୁଏ ମରି ଶୋଉଛନ୍ତି
ଯାଉନାହିଁ ତାଙ୍କ ବଢ଼େଇ।
ଆସ ଅବତରି ଏଇ ଧରାଧାମେ
ମାଆ ହୁଅ ବାରେ ସାହାଗୋ
ଆଶିଷ ବରଷ ଅଧମଜନରେ
କହିଦିଅ ଥରେ ଆହାଗୋ।
ଦୂର ହୋଇ ଯାଉ ଅଭାବ କଷଣ
ଶାନ୍ତିର ପତାକା ଉଡ଼ାଇ
ଆଜିର ମଣିଷ ଛାଡ଼ିଦେଉ ତା'ର
ତୁଚ୍ଛା ଗର୍ବଧମ୍ଭ ବଡ଼ାଇ।

**କ୍ୱାର୍ଟର ନମ୍ବର ଆଇ ଭି ୫୦/୧**
**ୟୁନିଟ-୩, ଖାରବେଳନଗର**
**ଭୁବନେଶ୍ୱର-୭୫୧୦୦୧**
**ମୋ: ୬୩୭୨୯୧୫୪୧୮**

## ପରଜାପତି



ଲକ୍ଷ୍ମୀକାନ୍ତ ଦଳେଇ

ପରଜାପତି ତରକା ଅତି
କୋଉଠି ତା'ର ଘର
ରାତିଟା ସାରା କୋଉଠି ଥାଏ
ଲାଗେନା ତାକୁ ଡର ?
ସକାଳ ହେଲେ କାଇଁକି ସିଏ
ବଗିଚା ସାରା ବୁଲେ
ଖୁସି କି ସିଏ ହୁଅଇ, ଯେବେ
ଫୁଲରେ ବସି ଝୁଲେ ?
ଡେଣାରେ ତା'ର ଆଙ୍କିଟି କିଏ
ଛବି ଭଳିକି ଭଳି
ସେଥିରେ ପୁଣି ଭରିଚି ରଙ୍ଗ
ଏକୁ ଆରେକ ବଳି।
କାଇଁକି ମତେ ପରଜାପତି
ଦିଏନି ମତେ ଧରା
ପାଖକୁ ତା'ର ଯେବେ ମୁଁ ଯାଏ
ଉଡ଼ି ସେ ଯାଏ ପରା।
କିଏ କହିବ, କହିବ କିଏ
କହିବ ମତେ କିଏ
ଉତ୍ତର ସବୁ ଯିଏ କହିବ
ମିତ ମୋ ହେବ ସିଏ।

**ଶଶାଙ୍କ ନିବାସ, ବାଲିଘାଟ, ପୁରୀ-୨**
**ମୋ: ୯୦୪୦୫୧୦୧୦୪**




## ରେକର୍ଡ଼


### ସୁଖ ସମୃଦ୍ଧିର ରାଜ୍ୟ

ନିକଟରେ ସୁଖ ସମୃଦ୍ଧିରେ ଭରା ଦେଶର ୧୦ଟି ଶ୍ରେଷ୍ଠ ରାଜ୍ୟର ତାଲିକା ପ୍ରକାଶ ପାଇଛି। ଏଥିରେ ପ୍ରଥମ ସ୍ଥାନରେ ହିମାଚଳ ପ୍ରଦେଶ ରହିଥିବା ବେଳେ ମିଜୋରାମ ଦ୍ୱିତୀୟ ଓ ସିକିମ ତୃତୀୟ ସ୍ଥାନରେ ରହିଛି। ଏମାନଙ୍କ ପଛକୁ ୪ରୁ ୧୦ ପର୍ଯ୍ୟନ୍ତ କ୍ରମାନ୍ୱୟରେ ତଳକୁ ତଳ ରହିଛନ୍ତି ଗୋଆ, କେରଳ, ତାମିଲନାଡୁ, ପଞ୍ଜାବ, ଉତ୍ତରାଖଣ୍ଡ, ରାଜସ୍ଥାନ ଓ ମହାରାଷ୍ଟ୍ର। ସମୃଦ୍ଧ ପ୍ରାକୃତିକ ସଂପଦ, ଉତ୍ତମ ପରିବେଶ, ସ୍ୱାସ୍ଥ୍ୟ, ନିରାପତ୍ତା, ଶିକ୍ଷା, ସଂପ୍ରଦାୟିକ ସଦ୍‌ଭାବ ଆଦି ମାନଦଣ୍ଡକୁ ବିଚାରକୁ ନିଆଯାଇ ଏହି ତାଲିକା ପ୍ରକାଶ କରାଯାଇଛି।




## ପାରିବ କି କହି ?






୧- କନ୍ୟାକୁମାରୀ କେଉଁ ରାଜ୍ୟରେ ଅବସ୍ଥିତ ?
୨- ଦେଶର କେଉଁ ସ୍ଥାନରେ ରହିଛି ପ୍ରସିଦ୍ଧ ପଦ୍ମନାଭସ୍ୱାମୀ ମନ୍ଦିର ?
୩- ପ୍ରସିଦ୍ଧ ଦ୍ୱାରକା ନଗର କେଉଁ ନଦୀକୂଳରେ ଅବସ୍ଥିତ ?
୪- ବଦ୍ରିନାଥ ମନ୍ଦିରରେ କେଉଁ ଦେବତା ପୂଜା ପାଆନ୍ତି ?
୫- ଧଉଳି ପାହାଡ଼ ଦେଶରେ କେଉଁ ନଦୀ ବହିଯାଇଛି ?
୬- କେଉଁ ସ୍ଥାନରେ ପ୍ରସିଦ୍ଧ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ପୂଜା ପାଆନ୍ତି ?
୭- ଇଣ୍ଡିଆ ଗେଟ୍ କେଉଁ ନଗରୀର ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ସ୍ଥଳୀ ?

ଉତ୍ତର: ୧- ତାମିଲନାଡୁ, ୨- ଥିରୁବନନ୍ତପୁରମ, ୩- ଗୋମତୀ, ୪- ବିଷ୍ଣୁ, ୫- ଦୟାନଦୀ, ୬- ମଧ୍ୟପ୍ରଦେଶର ଉଜ୍ଜୟିନୀ, ୭- ଦିଲ୍ଲୀ

## ତୁମ ପାଇଁ ବହି





### ଆମ ସମ୍ବିଧାନର ପ୍ରଣେତା ଡ. ଆମ୍ବେଦକର

**ଲେଖକ: ଡ. ଅରୁଣ କୁମାର ପଣ୍ଡା**
**ପ୍ରକାଶକ: ନବଦିଗନ୍ତ, ବିନୋଦ ବିହାରୀ, କଟକ-୨**
**ମୂଲ୍ୟ: ୯୦ ଟଙ୍କା**

ଏହା ହେଉଛି ବାବା ସାହେବ ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ଜୀବନୀ ପୁସ୍ତକ। ଏଥିରେ ତାଙ୍କ ଘଟଣାବହୁଳ ଜୀବନର ସଂଘର୍ଷଭରା କାହାଣୀ ସ୍ଥାନ ପାଇଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଘଟଣା ସରଳ ଭାଷାରେ ଆଲୋଚିତ ହୋଇଛି। ପିଲାମାନେ ଏହାକୁ ପାଠ କରି ବାବା ସାହେବଙ୍କ ଜୀବନୀ ଜାଣିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ।

## କୁନାକୁନିଙ୍କ ଚିତ୍ର





ପିୟାଲ ଶା
କ୍ଲାସ୍-୧, ଡିଏଭି ପବ୍ଲିକ୍ ସ୍କୁଲ, ଦେଓଗଡ଼, ଝାରଖଣ୍ଡ



ଓମ୍ପ୍ରକାଶ ବାରିକ
କ୍ଲାସ୍-୧୧, ଶିବ ବିନାୟକ କଲେଜ, ଅନୁଗୁଳ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/୯, ଜୋନ୍-ବି, ସେକ୍ଟର-୯, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

ନିତିଦିନ NITIDIN



## ଆଜି ଏନ୍‌ଏଲ୍‌ୟୁର ସମାବର୍ତ୍ତନ ଉତ୍ସବ

# ୨୧୮ ଛାତ୍ରଛାତ୍ରୀଙ୍କୁ ଦିଆଯିବ ଡିଗ୍ରୀ



**କଟକ,୧୨।୯/ଏନ୍‌ଏନ୍‌ଏସ୍:** ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟ (ଏନ୍‌ଏଲ୍‌ୟୁ)ର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ଆସନ୍ତାକାଲି କ୍ୟାମ୍ପସ୍‌ର ଆମ୍ପିଥିଏଟର୍‌ରେ ଅନୁଷ୍ଠିତ ହେବ। ସମାବର୍ତ୍ତନ ଉତ୍ସବ ବାବଦରେ ଆଜି ଏନ୍‌ଏଲ୍‌ୟୁର କୁଳପତି ପ୍ରଫେସର ବେଦକୁମାରୀ ସୂଚନା ଦେଇଛନ୍ତି । ବିଶ୍ୱବିଦ୍ୟାଳୟ ୫ ବର୍ଷିଆ ସମନ୍ୱିତ ବିଏଏଲ୍‌ଏଲ୍‌ବି (ଅନର୍ସ) ଏବଂ ବିବିଏ ଏଲ୍‌ଏଲ୍‌ବି (ଅନର୍ସ)ର ୧୬୮ଜଣ ସ୍ନାତକଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏହାଛଡ଼ା ୪୨ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏନ୍‌ଏଲ୍‌ଏମ୍ ଡିଗ୍ରୀ ପ୍ରଦାନ କରାଯିବ। ଏହାଛଡ଼ା ଉତ୍ସବରେ ୩ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ଏବଂ ୫ଜଣ ବିଏଆଇନ (ଅନର୍ସ) ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ସେହିଭଳି ୧୪ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ ବୋଲି ଏନ୍‌ଏଲ୍‌ୟୁ ପକ୍ଷରୁ ସୂଚନା ଦିଆଯାଇଛି। ସମାବର୍ତ୍ତନ ଉତ୍ସବରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଏନ୍‌ଏଲ୍‌ଓୟୁର କୁଳାଧିପତି ଜଷ୍ଟିସ୍ ହରିଶ ଟଣ୍ଡନ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାତୀୟ ନ୍ୟାୟିକ ଏକାଡେମୀର ନିର୍ଦ୍ଦେଶକ ଏବଂ ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନିରୁଦ୍ଧ ବୋଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଐତିହାସିକ କଟକ ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

# ନଭେମ୍ବର ୫ରୁ ୧୨ ଯାଏ ବାଲିଯାତ୍ରା

### ୧୧ଟା ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ

### ତଳ ପଡ଼ିଆରେ ୬୦ ଏକର ସ୍ଥାନରେ ହେବ ଆୟୋଜନ



**କଟକ,୧୨।୯/ଏନ୍‌ଏନ୍‌ଏସ୍:** ଚଳିତବର୍ଷ ନଭେମ୍ବର ୫ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା, କଟକ ଉତ୍ସବ-୨୦୨୫ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଆଜି ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ -୨୦୨୫ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ସହ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ଚଳିତବର୍ଷ କେବଳ ତଳ ପଡ଼ିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ। ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ପାଇଁ ଲଗାତାର ତୃତୀୟ ବର୍ଷ ନିମନ୍ତେ ଚଳିତ ଥରର ବାଲିଯାତ୍ରା ସମ୍ପର୍କିତ ରିପୋର୍ଟ ୟୁନେସ୍କୋକୁ ପଠାଯିବ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବାଲିଯାତ୍ରା କୋର୍ କମିଟି ଗଠନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କ ଅଧ୍ୟକ୍ଷତାରେ ଜମି ଆବଣ୍ଟନ କମିଟି, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ କମିଟି, ଅତିରିକ୍ତ ଜିଲ୍ଲାପାଳ ସାଧାରଣଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳନା ଓ ଟେଣ୍ଡର୍ କମିଟି, ଉପଜିଲ୍ଲାପାଳ କଟକ ସଦରଙ୍କ ଅଧ୍ୟକ୍ଷତାରେ ଗଣମାଧ୍ୟମ ସମନ୍ୱୟ କମିଟି କାର୍ଯ୍ୟ କରିବ। ଅନ୍ୟାନ୍ୟ କମିଟି ମଧ୍ୟ ଗଠନ କରାଯାଇଛି। ଚଳିତବର୍ଷ ଇଣ୍ଟିଗ୍ରେଟେଡ୍ ୱେବସାଇଟ୍ ମାଧ୍ୟମରେ ବାଲିଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ ହେବ। ଗତବର୍ଷର ଅଭିଜ୍ଞତାକୁ ଭିତ୍ତିକରି ଅଧିକ ଉନ୍ନତ ମାନର କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାଲିଯାତ୍ରାର ଅନ୍ତତଃ ୨୦ ଦିନ ପୂର୍ବରୁ ସମସ୍ତ ବିଭାଗ ନିଜ ନିଜର କାର୍ଯ୍ୟ ସମ୍ବନ୍ଧୀୟ ନୀଳନକ୍‌ସା ପ୍ରସ୍ତୁତ କରିନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଉଭୟ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। ଯାହାଫଳରେ କୌଣସି ଗୋଟିଏ ମଞ୍ଚ ନିକଟରେ ଅଧିକ ଜନଗହଳି ଦେଖିବାକୁ ମିଳିବ ନାହିଁ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଚାହୁଁଥିବା ଅନୁଷ୍ଠାନ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟରେ ପଞ୍ଜିକୃତ ହୋଇଥିବା ବାଧ୍ୟତାମୂଳକ ଏବଂ ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଆବଶ୍ୟକ। ଆବେଦନକାରୀ cuttack.odisha.gov.in ୱେବ୍‌ସାଇଟ୍‌ରୁ ଆବେଦନ ଫର୍ମ ଡାଉନ୍‌ଲୋଡ୍ କରି dco.ctc@gmail.com/dco.ctc @gov.inରେ ପ୍ରେରଣ କରିପାରିବେ କିମ୍ବା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ସିଧାସଳଖ ଦାଖଲ କରିପାରିବେ। ଚଳିତବର୍ଷ ରାତି ୧୧ଟା ପର୍ଯ୍ୟନ୍ତ ବାଲିଯାତ୍ରା ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଡିସିପି ରଷିକେଶ ଦ୍ୟାନଦେଓ ଖିଲାରୀ ସମ୍ପୂର୍ଣ୍ଣ ଟ୍ରାଫିକ୍ ନିୟନ୍ତ୍ରଣର ରୂପରେଖ ପ୍ରସ୍ତୁତ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ କଟକ, ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ପାଇଁ ପୁଣି ଗୋଟିଏ ଦିନ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା

**କଟକ,୧୨।୯/ଏନ୍‌ଏନ୍‌ଏସ୍:** ଆସନ୍ତା ଦୁର୍ଗାପୂଜା ନିମନ୍ତେ ଦୁର୍ଗାପୂଜା କମିଟିଗୁଡିକ ବିଭିନ୍ନ ଅନୁମତି ହାସଲ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ଆସନ୍ତା ୧୩ ତାରିଖ ଶନିବାର ବାରବାଟୀ ପ୍ୟାଲେସ୍‌ରେ ଆଉ ଗୋଟିଏ ଦିନ ପାଇଁ କାର୍ଯ୍ୟକ୍ଷମ ରହିବ। ଏହା ସକାଳ ୯ ଘଟିକାରୁ ଆରମ୍ଭ ହୋଇ ଅପରାହ୍ଣ ୫ ଘଟିକା ୩୦ ମିନିଟ ପର୍ଯ୍ୟନ୍ତ ଚାଲିବ। ପ୍ରକାଶଥାଉକି ୫ରୁ ୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସିଙ୍ଗଲ୍ ୱିଣ୍ଡୋରେ କେତେକ ପୂଜା କମିଟି ବିଭିନ୍ନ କାରଣରୁ ଏନ୍‌ଓସି ହାସଲ କରିପାରିନଥିବାରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ପୂଜା କମିଟିଗୁଡ଼ିକ ସିଙ୍ଗଲ୍ ୱିଣ୍ଡୋ ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ପୂଜା କମିଟିଗୁଡ଼ିକର ଅନୁରୋଧ ଅନୁଯାୟୀ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଆଉ ଗୋଟିଏ ଦିନ ସିଙ୍ଗଲ୍ ୱିଣ୍ଡୋ କାର୍ଯ୍ୟକ୍ଷମ ରହିବାକୁ ସମ୍ମତି ପ୍ରଦାନ କରିଥିଲେ। ଗତ ୫ରୁ ୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସିଙ୍ଗଲ୍ ୱିଣ୍ଡୋରେ ୧୧୭ଟି ପୂଜା କମିଟି ଏନ୍‌ଓସି ହାସଲ କରିଛନ୍ତି। ଅନୁମତି ହାସଲ କରିନଥିବା ସମସ୍ତ ପୂଜା କମିଟି ଶନିବାର କାର୍ଯ୍ୟକ୍ଷମ ହେଉଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରୁ ଅନୁମତିପତ୍ର ହାସଲ କରିନେବାକୁ କୁହାଯାଇଛି।

## ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

# ୧୭୫୦ ଲିଟର ଦେଶୀମଦ ଜବତ

**କଟକ,୧୨।୯/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିଆରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସି.ଏଚ୍ ତିରୁପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ତିଗିରିଆ ଥାନା ଅନ୍ତର୍ଗତ ପାଇକ ସାହି ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ ଓ ଆଠଗଡ଼ ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ୧୭୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହାଛଡ଼ା ୧୫୪୭୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ପୋଚକୁ ନଷ୍ଟ କରାଯାଇଛି। ମଦ ରନ୍ଧା ପାଇଁ ବ୍ୟବହୃତ ହେଉଥିବା ୨୫ଟି ଆଲୁମିନିୟମ୍ ଡିସ୍କ ଜବତ ହୋଇଛି। ଅବକାରୀ ବିଭାଗ ଏହି ଘଟଣାରେ ୫ଟି ମାମଲା ରୁଜୁ କରିଛି। ଏହି ଚଢ଼ାଉରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଆଠଗଡ଼ ଅବକାରୀ ଉପନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପନିରୀକ୍ଷକ ସୌମ୍ୟ ରଂଜନ ମାଝି, ନରସିଂହପୁର ଅବକାରୀ ଉପନିରୀକ୍ଷକ ବାପି ସାହୁ ପ୍ରମୁଖ ସାମିଲ ଥିଲେ।

# କାହ୍ନୁଚରଣ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଉଦ୍‌ଘାଟିତ



**କଟକ,୧୨।୯/ଏନ୍‌ଏନ୍‌ଏସ୍:** ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଅଭିପ୍ସାର ଉପଦେଷ୍ଟା ସ୍ୱର୍ଗତ କାହ୍ନୁଚରଣ ନାୟକଙ୍କ ସ୍ମୃତିରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କାହ୍ନୁଚରଣ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଦାମବାଡ଼ି ନିଉ କଲୋନୀ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ସ୍ୱଚ୍ଛ ବିଦ୍ୟାଳୟ , ସ୍ୱଚ୍ଛ ଭାରତ ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଉଦ୍‌ଘାଟନ କରି ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରାଇଥାଏ ବୋଲି କହିଥିଲେ। ଅଭୀପ୍ସାର ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ନାୟକ ଦୀର୍ଘ ୧୨ ବର୍ଷ ଧରି କାହ୍ନୁଚରଣ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ଭାବେ ଚାଲିଆସୁଥିବାର ସୂଚନା ପ୍ରାରମ୍ଭିକ ଭାଷଣରେ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ଅନୁଷ୍କା ଜେନା (ପ୍ରଥମ), ନବମ ଶ୍ରେଣୀର ଛାତ୍ରୀ ଭୂମିକା ସିଲ୍ (ଦ୍ୱିତୀୟ) ଓ ମୌସୁମୀ ଭୂୟାଁ (ତୃତୀୟ)ଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୁର୍ଗେଶ ନନ୍ଦିନୀ ଦାଶ, ଅଭୀପ୍ସା ଯୁବମଞ୍ଚର ସଂପାଦକ ପ୍ରକାଶ ଚନ୍ଦ୍ର ସିଲ୍ ପ୍ରମୁଖ ସାର୍ଟିଫିକେଟ୍ ଓ କାହ୍ନୁଚରଣ ସ୍ମୃତି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆକାଶ ବେହେରା ଓ ମଦନ ସ୍ୱାଇଁ ସହଯୋଗ କରିଥିଲେ।

# ସନ୍ଥ ବିନୋବା ଭାବେଙ୍କ ଜୟନ୍ତୀ



**କଟକ,୧୨।୯/ଏନ୍‌ଏନ୍‌ଏସ୍:** ସ୍ଥାନୀୟ କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୂଦାନ ଆନ୍ଦୋଳନର ପ୍ରଣେତା ସନ୍ଥ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଦର୍ଶୀନୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଉତ୍କଳ ସର୍ବୋଦୟ ମଣ୍ଡଳ ଓ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିନୋବା ଆଶ୍ରମ ପୌନାର ଶିକ୍ଷାର୍ଥୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆରତୀ ପଣ୍ଡା ସନ୍ଥ ବିନୋବାଙ୍କ ଆଦର୍ଶ କର୍ମମୟ ଜୀବନ ଓ କୃତି ସଂପର୍କରେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବୋଦୟ ଲୋକସେବକ ତଥା ସର୍ବସେବା ସଂଘ ଟ୍ରଷ୍ଟି ରମାକାନ୍ତ ନାଥ ଏଥିରେ ଯୋଗଦେଇ କହିଥିଲେ ଯେ, ଅର୍ଥନୈତିକ ସ୍ୱାଧୀନତା ପାଇଁ ଭୂଦାନ, ଗ୍ରାମଦାନ ଆନ୍ଦୋଳନ, ସାମାଜିକ ସଂସ୍ଥା ପାଇଁ କୁସଂସ୍କାର ଦୂର କରିବା ଓ ଛୁଆଁ ଅଛୁଆଁ ଭେଦଭାବ ଦୂର କରିବା ଦିଗରେ ବିନୋବା ଉଦ୍ୟମ କରିଥିଲେ। ଅନ୍ୟତମ ବକ୍ତା ଡ. ବସନ୍ତ କୁମାରୀ ନନ୍ଦ ଓ ସର୍ବୋଦୟ ସେବିକା ରେଣୁକା ସାହୁ ଛାତ୍ରଛାତ୍ରୀମାନଙ୍କୁ ଆଦର୍ଶ ଜୀବନଯାପନ ପାଇଁ ପ୍ରେରଣା ଦେଇଥିଲେ। ପ୍ରାରମ୍ଭରେ ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ। ଲୋକସେବକ ସ୍ନେହାଂଶୁ ଜେନା କ୍ରାନ୍ତିଗୀତ ଗାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଣତି ମଙ୍ଗରାଜ, ସୁମନ ପ୍ରତିହାରୀ ସଭା ପରିଚାଳନା କରିଥିଲାବେଳେ ସ୍ମିତାରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭା ଅବସରରେ ରମାକାନ୍ତ ନାଥଙ୍କ ବହି 'ମହାତ୍ମା ମୟୁଖ' ଲୋକାର୍ପଣ କରାଯାଇଥିଲା।

# କଟକ ମେଡିକାଲ୍ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ



**କଟକ,୧୨।୯/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ମେଡିକାଲ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ହେବା ସହ ଏକ ପ୍ରସ୍ତୁତି ବୈଠକ ସିଟି ହସ୍ପିଟାଲ୍ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କର୍ମଚାରୀ ସଂଘର ନୂତନ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଶତପଥୀ ଏବଂ ଯୁଗ୍ମ ସମ୍ପାଦକ ଭାବେ ଏସ .କେ ମଂଜୁରଙ୍କୁ ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ସଙ୍ଘର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସଠିକ ଢଙ୍ଗରେ ପରିଚାଳନା କରିବା ସହ ଜିଲ୍ଲାମାନଙ୍କରେ ଥିବା କର୍ମଚାରୀମାନଙ୍କ ସମସ୍ତ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦିଆଯିବ ବୋଲି ରାଜ୍ୟ ସମ୍ପାଦକ ପ୍ରସନ୍ନ ସାମଲ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ଗୋଛାୟତ, ମମତା ସାହୁ, ମହମ୍ମଦ ଲିୟାକତ ଅଲ୍ଲୀ, ଯୁଗ୍ମସମ୍ପାଦକ ଅଶୋକ ଦାସ, ମାନସ ସାହୁ, ନନ୍ଦ କିଶୋର ନାୟକ, ସନ୍ତୋଷ ନାୟକ, ସରସ୍ୱତୀ ନାୟକ, ଚଞ୍ଚଳା ସ୍ୱାଇଁ, ଗଜଲକ୍ଷ୍ମୀ ନାୟକ, ପ୍ରଭାତୀ ନାୟକ, ବିଶ୍ୱରଂଜନ ଦଳାଇ, କୁନା ବାରିକ, ଅଲେଖ ନିଶଙ୍କ, ରବୀନ୍ଦ୍ର ପ୍ରଧାନ, ଜଳଧର ମହାନ୍ତି, ଚିନ୍ତାମଣି ରାଉତ, ମାହାଙ୍ଗା ଅଞ୍ଚଳରୁ ଦେବଦତ୍ତ ମିଶ୍ର, ଶିବ ପରିଡ଼ା, ଅଶୋକ ପରିଡା, କାଳନ୍ଦୀ ମହାନ୍ତି, ମାନସ ନାୟକ, ରବି ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଫୁଙ୍ଗୁଳା ପଡ଼ିଛି ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ କେବୁଲ୍

# ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି



**କଟକ,୧୨।୯/ଏନ୍‌ଏନ୍‌ଏସ୍:** ରାଜେନ୍ଦ୍ର ନଗର କଲ୍ୟାଣୀ ନଗର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବିଦ୍ୟୁତ ମରାମତି କାର୍ଯ୍ୟ ଅଧପନ୍ତରିଆ ହୋଇଥିଲା ବେଳେ ରାସ୍ତା ଅବରୋଧ ହୋଇଛି। ଫଳରେ ଏଠାରେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି ଜନସାଧାରଣ। ଦୀର୍ଘଦିନରୁ ଖୋଲା ମେଲା ଅବସ୍ଥାରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ କେବୁଲ୍ ଫୁଙ୍ଗୁଳା ଅବସ୍ଥାରେ ପଡ଼ିରହିଛି। ଏହି ରାସ୍ତାରେ ହଜାର ହଜାର ପଥଚାରୀ ଯିବାଆସିବା ସମୟରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଅନେକ ସମୟରେ ଯେଉଁ ସମୟରେ ଭାରି ଯାନ ଏହି ରାସ୍ତା ଦେଇ ଯିବାଆସିବା କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। କିଛି ଦୂରରେ ମାତୃଭବନ ଶିକ୍ଷାନୁଷ୍ଠାନ ସହିତ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ରାସ୍ତା ଅବରୋଧ ଯୋଗୁ ଦୀର୍ଘ ସମୟଧରି ଠିଆହେବାକୁ ପଡୁଛି। ବିଭିନ୍ନ ସମୟରେ ଆମ୍ବୁଲାନ୍ସ ଯାତାୟାତରେ ଅସୁବିଧାର ସମ୍ମୁଖିନ ହେଉଛି। ବିଦ୍ୟୁତ୍ ବିଭାଗ ସିଏମ୍‌ସି କର୍ତ୍ତୃପକ୍ଷ ଏହା ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟାଳୟଠାରେ ଦିନିକିଆ କର୍ମଶାଳା



**କଟକ,୧୨।୯/ଏନ୍‌ଏନ୍‌ଏସ୍ :** ନୂଆଦିଲ୍ଲୀସ୍ଥିତ ମେସୋ କମ୍ପାନୀ ଏବଂ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପୋଦ୍ୟୋଗୀ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଶୁକ୍ରବାର କଲେଜଛକସ୍ଥିତ ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ, ଗତ ୨୦୨୩ ମସିହା ସେପ୍ଟେମ୍ବର ୧୭ ତାରିଖ ଦିନ କେନ୍ଦ୍ର ସରକାର ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଆଜି ଅନୁଷ୍ଠିତ କର୍ମଶାଳାରେ ବୃତ୍ତିଗତ ଶିଳ୍ପୀମାନଙ୍କର ଦକ୍ଷତା ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା । ଏହି କର୍ମଶାଳାରେ ଏମ୍‌ଏସ୍‌ଏମ୍‌ଇ ଯୁଗ୍ମ ନିର୍ଦ୍ଦେଶକ ପିକେ ଗୁପ୍ତା, ନିର୍ଦ୍ଦେଶକ ତରୁଣକାନ୍ତ ମହାନ୍ତି, ମେସୋ କମ୍ପାନୀର ସହକାରୀ ମାର୍କେଟିଂ ଅଧିକାରୀ ଅଭିଷେକ ରଣା, ଡାକ ବିଭାଗର ଆଞ୍ଚଳିକ ମୁଖ୍ୟ ମୁରଲୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ନିର୍ଦ୍ଦେଶକ ଏସ୍.କେ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସିଆ କପ୍‌ରେ ପାକିସ୍ତାନର ଧମାକାଦାର ଆରମ୍ଭ



**ଦୁବାଇ,୧୨।୯/ଏଜେନ୍ସି:** ଚଳିତ ଏସିଆ କପ୍‌ରେ ପାକିସ୍ତାନ ଟିମ୍ ଧମାକାଦାର ଆରମ୍ଭ କରିଛି। ଶୁକ୍ରବାର ଦୁବାଇ ଇଣ୍ଟରନାସ୍‌ନାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଓମାନ୍‌କୁ ୯୩ ରନ୍‌ରେ ହରାଇ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରେ ଧମାକାଦାର ଆରମ୍ଭ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ମହମ୍ମଦ ହାରିସ୍‌ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ନିର୍ଦ୍ଧାରିତ ଓଭର୍‌ରେ ୭ ୱିକେଟ୍ ହରାଇ ୧୬୦ ରନ୍ କରିଥିଲା। ଜବାବରେ ଓମାନ୍ ଖେଳାଳି ପାକ୍ ସ୍ପିନ୍ ଆକ୍ରମଣର ସମ୍ମୁଖୀନ ହୋଇନପାରି ୧୬.୪ ଓଭର୍‌ରେ ମାତ୍ର ୬୭ ରନ୍‌ରେ ଅଲ୍‌ଆଉଟ୍ ହୋଇଛି।

୧୬୧ ରନ୍ ଲକ୍ଷ୍ୟର ପିଛା କରୁଥିବା ଓମାନ୍ ଆରମ୍ଭରୁ ହିଁ ୱିକେଟ୍ ହରାଇ ୧୬.୪ ଓଭର୍‌ରେ ମାତ୍ର ୬୭ ରନ୍ ମଧ୍ୟରେ ସୀମିତ ହୋଇଯାଇଥିଲା। କ୍ୟାପ୍ଟେନ୍ ଜତିନ୍ଦର ସିଂହ (୧) ଏବଂ ଓପନର୍ ଆମିର କଲୀମ୍ (୧୩ ରନ୍)ଙ୍କୁ ପାର୍ଟଟାଇମ୍ ସ୍ପିନର୍ ସଇମ୍ ଅୟୁବ୍ ପ୍ୟାଭିଲିୟନ୍ ଫେରାଇଥିଲେ। ସେହିପରି ମହମ୍ମଦ ନଦୀମ୍ (୩ ରନ୍) ଓ ହମ୍ମାଦ ମିର୍ଜା (୨୭ ରନ୍)ଙ୍କୁ ଚାଇନାମ୍ୟାନ୍ ବୋଲର୍ ସୁଫିୟାନ୍ ମୁକିମ୍ ଆଉଟ୍ କରିଥିଲେ। ସୁଫିୟାନ୍ ମହମୁଦ୍‌ଙ୍କୁ ବାମହାତୀ ସ୍ପିନର୍ ମହମ୍ମଦ ନୱାଜ୍ ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିବା ବେଳେ ବିନାୟକ ଶୁକ୍ଳା ୨ ରନ୍‌ରେ ଆଉଟ୍ ହୋଇଥିଲେ। ଜିକ୍ରିଆ ଇସ୍‌ଲାମ୍ ଖାତା ଖୋଲିପାରି ନଥିବା ବେଳେ ଶାହ ଫେସଲ୍ ୧ ରନ୍ କରି ଶାହିଦ୍ ଆଫ୍ରିଦିଙ୍କ ଶିକାର ହୋଇଥିଲେ। ହସ୍‌ନୈନ୍ ଶାହ ୧ ରନ୍ କରି ଫାହିମ୍ ଅଶ୍‌ରଫ୍‌ଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଶକିଲ୍ ଅହମଦ ୧୦ ରନ୍‌ରେ ଅବ୍ରାର୍ ଅହମଦଙ୍କ ଶିକାର ହୋଇଥିବା ବେଳେ ସମୟ ଶ୍ରୀବାସ୍ତବ ୫ ରନ୍‌ରେ ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ସଇମ୍ ଅୟୁବ୍, ସୁଫିୟାନ୍ ମୁକିମ୍ ଏବଂ ଫହିମ୍ ଅଶରଫ୍ ୩-୩ ୱିକେଟ୍ ନେଇଥିବା ବେଳେ ଶାହିନ୍ ଆଫ୍ରିଦି, ଅବ୍ରାର୍ ଅହମଦ ଏବଂ ମହମ୍ମଦ ନୱାଜ୍‌ଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।

ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପ୍ରଥମ ଥର ଓମାନ୍‌କୁ ଭେଟିଥିବା ପାକିସ୍ତାନ ଟସ୍ ଜିତି ବ୍ୟାଟିଂ ନେଇଥିଲା। ତେବେ ଟିମ୍‌ର ଆରମ୍ଭ ଭଲ ନଥିଲା ଏବଂ ପ୍ରଥମ ଓଭର୍‌ରେ ହିଁ ସଇମ୍ ଅୟୁବ୍‌ଙ୍କ ୱିକେଟ୍ ହରାଇଥିଲା। ଅୟୁବ୍ ଖାତା ଖୋଲିବା ପୂର୍ବରୁ ଫୈସଲ୍ ଶାହଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୪ ରନ୍‌ର ସ୍କୋର୍‌ରେ ପ୍ରଥମ ୱିକେଟ୍ ହରାଇବା ପରେ ସାହିବଜାଦା ଫରହାନ୍ ଓ ୱିକେଟ୍‌କିପର୍ ବ୍ୟାଟର୍ ମହମ୍ମଦ ହାରିସ୍‌ଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୮୫ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଏହି ଅବସରରେ ହାରିସ୍ ୩୨ ବଲ୍‌ରେ ନିଜ ଅର୍ଦ୍ଧଶତକ ପୂରଣ କରିଥିଲେ। ଅନ୍ୟପଟେ ଫରହାନ୍ ମଧ୍ୟ କେତେକ ଉନ୍ନତ ଶଟ୍ ଖେଳିଥିଲେ। ତେବେ ଫରହାନ୍ (୨୯)ଙ୍କୁ କଟ୍ ଆଣ୍ଡ ବୋଲ୍ଡ କରି ଆମୀର କଲୀମ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଏହାପରେ ଆମୀର କଲୀମ୍ ଲଗାତାର ବଲ୍‌ରେ ମହମ୍ମଦ ହାରିସ୍ ଏବଂ କ୍ୟାପ୍ଟେନ୍ ସଲ୍‌ମାନ୍ ଅଲୀ ଆଗାଙ୍କୁ ଆଉଟ୍ କରିଥିଲେ। ହାରିସ୍ ୪୩ ବଲ୍‌ରେ ସାତ ଚୌକା ଓ ତିନି ଛକା ସହାୟତାରେ ୬୬ ରନ୍ କରିଥିବା ବେଳେ ସଲ୍‌ମାନ୍ ଆଗା ଖାତା ମଧ୍ୟ ଖୋଲିପାରି ନଥିଲେ। ହସନ୍ ନୱାଜ୍ ମଧ୍ୟ ୯ ରନ୍ କରି ଆଉଟ୍ ହୋଇଥିଲେ। ଫଳରେ ପାକିସ୍ତାନର ସ୍କୋର୍ ୧୨୦/୫ ହୋଇଯାଇଥିଲା। ଏହାପରେ ମହମ୍ମଦ ନୱାଜ୍ (୧୯ ରନ୍) ଓ ଫଖର ଜମାନ୍ ଅପରାଜିତ ୨୩ ରନ୍‌ର ଉପଯୋଗୀ ଇନିଂସ୍ ଖେଳି ପାକିସ୍ତାନକୁ ୧୬୦ ରନ୍‌ର ସମ୍ମାନଜନକ ସ୍କୋର୍‌ରେ ପହଞ୍ଚାଇଥିଲେ। ଓମାନ୍ ପକ୍ଷରୁ ଫୈସଲ୍ ଶାହ ଓ ଆମୀର କଲୀନ୍ ୩-୩ ୱିକେଟ୍ ନେଇଥିବା ବେଳେ ମହମ୍ମଦ ନଦୀମ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

## ଦୁଲୀପ୍ ଟ୍ରଫି ଫାଇନାଲ୍: ପାଟିଦାର ଓ ଯଶ୍ ରାଠୋରଙ୍କ ଶତକ

# ଦ୍ୱିତୀୟ ଦିନ ସେଣ୍ଟ୍ରାଲ୍ ଜୋନ୍ ୩୮୪/୫



ସାଉଥ୍ ଜୋନ୍ ୧୪୯ ରନ୍‌ରେ ଅଲ୍‌ଆଉଟ୍

**ବେଙ୍ଗାଲୁରୁ,୧୨।୯/ଏଜେନ୍ସି:** ସ୍ଥାନୀୟ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସ ଗ୍ରାଉଣ୍ଡରେ ଖେଳାଯାଉଥିବା ଦୁଲୀପ୍ ଟ୍ରଫିର ଫାଇନାଲ୍ ମ୍ୟାଚ୍‌ରେ ସାଉଥ୍ ଜୋନ୍ ବିପକ୍ଷରେ ସେଣ୍ଟ୍ରାଲ୍ ଜୋନ୍ ନିଜ ସ୍ଥିତି ସୁଦୃଢ଼ କରିଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ସେଣ୍ଟ୍ରାଲ୍ ଜୋନ୍ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍ ବିନିମୟରେ ୩୮୪ ରନ୍ କରିଛି। ଏହା ସହିତ ଟିମ୍ ସାଉଥ୍ ଜୋନ୍ ବିପକ୍ଷରେ ୨୩୫ ରନ୍‌ରେ ଆଗୁଆ ରହିଛି। ଶୁକ୍ରବାର ସେଣ୍ଟ୍ରାଲ୍ ଜୋନ୍ ଅସମାପ୍ତ ପ୍ରଥମ ଇନିଂସ୍ ୫୦/୦ ସ୍କୋର୍‌ରୁ ଆଗକୁ ଖେଳିଥିଲା। କ୍ୟାପ୍ଟେନ୍ ରଜତ ପାଟିଦାର ୧୦୧ ରନ୍ କରି ଆଉଟ୍ ହୋଇଥିଲେ। ଷ୍ଟମ୍ପ ବେଳକୁ ଯଶ୍ ରାଠୋର ୧୩୭ ଏବଂ ସାରାଂଶ ଜୈନ୍ ୪୭ ରନ୍ କରି ଅପରାଜିତ ରହିଛନ୍ତି। ଏହା ବ୍ୟତୀତ ଦାନିଶ ମାଲେୱାର ୫୩, ଅକ୍ଷୟ ୱାଡ଼କର ୨୨, ଶୁଭମ୍ ଶର୍ମା ୬ ଏବଂ ଉପେନ୍ଦ୍ର ଯାଦବ ୫ ରନ୍ କରି ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ଗୁରୁବାର ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସାଉଥ୍ ଜୋନ୍ ପ୍ରଥମ ଇନିଂସ୍‌ରେ ୧୪୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ତନ୍ମୟ ଅଗ୍ରୱାଲ୍ ସର୍ବାଧିକ ୩୧ ରନ୍ କରିଥିଲେ। ତାଙ୍କ ବ୍ୟତୀତ ସଲ୍‌ମାନ୍ ନିଜାର ୨୪, ଅଙ୍କିତ ଶର୍ମା ୨୦, ରିକି ଭୁଇ ୧୫ ଏବଂ ଏମ୍‌ଡି ନିଧେଶ ୧୨ ରନ୍ କରିଥିଲେ। ସେଣ୍ଟ୍ରାଲ୍ ଜୋନ୍ ପକ୍ଷରୁ ସାରାଂଶ ଜୈନ୍ ୫ ଏବଂ କୁମାର କାର୍ତ୍ତିକେୟ ୪ ୱିକେଟ୍ ଅକ୍ତିଆର କରିଥିଲେ।

## ବିଶ୍ୱ ତୀରନ୍ଦାଜୀ: ରିକର୍ଭରେ ଭାରତର ହାତ ଖାଲି

# ଗାଥା ଖଡ଼କେ ବି ହାରିଲେ




**ନୂଆଦିଲ୍ଲୀ,୧୧।୯/ଏଜେନ୍ସି:** ବିଶ୍ୱ ଚାମ୍ପିଅନ୍‌ଶିପ୍‌ର ରିକର୍ଭ ତୀରନ୍ଦାଜୀରେ ଭାରତର ପଦକ ବିଜୟ ଅପେକ୍ଷା ଆହୁରି ବଢ଼ିଯାଇଛି। ଦେଶର ଶେଷ ଆଶା ଥିବା ୧୫ ବର୍ଷୀୟା ଗାଥା ଖଡ଼କେ ଶୁକ୍ରବାର ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ବିଶ୍ୱର ନମ୍ବର ଏକ ଲିମ୍ ସି-ହିୟୋନ୍‌ଙ୍କଠାରୁ ପରାଜିତ ହୋଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସର ଟ୍ରିବଲ୍ ପଦକ ବିଜେତା କୋରିଆ ତୀରନ୍ଦାଜ ଘରୋଇ ଦର୍ଶକଙ୍କ ଆଗରେ ବିନା କୌଣସି କଷ୍ଟରେ ମ୍ୟାଚ୍ ୬-୦ ନିଜ ନାମରେ କରିଛନ୍ତି। ଭାରତ ଶେଷଥର ପାଇଁ ୨୦୧୯ରେ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ରିକର୍ଭ ବର୍ଗରେ ପଦକ ଜିତିଥିଲା। ଡେନ୍ ବାଶ୍‌ରେ ତରୁଣଦୀପ୍ ରାୟ, ଅତନୁ ଦାସ ଏବଂ ପ୍ରବୀଣ ଯାଧଭଙ୍କ ପୁରୁଷ ଟିମ୍ ରୌପ୍ୟ ପଦକ ଜିତିଥିଲା।

ଦ୍ୱିତୀୟ ଥର କୌଣସି ସିନିୟର ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଗାଥା କୋରିଆ ଖେଳାଳିଙ୍କ ସାମ୍ନାରେ ତିଷ୍ଠିପାରି ନଥିଲେ। ଲିମ୍ ତିନି ପରଫେକ୍ଟ ୧୦ ସହିତ ଆରମ୍ଭ କରିଥିଲେ। ଜବାବରେ ଗାଥା କେବଳ ଦୁଇଟି ୯ ଏବଂ ଗୋଟିଏ ୮ ସହିତ ଜବାବ ଦେଇଥିଲେ। ଫଳରେ ଗାଥାଙ୍କୁ ପ୍ରଥମ ସେଟ୍ ୨୬-୩୦ରେ ହାରିବାକୁ ପଡ଼ିଥିଲା। ଏହାପରେ ମଧ୍ୟ ଗାଥା ଉପେକ୍ଷିତ ପ୍ରଦର୍ଶନ କରିପାରି ନଥିଲେ ଏବଂ ଭାରତୀୟ ରିକର୍ଭ ତୀରନ୍ଦାଜ ଲଗାତାର ତୃତୀୟ ଥର ବିଶ୍ୱ ଚାମ୍ପିଅନ୍‌ଶିପ୍‌ରୁ ଖାଲି ହାତରେ ଫେରିଛନ୍ତି। ଭାରତକୁ କେବଳ କମ୍ପାଉଣ୍ଡ ବର୍ଗରେ ପଦକ ମିଳିଛି। ଋଷଭ ଯାଦବ, ପ୍ରଥମେଶ ଫୁଗେ ଏବଂ ଅମନ ସୈନୀ ଟିମ୍ ଇଭେଣ୍ଟରେ ଜିତିଥିବା ଐତିହାସିକ ସ୍ୱର୍ଣ୍ଣ ପଦକ ମଧ୍ୟ ସାମିଲ। ଯାଦବ ଏହା ବ୍ୟତୀତ ଜ୍ୟୋତି ସୁରେଖା ଭେନ୍ନମ୍‌ଙ୍କ ସହ ମିକ୍ସଡ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ମଧ୍ୟ ଜିତିଥିଲେ।

## ମହିଳା ଦିନିକିଆ ବିଶ୍ୱକପ୍ ୨୦୨୫

# ପ୍ରଥମ ଥର ସମସ୍ତ ଅଫିସିଆଲ୍ ମହିଳା



ପ୍ୟାନେଲ୍‌ରେ ୪ ଭାରତୀୟ ସାମିଲ

**ଦୁବାଇ,୧୨।୯/ଏଜେନ୍ସି:** ଚଳିତ ମାସ ୩୦ ତାରିଖରୁ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ପାଇଁ ଆଇସିସି ଗୁରୁବାର ୧୮ ଜଣିଆ ମ୍ୟାଚ୍ ଅଫିସିଆଲ୍ (୧୪ ଅମ୍ପାୟାର୍, ୪ ରେଫରୀ) ନିଯୁକ୍ତ କରିଛି। ଟୁର୍ଣ୍ଣାମେଣ୍ଟର ୫୨ ବର୍ଷର ଇତିହାସରେ ପ୍ରଥମ ଥର ସମସ୍ତ ମ୍ୟାଚ୍ ଅଫିସିଆଲ୍ ଏବଂ ଅମ୍ପାୟାର୍ ମହିଳା ହେବେ। ଏହା ପୂର୍ବରୁ ଗତ ଦୁଇଟି ଟି-୨୦ ବିଶ୍ୱକପ୍ ଏବଂ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସମସ୍ତ ମ୍ୟାଚ୍ ଅଫିସିଆଲ୍ ମହିଳା ହିଁ ଥିଲେ। ଅମ୍ପାୟାରିଂ ପ୍ୟାନଲ୍‌ରେ ପୂର୍ବତନ ଭାରତୀୟ ଖେଳାଳି ବୃନ୍ଦା ରାଠୀ, ଏନ୍ ଜନନୀ ଏବଂ ଗାୟତ୍ରୀ ବେଣୁଗୋପାଳନ୍‌ଙ୍କୁ ମଧ୍ୟ ସ୍ଥାନ ମିଳିଛି। ପୂର୍ବତନ ଭାରତୀୟ କ୍ରିକେଟର୍ ଏବଂ ପ୍ରଥମ ମହିଳା ମ୍ୟାଚ୍ ରେଫରି ଜିଏସ୍ ଲକ୍ଷ୍ମୀ ଚାରିଜଣିଆ ମ୍ୟାଚ୍ ରେଫରି ପ୍ୟାନେଲ୍‌ର ସଦସ୍ୟ ହେବେ। ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି, ମ୍ୟାଚ୍ ଅଫିସିଆଲ୍ ପ୍ୟାନେଲ୍‌ର ସମସ୍ତ ସଦସ୍ୟ ମହିଳା ହେବା ମହିଳା କ୍ରିକେଟ୍‌ରେ ଏକ ଐତିହାସିକ ପଦକ୍ଷେପ ଏବଂ ଏହା ଫଳରେ ସଫଳତାର ଏକ ନୂଆ ଡାଇମେନ୍‌ସନ୍ ଦେଖାଯାଇପାରେ। ସେ ଆହୁରି କହିଛନ୍ତି, ଏହା କେବଳ ଏକ ଉପଲବ୍ଧି ନୁହେଁ, ବରଂ ଆଇସିସି କ୍ରିକେଟ୍‌ରେ ସମାନତା ଅଧିକାରକୁ କିପରି ପ୍ରୋତ୍ସାହିତ କରୁଛି ତାହା ମଧ୍ୟ ଦେଖିବାକୁ ମିଳିଛି।

**ଅମ୍ପାୟାର୍:** ଲରେନ୍ ଏଜେନ୍‌ବ୍ୟାଗ୍, କାଣ୍ଡେସ୍ ଲା ବୋର୍ଡେ, କିମ୍ କଟନ୍, ସାରା ଦେବନେଭାନା, ଶତିରା ଜାକିର ଜେସି, ରେରିନ୍ କ୍ଲାଷ୍ଟେ, ଏନ୍ ଜନନୀ, ନିମାଲୀ ପରେରା, କ୍ଲେୟର୍ ପୋଲୋସେକ୍, ବୃନ୍ଦା ରାଠୀ, ସୁ ରେଡ୍‌ଫର୍ନ, ଏଲୋଇସ୍ ଶେରିଡନ୍, ଗାୟତ୍ରୀ ବେଣୁଗୋପାଳନ୍, ଜ୍ୟାକ୍‌ଲିନ୍ ୱିଲିୟମ୍ସ।

**ମ୍ୟାଚ୍ ରେଫରି :** ଟ୍ରୁଡି ଆଣ୍ଡର୍‌ସନ୍, ଶାଣ୍ଡ୍ରେ ଫ୍ରିଟ୍‌ଜ, ଜିଏସ୍ ଲକ୍ଷ୍ମୀ, ମିଶେଲ୍ ପରେରା।

## ହଂକଂ ଓପନ୍: କ୍ୱାର୍ଟର୍‌ରେ ଲକ୍ଷ୍ୟ

# ସେମିଫାଇନାଲ୍‌ରେ ସାତ୍ତ୍ୱିକ୍-ଚିରାଗ ଯୋଡ଼ି

**ହଂକଂ,୧୨।୯/ଏଜେନ୍ସି:** ସାତ୍ତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଶୀର୍ଷ ପୁରୁଷ ଯୋଡ଼ି ହଂକଂ ଓପନ୍ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ସେହିପରି ଯୁବ ଶଟ୍‌ଲର୍ ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ଡବଲ୍ସର ରୋମାଞ୍ଚକର ତିନି ଗେମ୍ ବିଶିଷ୍ଟ କ୍ୱାର୍ଟର୍ ଫାଇନାଲ୍‌ରେ ଭାରତୀୟ ଯୋଡ଼ି ମାଲେସିଆର ଜୁନୈଦି ଆରିଫ୍ ଏବଂ ରୟ କିଙ୍ଗ୍ ୟାପ୍‌ଙ୍କୁ ୨୧-୧୪, ୨୦-୨୨, ୨୧-୧୬ରେ ହରାଇ ଦେଇଛି। ଏହା ପୂର୍ବରୁ ଗୁରୁବାର ସାତ୍ତ୍ୱିକ୍-ଚିରାଗ ଥାଇଲାଣ୍ଡର ପୀରାଟଚାଇ ସୁକଫୁନ୍ ଓ ପକ୍କାପୋନ୍ ଟିରାରତସାକୁଲ୍‌ଙ୍କୁ ହରାଇ କ୍ୱାର୍ଟର୍ ଫାଇନାଲ୍‌ରେ ନିଜ ସ୍ଥାନ ପକ୍କା କରିଥିଲେ। ସାତ୍ତ୍ୱିକ୍-ଚିରାଗ ଏକ ଘଣ୍ଟା ୩ ମିନିଟ୍‌ର ମ୍ୟାଚ୍‌ରେ ଗୋଟିଏ ଗେମ୍‌ରେ ପଛୁଆ ରହିବା ପରେ ୧୮-୨୧, ୨୧-୧୫, ୨୧-୧୧ରେ ବିଜୟୀ ହୋଇ ଅନ୍ତିମ-୮ରେ ପ୍ରବେଶ କରିଥିଲେ।

ସେହିପରି ବିଶ୍ୱ ନଂ.୨୦ ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସରେ ଚମତ୍କାର ପ୍ରଦର୍ଶନ କରି କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ସେ ନିଜ ଦେଶର ଏଚ୍‌ଏସ୍ ପ୍ରଣୟ (ବିଶ୍ୱ ନଂ.୩୪)ଙ୍କୁ ୧୫-୨୧, ୨୧-୧୮, ୨୧-୧୦ରେ ମାତ୍ ଦେଇଥିଲେ।

## ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ଶିପ୍: ଭାରତର ଚତୁର୍ଥ ପଦକ ପକ୍କା

# ସେମିଫାଇନାଲ୍‌ରେ ମୀନାକ୍ଷୀ ହୁଡ୍ଡା



**ଲିଭରପୁଲ୍,୧୨।୯/ଏଜେନ୍ସି:** ଭାରତୀୟ ବକ୍ସର୍ ମୀନାକ୍ଷୀ ହୁଡ୍ଡା ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ଶିପ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହା ସହିତ ଚାମ୍ପିଅନ୍‌ଶିପ୍‌ରେ ଭାରତର ଚତୁର୍ଥ ପଦକ ପକ୍କା ହୋଇଛି। ଶୁକ୍ରବାର ମହିଳା ୪୮ କେଜି ବର୍ଗର କ୍ୱାର୍ଟର୍ ଫାଇନାଲ୍‌ରେ ମୀନାକ୍ଷୀ ଇଂଲଣ୍ଡର ଏଲିସ୍ ପମ୍ଫ୍ରେଙ୍କୁ ୫-୦ରେ ହରାଇଛନ୍ତି। ବ୍ୟାକ୍ ଫୁଟ୍‌ରେ ରହି ମୀନାକ୍ଷୀ ନିଜ ଲମ୍ବା ହାତର ଫାଇଦା ଉଠାଇ ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ସିଧା ପଞ୍ଚ୍ ଜମାଇଥିଲେ। ଏହି ବିଜୟ ଫଳରେ ମୀନାକ୍ଷୀ ଅତିକମ୍‌ରେ ଏକ ବ୍ରୋଞ୍ଜ୍ ପଦକ ପକ୍କା କରିଛନ୍ତି। ସେମିଫାଇନାଲ୍‌ରେ ମୀନାକ୍ଷୀଙ୍କ ସାମ୍ନା ଦୁଇଥରର ବିଶ୍ୱ ଯୁଥ୍ ଚାମ୍ପିଅନ୍‌ଶିପ୍ ବିଜେତା ମଙ୍ଗୋଲିଆର ଲୁସାଇଖାନ୍‌ଙ୍କ ସହ ହେବ। ଚାମ୍ପିଅନ୍‌ଶିପ୍‌ରେ ମୀନାକ୍ଷୀଙ୍କ ପୂର୍ବରୁ ଜାସ୍ମିନ୍ ଲାମ୍ବୋରିଆ (୫୭ କେଜି), ନୂପୁର ଶ୍ୟୋରଣ (+୮୦ କେଜି) ଏବଂ ପୂଜା ରାଣୀ (୮୦ କେଜି) ନିଜ ନିଜ ଓଜନ ବର୍ଗର ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛନ୍ତି।

## ଓଡ଼ିଶା ପ୍ରୋ ଟି୨୦ ଲିଗ୍ ୨୦୨୫

# ୬ ଟିମ୍‌ର କ୍ୟାପ୍ଟେନ୍ ଓ କୋଚ୍‌ଙ୍କ ନାମ ଘୋଷଣା




**କଟକ,୧୨।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍)ର ଉଦ୍‌ଘାଟନୀ ସଂସ୍କରଣ ପାଇଁ ୬ ଟିମ୍‌ର କ୍ୟାପ୍ଟେନ୍ ଓ କୋଚ୍‌ଙ୍କ ନାମ ଘୋଷଣା କରାଯାଇଛି। ଗୁରୁବାର ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲିଗ୍‌ର ସମସ୍ତ ଫ୍ରାଞ୍ଚାଇଜିଙ୍କ ଦ୍ୱାରା ଗଠିତ ଟିମ୍‌ର ନାମ ମଧ୍ୟ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଏହି ଅନୁସାରେ ସ୍ୱସ୍ତିକ ସାମଲ କଟକ ପାନ୍ଥର୍ସ ଟିମ୍‌ର କ୍ୟାପ୍ଟେନ୍ ଏବଂ ପ୍ରଭଞ୍ଜନ ମଲ୍ଲିକ ମୁଖ୍ୟ କୋଚ୍ ଅଛନ୍ତି। ସମ୍ବଲପୁର ୱାରିୟର୍ସର ଶୁଭ୍ରାଂଶୁ ସେନାପତି କ୍ୟାପ୍ଟେନ୍ ଏବଂ ରଶ୍ମିରଞ୍ଜନ ଦାସ କୋଚ୍; ପୁରୀ ଟାଇଟନ୍ସର ସନ୍ଦୀପ ପଟ୍ଟନାୟକ କ୍ୟାପ୍ଟେନ୍ ଏବଂ ସୌରଭ ସେହଗଲ୍ ମୁଖ୍ୟ କୋଚ୍; ଭୁବନେଶ୍ୱର ଟାଇଗର୍ସର ସୂର୍ଯ୍ୟକାନ୍ତ ପ୍ରଧାନ କ୍ୟାପ୍ଟେନ୍ ଏବଂ ପ୍ରୀତମଜିତ୍ ଦାସ ମୁଖ୍ୟ କୋଚ୍; କେନ୍ଦୁଝର ମାଇନର୍ସର ଗୋବିନ୍ଦ ପୋଦ୍ଦାର କ୍ୟାପ୍ଟେନ୍ ଏବଂ ସଞ୍ଜୟ ଶତପଥୀ ମୁଖ୍ୟ କୋଚ୍; ରାଉରକେଲା ଷ୍ଟିଲର୍ସର ଆଶୀର୍ବାଦ ସ୍ୱାଇଁ କ୍ୟାପ୍ଟେନ୍ ଥିବାବେଳେ ସୁଜିତ୍ ବିଶ୍ୱାଳ ମୁଖ୍ୟ କୋଚ୍ ଅଛନ୍ତି। ଅନ୍ୟପକ୍ଷରେ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌କୁ ଦୁଇଦିନ ଘୁଞ୍ଚାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସଞ୍ଜୟ ଭୋଳ, ଓସିଏ ସଦସ୍ୟ ଧୀରେନ ପଲାଇ, ଡ. ଅଞ୍ଜନ କୁମାର ଖୁଣ୍ଟିଆ, ସନ୍ତୋଷ ଦାସ, ଶିବବ୍ରତ ମଲ୍ଲିକ ଏବଂ ଅମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ଦେଶରେ ଭିନ୍ନ ମତ

- ଆମକୁ ଖେଳିବାକୁ ପଡ଼ିବ: ଆଇପିଏଲ୍ ଅଧ୍ୟକ୍ଷ ଧୂମଲ୍
- ପୋଷ୍ଟରୁ ପାକିସ୍ତାନୀ ପତାକା ହଟାଇଲା ପଞ୍ଜାବ କିଙ୍ଗ୍‌ସ




**ନୂଆଦିଲ୍ଲୀ,୧୨।୯/ଏଜେନ୍ସି:** ଚଳିତ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ ତାରିଖରେ ମ୍ୟାଚ୍ ଅନୁଷ୍ଠିତ ହେବ। ଦୁବାଇ ଇଣ୍ଟରନାସ୍‌ନାଲ୍ ଷ୍ଟାଡିୟମ୍‌ରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ନେଇ ଭାରତରେ ଭିନ୍ନ ଭିନ୍ନ ରାୟ ଦେଖିବାକୁ ମିଳିଛି। ପହଲଗାମ ଆତଙ୍କୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ପରେ ଭାରତ ଓ ପାକିସ୍ତାନ କ୍ରିକେଟ୍ ଟିମ୍ ମଧ୍ୟରେ ଏହା ପ୍ରଥମ ମ୍ୟାଚ୍ ହେବ। କେତେକ ପୂର୍ବତନ କ୍ରିକେଟର୍, ରାଜନୈତିକ ଦଳ ଏବଂ ପ୍ରଶଂସକ ଏହାର ବିରୋଧ କରୁଛନ୍ତି। ଅନ୍ୟପକ୍ଷରେ ବିସିସିଆଇର କେତେକ ଅଧିକାରୀ ଏବଂ ପ୍ରଶଂସକଙ୍କ ଏକ ବର୍ଗ ଏହି ମ୍ୟାଚ୍ ସପକ୍ଷରେ ମତ ରଖିଛନ୍ତି।

ମ୍ୟାଚ୍‌ର ଦୁଇଦିନ ପୂର୍ବରୁ ଶୁକ୍ରବାର ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୂମଲ୍ କହିଛନ୍ତି- ପାକିସ୍ତାନ ସହିତ ଖେଳ ସମ୍ବନ୍ଧକୁ ନେଇ ସରକାର ସ୍ଥିତି ସ୍ପଷ୍ଟ କରିଦେଇଛନ୍ତି। ଏସିସି ଏବଂ ଆଇସିସି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହିତ ଖେଳିବାକୁ ହେବ। ଅନ୍ୟପକ୍ଷରେ ଶିବସେନା (ଉଦ୍ଧବ ଗୋଷ୍ଠୀ) ବିଧାୟକ ଆଦିତ୍ୟ ଠାକ୍‌ରେ କହିଛନ୍ତି, ଯେଉଁ ପାକିସ୍ତାନ ଆମ ଉପରେ ମିସାଇଲ୍ ମାଡ଼ କରିଛି। ଆମ ଦେଶରେ ଆତଙ୍କବାଦ ବଢ଼ାଉଛି ଏବଂ ପହଲଗାମରେ ନିର୍ଦ୍ଦୋଷ ଲୋକଙ୍କୁ ମାରିଛି ବିସିସିଆଇ ସେହି ପାକିସ୍ତାନ ବିପକ୍ଷରେ ଖେଳିବାକୁ ଏତେ ଉତ୍ସାହିତ କାହିଁକି ? ଦିନକ ପୂର୍ବରୁ ପୂର୍ବତନ କ୍ରିକେଟର୍ ହରଭଜନ ସିଂହ କହିଥିଲେ ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ବନ୍ଧ ଉନ୍ନତ ନହେବା ପର୍ଯ୍ୟନ୍ତ ପାରସ୍ପରିକ କ୍ରିକେଟ୍ କିମ୍ବା ବ୍ୟାପାର ହେବା ଉଚିତ ନୁହେଁ। ଏହା ପୂର୍ବରୁ ହରଭଜନ ସିଂହଙ୍କ ଟିମ୍ ଇଣ୍ଡିଆ ଚାମ୍ପିଅନ୍ସ ଜୁଲାଇରେ ଇଂଲଣ୍ଡରେ ଆୟୋଜିତ ୱାର୍ଲ୍ଡ ଲିଜେଣ୍ଡ୍ସ ଚାମ୍ପିଅନ୍‌ଶିପ୍‌ରେ ପାକିସ୍ତାନ ବିପକ୍ଷରେ ସେମିଫାଇନାଲ୍ ମ୍ୟାଚ୍ ଖେଳିନଥିଲା।

ସେହିପରି ଦିନକୁ ପୂର୍ବରୁ ଆଇପିଏଲ୍ ଟିମ୍ ପଞ୍ଜାବ କିଙ୍ଗ୍‌ସ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରିଥିଲା। ଏହି ପୋଷ୍ଟରେ ମ୍ୟାଚ୍‌ର ତାରିଖ, ଭେନ୍ୟୁ ଏବଂ ସମୟ ସବୁ ଦର୍ଶାଯାଇଥିବା ବେଳେ ପାକିସ୍ତାନ ପତାକା ଗାଏବ ଥିଲା। ପତାକା ସ୍ଥାନ ଖାଲି ଛଡ଼ାଯାଇଥିଲା। ଏହା ଉପରେ ପ୍ରଶଂସକ ଅଲଗା ଅଲଗା ପ୍ରତିକ୍ରିୟା ଦେଇଛନ୍ତି।

ଏହା ବ୍ୟତୀତ ଗୁରୁବାର ଭାରତ-ପାକିସ୍ତାନ ଏସିଆ କପ୍ ମ୍ୟାଚ୍ ରଦ୍ଦ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟରେ ଏକ ପିଆଇଏଲ୍ ଦାୟର ହୋଇଥିଲା। ମାତ୍ର ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାକୁ ମନା କରିଦେଇଥିଲେ। ଖଣ୍ଡପୀଠ କହିଥିଲେ ଏହା କେବଳ ଏକ ମ୍ୟାଚ୍। ଖଣ୍ଡପୀଠ ଆହୁରି ମଧ୍ୟ କହିଥିଲେ, ମ୍ୟାଚ୍ ପରି ଆୟୋଜନକୁ ରୋକିବା କୋର୍ଟଙ୍କ ଅଧିକାର କ୍ଷେତ୍ରରେ ଆସୁନାହିଁ, ବିଶେଷକରି ସୀମିତ ସମୟ ମଧ୍ୟରେ।






Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra